

ପୁଣି ଚମକିଲେ ଅଭିଷେକ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-92 ♦THURSDAY ♦25 SEPTEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୯୨ ♦ଗୁରୁବାର ♦୨୫ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଚାଉଳ ବକେୟା ୮୦୦୦ କୋଟି

## କେନ୍ଦ୍ର ଦେବାକୁ ଅରାଜି; ରାଜ୍ୟ ସରକାର ଅସହାୟ

■ **ଭୁବନେଶ୍ୱର, ୨୪।୯ (ସମିସ):** ଦୀର୍ଘଦିନ ହେଲା କେନ୍ଦ୍ର ସରକାର ଓଡ଼ିଶାକୁ ଦେଉ ନାହାନ୍ତି ଚାଉଳ ବାବଦ ବକେୟା ୮୦୦୦ କୋଟି ଟଙ୍କା। ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଏସମ୍ପର୍କରେ ବାରମ୍ବାର ଚିଠି ଲେଖି ବକେୟା ଦେବାକୁ କହିଥିଲେ ବି କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କଲେନାହିଁ। ଏବେ ଖୋଦ୍ ରାଜ୍ୟ ବିଜେପି ସରକାରଙ୍କ ମନ୍ତ୍ରୀ ବିଧାନସଭାରେ କେନ୍ଦ୍ର ସରକାର ବକେୟା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ୱୀକାର କରିଛନ୍ତି। କେବଳ ସେତିକି ନୁହେଁ, ଖାଦ୍ୟ ନିଗମ ବା ଏଫ୍‌ସିଆଇ ମଧ୍ୟ ଓଡ଼ିଶାରୁ ଚାଉଳ ଉଠାଉ ନ ଥିବା ମନ୍ତ୍ରୀ ସୂଚନା ଦେବା ସହ ଆବଶ୍ୟକ ହେଲେ ବଳକା ଚାଉଳକୁ ଟେଣ୍ଡର କରି ବିକ୍ରି କରିବେ ବୋଲି କହିଛନ୍ତି।



**ବଳକା ଚାଉଳ ଟେଣ୍ଡର କରିବେ ସରକାର**

ବୁଧବାର ପ୍ରଶ୍ନକାଳରେ ବିଧାୟକ ପ୍ରତାପ ଦେବଙ୍କ ଏକ ପ୍ରଶ୍ନର ଉତ୍ତର ପ୍ରଦାନ ଅବସରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବକେୟା ଦେବାରେ କେନ୍ଦ୍ର ସରକାରଙ୍କ ଅବହେଳା କଥା ପ୍ରକାଶ କରିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ଗଡୁଛି। ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି; ମାତ୍ର କେନ୍ଦ୍ର ସରକାର ଏହି ଅର୍ଥ ଦେବାକୁ ରାଜି ▶ପୃଷ୍ଠା-୭

## କାହା ନିୟନ୍ତ୍ରଣରେ ଏଫ୍‌ସିଆଇ ?

■ **ଭୁବନେଶ୍ୱର, ୨୪।୯ (ସମିସ):** ଏଫସିଆଇ ବଳକା ଚାଉଳ ଉଠାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଏକାଧିକ ବାର ଦାବି କରିଛି। କିଛି ସପ୍ତାହ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏନେଇ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ଯୋଗାଣ ମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ଉଦବେଗ ଜଣାଇଥିଲେ। ମାତ୍ର ଓଡ଼ିଶାର ▶ପୃଷ୍ଠା-୭





## ଲଦାଖକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ହିଂସା

# ମାତିଲେ 'ଜେନ୍ ଜେଡ୍'

■ **ଲେହ, ୨୪।୯ (ଏଜେନ୍ସି):** ହଠାତ୍ ଅଶାନ୍ତ ହୋଇପଡ଼ିଛି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ। ଲଦାଖକୁ ରାଜ୍ୟ ମାନ୍ୟତା ସହିତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଭଳି ସ୍ୱତନ୍ତ୍ର ସୁବିଧା ଦାବିରେ ଆଜି ହିଂସାତ୍ମକ ବିକ୍ଷୋଭ ହୋଇଛି। ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇବା ଫଳରେ ପୁଲିସ ବାହିନୀ ସହିତ ମୁହାଁମୁହିଁ ହୋଇଛନ୍ତି। ଲେହରେ ସେମାନେ ବ୍ୟାପକ ହିଂସାକାଣ୍ଡରେ ଲିପ୍ତ ରହିବାରୁ ନିୟନ୍ତ୍ରଣ କରିବାକୁ ଯାଇ ପୁଲିସକୁ ପ୍ରଥମେ ଲାଠି ଚାଳନା କରିବାକୁ ପଡ଼ିଥିଲା। କିନ୍ତୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ପୁଲିସ ଗୁଳିମାଡ଼ରେ ୪ ଜଣ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଘଟଣା ପରେ କେନ୍ଦ୍ରୀୟ ପ୍ରଶାସନ ଲେହରେ କର୍ଫ୍ୟୁ ଲାଗୁ କରିବା ସହିତ ସବୁପ୍ରକାର ବିକ୍ଷୋଭ, ସଭା ଶୋଭାଯାତ୍ରାକୁ ନିଷିଦ୍ଧ କରିଛନ୍ତି।

**ପୁଲିସ ଗୁଳିରେ ୪ ବିକ୍ଷୋଭକାରୀ ମୃତ**

**ସିଆରପି ଗାଡ଼ି, ବିଜେପି ଅଫିସରେ ନିଆଁ ଲଗାଇଲେ**

**କର୍ଫ୍ୟୁ ଜାରି, ପୁଲିସ ଫୋର୍ସ ମୁତୟନ**

ମିଳିଥିବା ସୂଚନା ଅନୁଯାୟୀ ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ତେବେ ଗତ ୧୫ ଦିନ ଧରି ଲେହ ଆପେକ୍ସ ବଡି ବା ଏଲ୍ଏବି ନାମରେ ଏକ ସଂଗଠନ ଅନଶନ ଚଳାଇଛି। ଏହାର ନେତୃତ୍ୱ ନେଉଛନ୍ତି ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍। ୧୫ଜଣ ଆମରଣ ଅନଶନରେ ବସିଥିବା ବେଳେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ୱାଙ୍ଗଚୁକଙ୍କୁ ମଧ୍ୟ ▶ପୃଷ୍ଠା-୭

### ଆଜିଠାରୁ ନୂଆଦିଲ୍ଲୀରେ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫'

## ଉଦ୍‌ଘାଟନ କରିବେ ମୋଦୀ



■ **ନୂଆଦିଲ୍ଲୀ ୨୪।୯ (ସମିସ):** ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ୪ ଦିନିଆ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭାରତ ମଣ୍ଡପମ୍‌ରେ ଆସନ୍ତାକାଲି ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ। ଏହି ଅବସରରେ ପିଏମଏଫଏମଇ ଯୋଜନା ଅଧୀନରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପ୍ରାୟ ୨୬,୦୦୦ ହିତାଧିକାରୀଙ୍କୁ ୭୭୦ କୋଟି ଟଙ୍କାରୁ ଅଧିକ ଋଣ ସଂଯୁକ୍ତ ସହାୟତା ପ୍ରଦାନ କରାଯିବ। ସେହିପରି ଫ୍ରାନ୍ସ, ଜର୍ମାନୀ, ଇରାନ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ଡେନମାର୍କ, ଇଟାଲୀ, ଥାଇଲାଣ୍ଡ, ଇଣ୍ଡୋନେସିଆ, ତାଇୱାନ, ବେଲଜିୟମ, ତାଞ୍ଜାନିଆ, ▶ପୃଷ୍ଠା-୭

## ଦିନକ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

■ **ଭୁବନେଶ୍ୱର, ୨୪।୯ (ସମିସ):** ନିର୍ଦ୍ଧାରିତ କାର୍ଯ୍ୟଦିବସର ଗୋଟିଏ ଦିନ ପୂର୍ବରୁ ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ ଥିବାରୁ ବିଧାନସଭାକୁ ମୁଲତବୀ କରିବା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ଶାସକ ଦଳ ବିଧାୟକ ସନାତନ ବିଜୁଳି, ଉପାସନା ମହାପାତ୍ର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇଥିଲେ। ଏହାପରେ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି।



**୬ ଦିନରେ ମାତ୍ର ୮ ତାରକା ପ୍ରଶ୍ନ, ଗୋଟିଏ ମୁଲତବୀ ଆଲୋଚନା**

ମୌସୁମୀ ଅଧିବେଶନ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗ ନେଇ ଗୃହରେ ହଙ୍ଗାମା କରିଥିଲେ। ମୁଖ୍ୟ ବିରୋଧୀ ବିଜେଡି ରାଜ୍ୟରେ ସାର ଅଭାବ, ପଞ୍ଚାୟତିରାଜ ବ୍ୟବସ୍ଥାରେ ବାବୁ ରାଜ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ଗୃହ ଅଚଳ କରିଥିଲା। ସେହିପରି ରାଜ୍ୟ ସରକାରଙ୍କ ବିରୋଧରେ ଚଳିତ ଅଧିବେଶନରେ କଂଗ୍ରେସ ଅନାସ୍ଥା ଆଣିବା ମଧ୍ୟ ଏହି ଅଧିବେଶନର ମୁଖ୍ୟାଂଶ ▶ପୃଷ୍ଠା-୭

# ଯୋଡ଼ି ଲଘୁଚାପ; ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୨୪।୯ (ସମିସ):** ଗତ ୨୪ ଘଣ୍ଟା ମଧ୍ୟରେ ମହାନଦୀ ଉପରମୁଣ୍ଡ ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ହୀରାକୁଦକୁ ପ୍ରବଳ ପାଣି ପ୍ରବେଶ କରୁଛି। ତେଣୁ ବୁଧବାର ସନ୍ଧ୍ୟାସୁଧା ହୀରାକୁଦର ୧୬ଟି ଗେଟ୍ ଖୋଲାଯାଇଛି। ହୀରାକୁଦ ଡ୍ୟାମର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବା ବେଳେ ବର୍ତ୍ତମାନ ଏହାର ସ୍ତର ୬୨୯.୯୫ ଫୁଟ ରହିଛି। ଏହି ସମୟରେ ହୀରାକୁଦର ଉପର ମୁଣ୍ଡରୁ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୮୬,୧୩୩ କ୍ୟୁସେକ ବନ୍ୟା ଜଳ ପ୍ରବେଶ କରୁଛି। ଅନ୍ୟପଟେ ଜଳ ଭଣ୍ଡାରରୁ ମହାନଦୀକୁ ସେକେଣ୍ଡ ପ୍ରତି ୨,୩୩,୦୧୯ କ୍ୟୁସେକ ବନ୍ୟା ଜଳ ନିଷ୍କାସନ କରାଯାଉଛି। ଫଳରେ ମହାନଦୀ ଏବେ ପୁଣି ଫୁଲିବାରେ ଲାଗିଛି। ଅପରପକ୍ଷରେ ପଛକୁ ପଛ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ବର୍ଷା ଜାରି ରହିଛି। ▶ପୃଷ୍ଠା-୭




**ହୀରାକୁଦ ଖୋଲିଲା ୧୬ ଗେଟ୍**

**ମହାନଦୀରେ ବଢ଼ୁଛି ଜଳସ୍ତର**

## ୨୭ରେ ମୁଣ୍ଡଳୀ ପହଞ୍ଚିବ ୭ ଲକ୍ଷ କ୍ୟୁସେକ୍ ବନ୍ୟାଜଳ

■ **ଭୁବନେଶ୍ୱର, ୨୪।୯ (ସମିସ):** ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଅଧିକ ଗେଟ୍ ଖୋଲିଛି। ଏହାଦ୍ୱାରା ୨୭ ତାରିଖ ସକାଳୁ ମୁଣ୍ଡଳୀଠାରେ ୭ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେବ। ଯଦି ତଳମୁଣ୍ଡରେ ବର୍ଷା ହୁଏ ତେବେ ପାଣି ଆହୁରି ଅଧିକ ବଢ଼ିବ। ଏହା ପ୍ରଭାବରେ ଶାଖା ନଦୀ କୁଆଖାଇ, ବିରୁପା, କାଠଯୋଡି, ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଇବ। ଏଣୁ ମହାନଦୀରେ ବନ୍ୟା ଆଶଙ୍କାକୁ ▶ପୃଷ୍ଠା-୭




# ଦୁର୍ଘଟଣାରେ ଗଲା ୫ ଜୀବନ

## ହାଇୱା ଧକ୍କାରେ ୩ ଯୁବକ ମୃତ

ସାନଖେମୁଣ୍ଡି,୨୪ା୯ (ସମିସ): ଆସିକା-ଦିଗପହଣ୍ଡି ଜାତୀୟ ରାଜପଥ ୩୨୬ ନମ୍ବର ପାଟପୁର ଥାନା ମହାନଳା ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଶେରଗଡ଼ରୁ ପାଇପ୍ କାମ ସାରି ବାଇକ୍‌ରେ ଫେରୁଥିବା ୩ ଜଣ ଯୁବକଙ୍କୁ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ଦିଗପହଣ୍ଡି ପନ୍ଦରାସାହିର କାଳିଆ ବେହେରା ଓ ଦିଗପହଣ୍ଡି ଅଞ୍ଚଳ ସାହିର ଅଶ୍ୱିନୀ କୁମାର ଦୋରା ଓ ବାଳକୃଷ୍ଣ ରେଡ୍ଡି । ପ୍ରକାଶ ଯେ, କାଳିଆ, ବାଳକୃଷ୍ଣ ଓ ଅଶ୍ୱିନୀ ଶେରଗଡ଼ରେ ଏକ ପାଣି ପାଇପ୍ କାମ ସାରି ବିଳମ୍ବିତ ସନ୍ଧ୍ୟାରେ ଗୋଟିଏ ବାଇକ୍‌ରେ ଫେରୁଥିଲେ । ଦିଗପହଣ୍ଡିରୁ ପାଟପୁର ଅଭିମୁଖେ ଯାଉଥିବା ବେଳେ ଏକ ହାଇୱା (ଓଡ଼ି୦୫ଏଫ୍-୯୦୦୧) ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ହାଇୱାଟି ବାଇକ୍‌କୁ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇ ପରେ ଏକ ବିଲ ଭିତରକୁ ପଶିଯାଇଥିଲା । ଫଳରେ ଘଟଣା ସ୍ଥଳରେ ୩ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିଲା । ପାଟପୁର ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଭ୍ୟାନ୍‌ରେ ମୃତକଙ୍କୁ ଦିଗପହଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ । ପୁଲିସ ହାଇୱାକୁ ଜବତ କରି ତଦନ୍ତ ଚଳାଇଛି ।

## ଟ୍ରେନ୍ ଧକ୍କାରେ ୨ ଭାଇ ମୃତ

ରାଉରକେଲା, ୨୪ା୯ (ସମିସ): ଟ୍ରେନ୍ ଧକ୍କାରେ ଚାଲିଯାଇଛି ଦୁଇ ଭାଇର ଜୀବନ । ଜିଆରପି ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ରେଳ ଫାଟକ ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରୁ ସାଢେ ୯ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି । ମୃତକ ସ୍ଥାନୀୟ ହରିପୁର ବସ୍ତିର ବଡ଼ ଭାଇ ରଞ୍ଜନ ପାତ୍ର (୧୮) ଓ ସାନ ଭାଇ ଜଗନ୍ ପାତ୍ର (୧୫) ବୋଲି ଜଣାପଡିଛି । ରେଳବାଇ ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସୂଚନାନୁଯାୟୀ, ଦୁଇ ଭାଇ ଉଦିତନଗର ଠାରେ ଥିବା ୧ ଦୋକାନକୁ ମୋବାଇଲ ମରାମତି କରିବାକୁ ଯାଇଥିଲେ । କାମ ସାରି ଦୁହେଁ ରେଳଧାରଣା ପାର ହେଉଥିବା ବେଳେ ବରସୁଆଁରୁ ବୀରମିତ୍ରପୁର ଅଭିମୁଖେ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିଲା ।

### ମୁଲତବୀ ଆଲୋଚନାରେ ସରକାରଙ୍କୁ ବିଜେଡିର ଭର୍ତ୍ସନା

# ଶାନ୍ତ ଓଡ଼ିଶା ଏବେ ଦେଶର କ୍ରାଇମ୍ କ୍ୟାପିଟାଲ

ଭୁବନେଶ୍ୱର,୨୪ା୯ (ସମିସ): ପୂର୍ବ ସରକାରରେ ପୁଲିସ ପ୍ରତି ଅପରାଧୀଙ୍କ ଭୟ ଥିଲା । ଓଡ଼ିଶାର ନାରୀ ଘରକୋଣରୁ ବାହାରି ସ୍ୱାବଲମ୍ବୀ ହେବା ପାଇଁ ସାହସ ଜୁଟାଇ ପାରୁଥିଲା । ମାତ୍ର ୧୫ ମାସର ସରକାରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି । ମହିଳା ବିରୋଧୀ ହିଂସା ଚରମ ସୀମାରେ ପହଞ୍ଚିଛି । ରାଜ୍ୟରେ ଏବେ ଆଇନର ନୁହେଁ; ଦୁର୍ଯ୍ୟୋଧନ, ଦୁଃଶାସନ ଶାସନ ଚାଲିଛି ବୋଲି କଡ଼ା ସମାଲୋଚନା କରିଛି ବିଜେଡି । ବୁଧବାର ମୁଲତବୀ ଆଲୋଚନାରେ ରାଜ୍ୟର ଆଇନ ଶୃଙ୍ଖଳା ଏବଂ ମହିଳାଙ୍କ ସୁରକ୍ଷାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେଡି ସଦସ୍ୟ ।

ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ବିଜେଡି ସରକାର ସମୟରେ ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ଥିଲା । ମାତ୍ର ୧୫ ମାସର ଶାସନରେ ଓଡ଼ିଶା ଦେଶର କ୍ରାଇମ କ୍ୟାପିଟାଲ ଭାବରେ ପରିଣତ ହୋଇଛି । ରାଜ୍ୟରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅପରାଧିକ ମାମଲା ୭.୧ ପ୍ରତିଶତ ବୃଦ୍ଧି ଘଟିଛି । ଶାନ୍ତିପ୍ରିୟ ରାଜ୍ୟରୁ ଅପରାଧ ପ୍ରବଣ ରାଜ୍ୟରେ ଓଡ଼ିଶା ପରିଣତ ହୋଇଛି । ଶୁଭମିତ୍ରାଙ୍କ ହତ୍ୟା ପରେ ଯେ ପୁଲିସରେ ଚାକିରି କରିଥିବା ଝିଅ ମଧ୍ୟ ସୁରକ୍ଷିତ

**"ରାଜ୍ୟରେ ଚାଲିଛି ଦୁର୍ଯ୍ୟୋଧନ, ଦୁଃଶାସନ ଶାସନ"**

ନୁହେଁ ତାହା ପ୍ରମାଣିତ ହୋଇଛି । କମିଶନରେଟ ପୁଲିସ ରାଜ୍ୟର ଶ୍ରେଷ୍ଠ ପୁଲିସିଂ ବ୍ୟବସ୍ଥା ବୋଲି କୁହାଯାଉଥିଲା । ମାତ୍ର ସେପ୍ଟେମ୍ବର ୬ ତାରିଖରେ କନେଷ୍ଟବଳ ଅପହରଣ ହୋଇଥିବା ବେଳେ ସେପ୍ଟେମ୍ବର ୧୭ରେ ଅର୍ଥାତ୍ ୧୧ ଦିନ ପରେ ତାଙ୍କର ମୃତଦେହ ମିଳିଲା । ୧୧ ଦିନ ପର୍ଯ୍ୟନ୍ତ ପୁଲିସ କଣ କରୁଥିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ । ଏପରିକି କମିଶନରେଟ ପୁଲିସ କାର୍ଯ୍ୟାଳୟ ପରିସରରେ ଦେଢ଼ ଘଣ୍ଟା କାଳ ଶୁଭମିତ୍ରାଙ୍କ ଶବ ରହିଥିଲେ ହେଁ ପୁଲିସ ଜାଣିପାରିଲା ନାହିଁ । ଏହା କଣ ଶ୍ରେଷ୍ଠ ପୁଲିସିଂ ବ୍ୟବସ୍ଥା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ ।

ଅପରପକ୍ଷେ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଏବିଭିପି ଛାତ୍ର ନେତାଙ୍କ ସମ୍ପୃକ୍ତି ନେଇ ଶ୍ରୀ ଦାସ ଅଭିଯୋଗରେ ଚିହିଁକି ଉଠିଥିଲେ ବିଜେପିର ବିଧାୟକମାନେ । ଏପରିକି ଏବିଭିପି ଛାତ୍ର ନେତାଙ୍କ ସମ୍ପୃକ୍ତି ନେଇ ଶ୍ରୀ ଦାସ ଯେଉଁ କେତେକ ଟିପ୍ପଣୀ ରଖିଛନ୍ତି, ତାହାକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ସେମାନେ ଦାବି କରିଥିଲେ । ଆଲୋଚନାରେ ଭାଗ ନେଇ ଦଳୀୟ ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ସତ କଥା କହିଲେ ବିଜେପି ବିଧାୟକଙ୍କ ଦେହରେ ନିଆଁ ଲାଗିଯାଉଛି । ୧୫ ମାସରେ ପୁଲିସର ମନୋବଳ ଭାଙ୍ଗିଗଲାଣି । ଏବେ କେହି ଅପରାଧ କଲେ ପୁଲିସ ସେମାନଙ୍କୁ ଗିରଫ କରିବାକୁ ଡରୁଛି ବୋଲି ସେ କହିଥିଲେ । ଦଳୀୟ ବିଧାୟିକା ସୁବାସିନୀ ଜେନା ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି ଜଣାଇଥିଲେ ।

ଧ୍ୟାନ ଆକର୍ଷଣ ନୋଟିସ ଆଣି ବିଜେପି ବିଧାୟକମାନେ ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ଅଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଅତୀତରେ ବିଜେଡି ସରକାର ସମୟରେ ଏକାଧିକ ମହିଳା ନିର୍ଯାତନା ଏବଂ ମୃତ୍ୟୁ ଘଟଣାରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ମହିଳା ବିରୋଧୀ ହିଂସା ବିରୋଧରେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରାଯାଉଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହି ଆଲୋଚନାରେ ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ଭାଗ ନେଇଥିଲେ ।

### ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ବିଜେପି ସରକାର ବିଫଳ

# ବିଧାନସଭା ଘେରିଲା ମହିଳା କଂଗ୍ରେସ

ଭୁବନେଶ୍ୱର, ୨୪ା୯ (ସମିସ): ରାଜ୍ୟରେ ମହିଳାଙ୍କୁ ସରକାର ସୁରକ୍ଷା ଦେଇ ପାରୁନଥିବା ଓ ମହିଳା ହିଂସା ବଢୁଥିବା ଅଭିଯୋଗ କରି ବିଧାନସଭା ଘେରିଛି ମହିଳା କଂଗ୍ରେସ । ଦଳର ହଜାର ହଜାର ମହିଳା କର୍ମୀ ଏକ ବିରାଟ ରାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବିଧାନସଭା ଅଭିମୁଖେ ଯାତ୍ରା କରୁଥିବା ବେଳେ ଲୋୟର ପିଏମଜି ଠାରେ ପୋଲିସ ସେମାନଙ୍କୁ ଅଟକାଇଛି । ପ୍ରାୟ ଏକଘଣ୍ଟା କାଳ ମହିଳା କଂଗ୍ରେସ କର୍ମୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହେବା ପରେ ଶେଷରେ ମହିଳା କର୍ମୀମାନଙ୍କୁ ପୁଲିସ ଉଠାଇ ନେଇଛି ।

ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ଅଧ୍ୟକ୍ଷା ମିନାକ୍ଷୀ ବାହିନୀପତି କହିଛନ୍ତି ଯେ ଓଡିଶାରେ ମହିଳାମାନେ ଅସୁରକ୍ଷିତ । ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମର ଶିକାର ହେଉଥିବା ବେଳେ ମୋହନ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି । ଏପରିକି ପୋଲିସ କାର୍ଯ୍ୟାଳୟରେ ମଧ ମହିଳା ପୋଲିସ ସୁରକ୍ଷିତ ନାହାନ୍ତି । ୬୫ ହଜାର ମହିଳା ନିଖୋଜ ଅଛନ୍ତି , ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ, ହଷ୍ଟେଲରେ ଏପରିକି ମହିଳା ଆଶ୍ରମରେ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି ।

ବିଧାନସଭାରେ କଂଗ୍ରେସ ବିଧାୟକମାନେ ଓଡିଶାରେ ମହିଳା ନର୍ଯାତନା ରୋକିବାପାଇଁ ସରକାରଙ୍କର ବଳିଷ୍ଠ ପଦକ୍ଷେପ ଏବଂ ଏକ କମିଟି




ଗଠନ କରିବାପାଇଁ ଦାବି କରିଥିଲେ । ମାତ୍ର କଂଗ୍ରେସ ବିଧାୟକମାନଙ୍କୁ ଗୃହ ଭିତରେ ଶାରୀରିକ ଆକ୍ରମଣ କରାଗଲା, ଶାସକ ଦଳର ବିଧାୟକମାନେ କଂଗ୍ରେସ ବିଧାୟକମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କଲେ ଓ କଂଗ୍ରେସ ବିଧାୟକମାନଙ୍କୁ ବଳପୂର୍ବକ ବିଧାନସଭାରୁ ବାହାର କରିଦିଆଗଲା । ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଲୋୟର ପିଏମଜି ଠାରେ ଓଡିଶାର ମହିଳାଙ୍କୁ ନ୍ୟାୟ ଦାବିରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ବେଳେ କଂଗ୍ରେସ କର୍ମୀଙ୍କ ଉପରେ ପାଣି, ରବରବୁଲେଟ୍ ମାଡ଼ କରାଗଲା । ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ ପୋଲିସ କେସ ହେଲା ।

ବାଲେଶ୍ୱର ଏଫଏମ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମଦାହ ଠୁ ଆରମ୍ଭ କରି, ତାଳଚେରର ଗଣଦୁଷ୍କର୍ମ ଓ ହତ୍ୟା, କେନ୍ଦୁଝରର ଗଣଦୁଷ୍କର୍ମ ଓ ହତ୍ୟା, ଗୋପାଳପୁର ଗଣଦୁଷ୍କର୍ମ ପ୍ରଭୃତି ଘଟଣାରେ ଓଡିଶାରେ ମହିଳାଙ୍କର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଓଡିଶାର ମହିଳାମାନଙ୍କୁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ପୀଡିତାମାନଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ମହିଳା କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ସେ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମହିଳା କଂଗ୍ରେସର ଓଡିଶା ପ୍ରଭାରୀ ତୂଳିକା କର୍ମା ଯୋଗଦେଇ କହିଥିଲେ ଯେ ଓଡିଶାର କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାର ବିରୁଦ୍ଧରେ ରାଜ୍ୟର ମହିଳା ମାନଙ୍କର ସ୍ୱର ଶାଣିତ ହେଉ । ମହିଳାମାନଙ୍କୁ ସୁରକ୍ଷା ଦେଇପାରୁନଥିବା ମୋହନ ସରକାର ତୁରନ୍ତ ଗାଦି ଛାଡନ୍ତୁ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରା ପ୍ରସାଦ ବାହିନୀପତି, ରାମଚନ୍ଦ୍ର କାଡାମ, ସୁରେଶ କୁମାର ରାଉତରାୟ, ଦାସରଥି ଗମାଙ୍ଗୋ, ରାଜନ ଏକା, ମଙ୍ଗୁ ଖିଲ, ପବିତ୍ର ସାଉଁଟା, ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋଶ, ପ୍ରଦେଶ କଂଗ୍ରେସର ବରିଷ୍ଠ ନେତା, ପ୍ରଦେଶ ମହିଳା କଂଗ୍ରେସର ନେତୃବର୍ଗ ଏବଂ ବିଭିନ୍ନ ଜିଲ୍ଲା ମହିଳା କଂଗ୍ରେସର ନେତୃବର୍ଗ ଅଂଶଗ୍ରହଣ କରିଥିଲେ ।

## ୨୦ ଲକ୍ଷ ପାଇଁ ଶୁଭମିତ୍ରାଙ୍କୁ ହତ୍ୟା: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୪ା୯ (ସମିସ): ମୁଲତବୀ ଆଲୋଚନାରେ ଉତ୍ତର ରଖିବା ବେଳେ ଟ୍ରାଫିକ ପୁଲିସ କନେଷ୍ଟବଳ ଶୁଭମିତ୍ରା ହତ୍ୟାକାଣ୍ଡ ଏବଂ ହତ୍ୟାକାରୀ ଦୀପକ ରାଉତଙ୍କୁ ନେଇ ବିଧାନସଭାରେ ଏକାଧିକ ଚାଞ୍ଚଲ୍ୟକର ତଥ୍ୟ ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

- **ଟ୍ରକ୍ ଦୁର୍ଘଟଣାରେ ଅପର୍ଣ୍ଣାଙ୍କ ମୃତ୍ୟୁ କଥା ଅସତ୍ୟ**
- **ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କୁ ବି ହତ୍ୟା କରିଥିଲା ଦୀପକ**

ବିଜେଡି ପକ୍ଷରୁ ଆଗତ ଏହି ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୨୦ ଲକ୍ଷ ପାଇଁ ପୁଲିସ କନଷ୍ଟେବଳ ଶୁଭମିତ୍ରାଙ୍କୁ ହତ୍ୟା କରାଯାଇଛି । ଅଭିଯୁକ୍ତ ଦୀପକ ରାଉତଠାରୁ ୨୦ ଲକ୍ଷ ଦାବି କରିଥିଲେ ଶୁଭମିତ୍ରା । ଏଥିରେ ରାଜି ନ ହୋଇ ଦୀପକ ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛି । ଅଭିଯୁକ୍ତ ଦୀପକ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀକୁ ବୀମା ଅର୍ଥ ପାଇବାକୁ ହତ୍ୟା କରିଥିଲା । ଟ୍ରକ୍ ଦୁର୍ଘଟଣାରେ ଅପର୍ଣ୍ଣାଙ୍କ ମୃତ୍ୟୁ ହେଲା ବୋଲି ସେତେବେଳେ କୁହାଗଲା । ଯେଉଁ ଟ୍ରକ୍ ଦୁର୍ଘଟଣା କରିଥିଲା ବୋଲି କୁହାଯାଇଥିଲା । ମାତ୍ର ଉକ୍ତ ଦିନ ସେହି ଟ୍ରକ୍ ରାଉରକେଲାରେ ଥିଲା । ୨୦୨୨ରେ ଅଭିଯୁକ୍ତ ଦୀପକ ପ୍ରଥମ ପତ୍ନୀଙ୍କୁ ହତ୍ୟା କରିଥିଲା । ସେତେବେଳେ ସଠିକ୍ ତଦନ୍ତ ହୋଇଥିଲେ ଶୁଭମିତ୍ରାଙ୍କ ଜୀବନ ଯାଇ ନ ଥନ୍ତା ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

ବୁଧବାର ବିରୋଧୀ ଦଳ ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବରେ ମନ୍ତ୍ରୀ ଉତ୍ତର ରଖି କହିଛନ୍ତି ଯେ ଅଭିଯୁକ୍ତ ଦୀପକ ସ୍ୱୀକାର କରିଛନ୍ତି ଯେ ଶୁଭମିତ୍ରା ହତ୍ୟାକାଣ୍ଡ ଘଟଣାରେ ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ଝାରପଡା ସ୍ୱତନ୍ତ୍ର ଜେଲ ହାଜତରେ ଅଛନ୍ତି । ମାମଲାଟିରେ ବର୍ତ୍ତମାନ ଅଧିକ ତଦନ୍ତ କରାଯାଉଛି । ୧.୦୭.୨୦୨୪ ରିଖରୁ ତା୩୦.୦୬.୨୦୨୫ରିଖ ମଧ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧିକ ମାମଲାକୁ ଯଦି ପୂର୍ବ ବର୍ଷର ସେହି ସମୟ ମଧ୍ୟରେ ହୋଇଥିବା ଅପରାଧକୁ ତୁଳନା କରାଯାଏ, ତେବେ ଅପରାଧ ସଂଖ୍ୟା ସାମଗ୍ରିକ ଭାବରେ ହ୍ରାସ ଘଟିଛି । ଆମ ସରକାର କ୍ଷମତାକୁ ଆସିବା ପରେ ଯେତେ ଅପରାଧ ସଂଗଠିତ ହୋଇଛି, ତୁରନ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି । ଅପରାଧୀ ଯିଏ ଏବଂ ଯେତେ ବି ଶକ୍ତିଶାଳୀ ହେଉପଛେ, ଯଦି ଭୁଲ୍ କରିବେ ସେମାନଙ୍କୁ କ୍ଷମା ମିଳିବ ନାହିଁ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ବ୍ରହ୍ମପୁରରୁ ସୁରତ୍‌କୁ ଗଡ଼ିବ ଅମୃତ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର,୨୪ା୯ (ସମିସ): ଓଡିଶାରୁ ଗୁଜରାଟକୁ ଚାଲିବ ଅମୃତ ଭାରତ ଏକ୍ସପ୍ରେସ୍ । ଏହି ଟ୍ରେନ୍ ବ୍ରହ୍ମପୁରରୁ ସୁରତ୍ ପର୍ଯ୍ୟନ୍ତ ଯିବ । ଉଦଘାଟନୀ ଟ୍ରେନ୍‌କୁ ବ୍ରହ୍ମପୁର ରେଳ ଷ୍ଟେସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଝାରସୁଗୁଡ଼ାରୁ ସେପ୍ଟେମ୍ବର ୨୭ (ଶନିବାର)ରେ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ଟ୍ରେନ୍ ବିଜୟନଗରମ୍-ରାୟଗଡା-ଟିଟିଲାଗଡ଼-ରାୟପୁର-ନାଗପୁର-ଭୁସାୱାଲ ଦେଇ ପ୍ରମୁଖ ସହର ଏବଂ ନଗର ଗୁଡିକୁ ସଂଯୋଗ କରିବ । ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଏକାଧିକ ପ୍ରମୁଖ ଜିଲ୍ଲାକୁ ଏହି ଟ୍ରେନ୍ ସଂଯୋଗ କରିବ । ବ୍ରହ୍ମପୁର ଏବଂ ସୁରଟ (ଉଧନା) ମଧ୍ୟରେ ଚାଲିବାକୁ ଥିବା ଏହି ଅମୃତ ଭାରତ ଏକ୍ସପ୍ରେସ୍ ଖଣିଜ, ବୟନଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି, ବ୍ୟବସାୟ ଏବଂ ଶ୍ରମଶକ୍ତିର ଗତିବିଧିକୁ ସମର୍ଥନ କରି ଆର୍ଥିକ ଏବଂ ଶିଳ୍ପ ଗତିଶୀଳତାକୁ ବୃଦ୍ଧି କରିବ । ଅମୃତ ଭାରତ ଟ୍ରେନ୍ ସେବା ଆଧୁନିକ ଏଲଏଚବି କୋଚ୍, ଉନ୍ନତ ଆସନ ବ୍ୟବସ୍ଥା ଏବଂ ଆଧୁନିକ ଅନବୋର୍ଡ ସୁବିଧା ମାଧ୍ୟମରେ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ । ଏହା ବ୍ୟତୀତ, ଏହି ଟ୍ରେନ୍ ଯାତ୍ରା ସମୟ ହ୍ରାସ କରି ଏବଂ ଏକାଧିକ ଟ୍ରେନ୍ ବଦଳାଇବାର ଆବଶ୍ୟକତାକୁ ଦୂର କରି ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧାକୁ ବୃଦ୍ଧି କରିବ । ଟ୍ରେନ୍ ନଂ. ୦୯୦୨୨ ବ୍ରହ୍ମପୁର-ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ ଶନିବାର ୧୨ଟାରେ ବ୍ରହ୍ମପୁରରୁ ଛାଡ଼ି ପରଦିନ ଅର୍ଥାତ ରବିବାର ରାତି ୯ଟା ସମୟରେ ଉଧନାରେ ପହଞ୍ଚିବ । ଏହି ଟ୍ରେନ୍ ପଲାସା, ବିଜୟନଗରମ୍, ରାୟଗଡା, ଟିଟିଲାଗଡ଼, ରାୟପୁର, ନାଗପୁର, ଭୁସାୱାଲ ଏବଂ ନନ୍ଦୁରବାର ସମେତ ପ୍ରମୁଖ ଷ୍ଟେସନରେ ରହଣି କରିବ ।

# ଡାହା ମିଛ କହୁଛନ୍ତି ଶ୍ରୀମୟୀ: ବିଜେଡି

ଭୁବନେଶ୍ୱର,୨୪ା୯ (ସମିସ): ବିଜେଡିରୁ ନିଲମ୍ବିତ ହେବା ପରେ ଶ୍ରୀମୟୀ ମିଶ୍ର ଗଣମାଧ୍ୟମରେ ଦେଇଥିବା ପ୍ରତିକ୍ରିୟାକୁ ମିଛ ପ୍ରମାଣିତ କରିଛି ବିଜେଡି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଁ ଗତ ଏକ ବର୍ଷ ହେଲା ବିଜେଡିରେ ନଥିଲି ବୋଲି କହିଛନ୍ତି । ଏହା ଉପରେ ପ୍ରତିକ୍ରିୟା ଦେଇ ବିଜେଡି ଶ୍ରୀମୟୀ ଜଣେ ଡାହା ମିଛେଇ ବୋଲି କହିଛି ।ଏହା ସହିତ ଗତ ଏକ ବର୍ଷ ଭିତରେ ଦଳର ସଦସ୍ୟ ସଂଗ୍ରହ ଅଭିଯାନ ସମେତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଶ୍ରୀମୟୀ ସାମିଲ ହୋଇଥିବାର ଫଟୋ ଓ ଭିଡିଓକୁ ପ୍ରମାଣ ସ୍ୱରୂପ ଆଜି ଗଣମାଧ୍ୟମ ସମ୍ମୁଖରେ ପ୍ରଦର୍ଶିତ କରିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଶ୍ରୀମୟୀଙ୍କ ମନ୍ତବ୍ୟକୁ ମିଥ୍ୟା ବୋଲି ପ୍ରମାଣିତ କରିବା ସହିତ ସେ ଜଣେ ଅଭ୍ୟାସଗତ ମିଛୁଆ ବୋଲି କହିଥିଲେ । ଶ୍ରୀମତୀ ଛୁରିଆ କହିଥିଲେ ଯେ ବିଜେଡି ହେଉଛି ଭାରତର ସଫଳତମ ରାଜନୈତିକ ଦଳ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଏହି ଦଳ ରାଜ୍ୟବାସୀଙ୍କ ଆଶୀର୍ବାଦ ପାଇଁ ୨୪ ବର୍ଷ ରାଜ୍ୟର ଶାସନଭାର ସମ୍ଭାଳିବାର ସୌଭାଗ୍ୟ ଅର୍ଜନ କରିଥିଲା । ଶୃଙ୍ଖଳା ଭଙ୍ଗ କରିଥିବାରୁ ଗତକାଲି ଶ୍ରୀମୟୀ ମିଶ୍ରଙ୍କ ସମେତ ତିନି ଜଣଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ନିଲମ୍ବନ ଆଦେଶ ଗଣମାଧ୍ୟମରେ ପ୍ରସାରିତ ହେବା ପରେ



ଶ୍ରୀମୟୀ ଗତ ଏକ ବର୍ଷ ହେଲା ବିଜେଡିରେ ନାହାନ୍ତି ବୋଲି ମନ୍ତବ୍ୟ ଦେଇଥିଲେ । ମାତ୍ର ଗତ ଏକ ବର୍ଷ ଭିତରେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଛନ୍ତି, ଦଳର ନେତୃତ୍ୱ ଓ କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିଛନ୍ତି । ଏହି ସମୟରେ ଦଳ ତାଙ୍କୁ ଭିନ୍ନ ଭିନ୍ନ ପଦବୀରେ ଦାୟିତ୍ୱ ଦେଇଛି । କୌଣସି ସମୟରେ ସେ ଦଳରେ ନାହାନ୍ତି ବୋଲି ମନ୍ତବ୍ୟ ରଖିନାହାନ୍ତି । ମାତ୍ର ଗତକାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଦଳ ତାଙ୍କୁ ନିଲମ୍ବନ କରିବା ପରେ, ସେ ଦଳରେ ନାହାନ୍ତି ବୋଲି ମନ୍ତବ୍ୟ ଦେବା ଡାହା ମିଛ ବୋଲି ପ୍ରମାଣିତ ହେଉଛି ।

ଡ. ଲେନିନ ମହାନ୍ତି କହିଥିଲେ ଯେ ଗତ ନିର୍ବାଚନ ପରଠାରୁ ବିଜେଡିର ପୁନର୍ଗଠନ ହୋଇଥିବା ବିଭିନ୍ନ ପଦବୀରେ ଶ୍ରୀମୟୀଙ୍କ ନାମ ଘୋଷଣା କରାଯାଇଥିଲା ।

**ଫଟୋ ଓ ଭିଡିଓ ଜାରି କରି ଦଳ ଦେଲା ପାଲଟା ଜବାବ**

ଯେତେବେଳେ ପଦବୀ ପାଉଥିଲେ ଶ୍ରୀମୟୀ କୌଣସି ମନ୍ତବ୍ୟ ଦେଇ ନ ଥିଲେ । ମାତ୍ର ଗତକାଲି ଯେତେବେଳେ ଦଳ ତାଙ୍କୁ ଶୃଙ୍ଖଳାଗତ କାରଣରୁ ନିଲମ୍ବନ କଲା, ସେ ଗଣମାଧ୍ୟମକୁ ମନ୍ତବ୍ୟ ଦେଇ ସେ ଦଳରେ ନାହାନ୍ତି ବୋଲି କହୁଛନ୍ତି । ତାଙ୍କ ମନ୍ତବ୍ୟ ସ୍ପଷ୍ଟ ଦିବାଲୋକରେ ମିଥ୍ୟା ବୋଲି ପ୍ରମାଣିତ ହୋଇଛି । ଦଳ ତାଙ୍କୁ ବିଭିନ୍ନ ପଦ ପଦବୀ ଦେଇ ଯଥେଷ୍ଟ ସମ୍ମାନ ଦେଇଥିଲା, କିନ୍ତୁ ସେହି ସମ୍ମାନର ମାନ ସେ ରଖିନାହାନ୍ତି ବୋଲି ଲେନିନ୍ କହିଛନ୍ତି ।

## ଫେବୃଆରୀ ୧୭ରୁ ସିବିଏସ୍‌ଇ ପରୀକ୍ଷା

ଭୁବନେଶ୍ୱର, ୨୪ା୯ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସୂଚୀ ପ୍ରକାଶ ପାଇଛି । ଫେବୃଆରୀ ୧୭ ତାରିଖରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହେବ । ଚଳିତ ବର୍ଷ ପରୀକ୍ଷା ଆରମ୍ଭ ହେବାର ପ୍ରାୟ ପାଞ୍ଚ ମାସ ଅର୍ଥାତ୍ ୧୪୬ ଦିନ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି । ପରୀକ୍ଷା ସୂଚୀ ଅନୁଯାୟୀ, ଦଶମ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ ୪ ତାରିଖରେ ସରିବ । ଚଳିତବର୍ଷ ଉଭୟ ଶ୍ରେଣୀରେ ପାଖାପାଖି ୪୫ ଲକ୍ଷ ଛାତ୍ରଛାତ୍ରୀ ୨୦୪ ଟି ବିଷୟରେ ପରୀକ୍ଷା ଦେବେ । ସିବିଏସ୍‌ଇ ବିଦ୍ୟାଳୟ ଥିବା ୨୬ ଟି ଦେଶରେ ମଧ୍ୟ ପରୀକ୍ଷା ଅନୁଷ୍ଠିତ ହେବ । ଦିନକୁ ଗୋଟାଏ ଲେଖାଏଁ ସିଫ୍ଟରେ ସକାଳ ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ । ଏହା ଚୂଡ଼ାନ୍ତ ସୂଚୀ ହୋଇ ନ ଥିଲେ ମଧ୍ୟ ସାମ୍ଭାବ୍ୟ ତାରିଖ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି । ଆବଶ୍ୟକ ହେଲେ ଏଥିରେ ସଂଶୋଧନ ହୋଇପାରେ ।

## ପୂଜା ପାଇଁ ସରକାରୀ କର୍ମଚାରୀଙ୍କୁ ଆଗୁଆ ଦରମା

ଭୁବନେଶ୍ୱର,୨୪ା୯ (ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ଦରମା ମିଳିବ । ଚଳିତ ସେପ୍ଟେମ୍ବର ମାସର ଦରମା ୨୬ ତାରିଖରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ । ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସଟି ୨.୦ ସଂସ୍କାର ପରେ ସାରା ଦେଶରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି ।

# ୯ ମାସରେ ଗଲାଣି ୮୨ ଦାଦନ ଜୀବନ

ଭୁବନେଶ୍ୱର,୨୪ା୯ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରାଜ୍ୟରେ ଦାଦନ ଏକ ବଡ଼ ସମସ୍ୟା ବୋଲି ଚିତ୍କାର କରୁଥିଲା । କ୍ଷମତାକୁ ଆସିଲେ ଦାଦନ ସମସ୍ୟାର ସମାଧାନ କରିଦେବୁ ବୋଲି ଦଳୀୟ ନେତାମାନେ ବାହାସ୍ଫୋଟ ବି ମାରୁଥିଲେ । ମାତ୍ର ସରକାର ଗଠନକୁ ଏହାରି ଭିତରେ ଦେଢ଼ ବର୍ଷ ବିତିଲାଣି, ଏଯାବତ୍ ଦାଦନ ନିରାକରଣ ଦିଗରେ ସରକାରଙ୍କ ପଦକ୍ଷେପ ଏକ ଟାସ୍କ ଫୋର୍ସ ଗଠନ ମଧ୍ୟରେ ସୀମିତ ରହିଛି । ଶାସକ ଦଳର ବିଧାୟକ ଅନ୍ୟପକ୍ଷରେ ଓଡ଼ିଶାରୁ ଦାଦନ ଶ୍ରମିକ ହୋଇ ଯାଉଥିବା ଲୋକମାନେ ବାହାର ରାଜ୍ୟରୁ ଶବ ହୋଇ ଫେରୁଛନ୍ତି । ଶତାଧିକ ଲୋକଙ୍କର ଅକାରଣରେ ପ୍ରାଣ ଚାଲିଯାଉଛି । ହେଲେ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ରାଜ୍ୟରେ ଲକ୍ଷାଧିକ ଟଙ୍କାର ପୁଞ୍ଜି ବିନିଯୋଗ ହେଉଛି ଓ ହେବ ବୋଲି ସରକାର ଜୋର୍‌ଦାର୍ ପ୍ରଚାର କରୁଥିଲେ ବି ଦାଦନ ରୋକିବା ନେଇ ସୁଦୂରପ୍ରସାରୀ ଯୋଜନା ସରକାର କରିପାରୁନାହାନ୍ତି ।

ଗତ କିଛି ମାସ ଭିତରେ ଶ୍ରମିକ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଦାଦନ ଶ୍ରମିକ ଓ ମୃତ୍ୟୁ ସଂଖ୍ୟା ଅଧିକ ରହିଛି । ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର ଆଦି ଜିଲ୍ଲାରେ ସର୍ବାଧିକ ଶ୍ରମିକ ପ୍ରାଣ ହରାଇଛନ୍ତି । ଚଳିତ ବର୍ଷ ଅର୍ଥାତ୍ ୨୦୨୫ରେ ୮୨ ଜଣ

**ଆଖିଦୃଶିଆ ହେଉନି ଦାଦନ ଟାସ୍କଫୋର୍ସ କାର୍ଯ୍ୟ**

ପ୍ରବାସୀଙ୍କ ମୃତ୍ୟୁ ହୋଇଥିବା ବେଳେ ନବରଙ୍ଗପୁରର ସର୍ବାଧିକ ୧୦ଜଣ ପ୍ରବାସୀ ଶ୍ରମିକ ଅଛନ୍ତି । ଅନ୍ୟପକ୍ଷରେ ପ୍ରବାସୀ ଦାଦନମାନଙ୍କୁ ଅକଥନୀୟ ଅତ୍ୟାଚାର, ଶୋଷଣ କରାଯାଉଥିବା ସେମାନେ ଅଭିଯୋଗ ହୋଇଛି । ବର୍ତ୍ତମାନ ଆମ ଦେଶରେ

### ପ୍ରତିଶ୍ରୁତି ପାଣିର ଗାର, ନିଧଡ଼କ ଚାଲିଛି ଶ୍ରମିକ ଚାଲାଣ

୪୧ କୋଟି ୪ଲକ୍ଷ ୨ ହଜାର ୯୧୭ ପ୍ରବାସୀ ଶ୍ରମିକ ଥିବାବେଳେ ଆମ ରାଜ୍ୟର ସଂଖ୍ୟା ୧୪ତମ ସ୍ଥାନରେ ରହିଥିବା ଜଣାପଡ଼ିଛି । ସାଧାରଣତଃ ଗୋଟିଏ



ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିବା ସବୁପ୍ରକାର ଶ୍ରମିକ, ଦାଦନ ଶ୍ରମିକ ବୋଲି ସାଧାରଣ ଲୋକଙ୍କ ଧାରଣା; କିନ୍ତୁ କିଛି ଅଗ୍ରୀମ ଟଙ୍କା ନେଇ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମିକମାନଙ୍କୁ ଦାଦନ ଶ୍ରମିକ କୁହାଯାଏ । ଠିକାଦାରମାନେ ଏହି ଅଗ୍ରୀମ ଅର୍ଥ ଶ୍ରମିକମାନଙ୍କୁ ଦିଅନ୍ତି । ସେମାନେ ସେଥିପାଇଁ ବାହାର ରାଜ୍ୟର ବଡ଼ ଠିକାଦାର କିମ୍ବା ନିଯୁକ୍ତିଦାତାଙ୍କ ପାଖରୁ ଆଗୁଆ ଟଙ୍କା ଆଣିଥା'ନ୍ତି । ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁସାରେ କେବଳ ଅଗ୍ରୀମ ନେଇ ଠିକାଦାରଙ୍କ ଜରିଆରେ ୫ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବା ବ୍ୟବସ୍ଥାକୁ ଦାଦନ ଶ୍ରମିକ ବା ପ୍ରବାସିକ ଶ୍ରମିକ ଆଇନର ପରିସରଭୁକ୍ତ ।

ଦାଦନଜନିତ ବିସ୍ଥାପନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଯେଉଁ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି ସେଥିରେ, ଉପ-ମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ମହିଳା ଓ ଶିଶୁବିକାଶ, ମିଶନଶକ୍ତି, ପର୍ଯ୍ୟଟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବମାନେ ସଦସ୍ୟ ଭାବରେ ଅଛନ୍ତି । ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଓଡ଼ିଶାର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ନିମନ୍ତେ ସବିଶେଷ ଭାବରେ ଆଲୋଚନା କରିବା ସହ ସେସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ସରକାର ଜୋର୍‌ଦାର ପ୍ରଚାର କଲେ । ମାତ୍ର ଗତ ଦେଢ଼ ବର୍ଷ ଭିତରେ ଏହାର କୌଣସି ସୁଫଳ ଶ୍ରମିକମାନଙ୍କୁ ମିଳିନି । ନିକଟ ଅତୀତରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇଁ ପାଳନ କରିବାକୁ ବାହାର ରାଜ୍ୟରୁ ହଜାର ହଜାର ଶ୍ରମିକ ଭିଟାମାଟି ମୁହାଁ ହୋଇଥିଲେ ପରବର୍ତ୍ତୀ ସମୟରେ ସେମାନେ ପୁଣିଥରେ ଦଲାଲ୍‌ମାନଙ୍କ ସାହାଯ୍ୟରେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ମାତ୍ର ସରକାର ଏହାକୁ ରୋକିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇପାରୁନାହାନ୍ତି ।



ସତ୍ୟମେବ ଜୟତେ

ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ
ଭାରତ ସରକାର

# ଭାରତୀୟ ଖାଦ୍ୟ ଅର୍ଥନୀତି ପାଇଁ
## ଏକ ପ୍ରବେଶ ଦ୍ୱାର

ଚତୁର୍ଥ ସଂସ୍କରଣ

**WORLD FOOD INDIA 2025**
୨୫ ରୁ ୨୮ ସେପ୍ଟେମ୍ବର
ସମୃଦ୍ଧି ପାଇଁ ପ୍ରକ୍ରିୟାକରଣ

## ଉଦ୍‌ଘାଟନ କରିବେ

# ନରେନ୍ଦ୍ର ମୋଦୀ
## ପ୍ରଧାନମନ୍ତ୍ରୀ

**୨୫ ସେପ୍ଟେମ୍ବର, ୨୦୨୫ | ସନ୍ଧ୍ୟା ୧୮:୦୦ ଘଟିକା | ଭାରତ ମଣ୍ଡପମ୍, ନୂଆଦିଲ୍ଲୀ**

### ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ର ମୁଖ୍ୟ ଆକର୍ଷଣ

**ବିଶ୍ୱସ୍ତରୀୟ ସମ୍ମେଳନ, ଅସୀମିତ ସୁଯୋଗ**
୧୮୦୦+ ପ୍ରଦର୍ଶକ, ୫୦୦+ ଆନ୍ତର୍ଜାତୀୟ କ୍ରେତା, ୧୦୦+ ଦେଶ

**ଗତିଶୀଳ ପରିବେଶକୁ ପ୍ରୋତ୍ସାହନ**
ବିଶ୍ୱ ଖାଦ୍ୟ ନିୟାମକ ସମ୍ମିଳନୀ, ୨୦୨୫ ଓ ଭାରତୀୟ ଆନ୍ତର୍ଜାତୀୟ ସିଫୁଡ୍ ମେଳା, CEO କାର୍ଯ୍ୟକ୍ରମ, ଷ୍ଟାର୍ଟ-ଅପ ପ୍ରଦର୍ଶନୀ ଓ ବିଷୟବସ୍ତୁ ଆଧାରିତ ଆଲୋଚନାଚକ୍ର

**ସ୍ୱାଦ, ଭବିଷ୍ୟତ ଏବଂ ଭାଗିଦାରୀ**
ଲାଇଭ୍ ଫୁଡ୍ ଜୋନ୍, ନବୀନତା କେନ୍ଦ୍ର, କ୍ରେତା-ବିକ୍ରେତା ସମ୍ମିଳନୀ

**ବିଶ୍ୱରୁ ଭାରତକୁ, ଏକ କେନ୍ଦ୍ରସ୍ଥଳୀରେ**
୨୦+ ଦେଶର ପ୍ୟାଭିଲିଅନ୍ ଓ ୨୫+ ରାଜ୍ୟ ଭାଗ ନେଉଛନ୍ତି

### ଗତ ୧୧ ବର୍ଷର ସଫଳତା

**ଗତିଶୀଳ ମୂଲ୍ୟବୋଧ, କ୍ଷମତାଶାଳୀ ପ୍ରଗତି**
ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗରେ ସମୁଦାୟ ମୂଲ୍ୟ ବୃଦ୍ଧି (GVA) ୨୦୧୪ ରୁ ୧୫ରେ ଟ.୧.୩୪ ଲକ୍ଷ କୋଟିରୁ ୨୦୨୩-୨୪ରେ ଟ.୨.୨୪ ଲକ୍ଷ କୋଟିକୁ ବୃଦ୍ଧି ପାଇଛି

**ବିଶ୍ୱସ୍ତରୀୟ ଆତ୍ମବିଶ୍ୱାସ, ଭାରତର ସୁଯୋଗ**
୨୦୧୪-୧୫ ରୁ ୨୦୨୪-୨୫ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣରେ ବିଦେଶୀ ପୁଞ୍ଜି ବିନିଯୋଗ ଟ. ୫୩,୦୦୦ କୋଟିରୁ ଅଧିକ

**ଭାରତୀୟ ପଦାର୍ଥକୁ ବିଶ୍ୱସ୍ତରୀୟ କରିବା**
ଭାରତୀୟ ପ୍ରକ୍ରିୟାଜାତ ଖାଦ୍ୟର ରପ୍ତାନି ଦ୍ୱିଗୁଣ ହୋଇ ୨୦୧୪-୧୫ରେ ଟ.୩୩ ହଜାର କୋଟିରୁ ୨୦୨୪-୨୫ରେ ଟ.୮୬ ହଜାର କୋଟିରେ ପହଁଞ୍ଚିଛି

**ଏକ ଦଶକର ସ୍ଥିର, ନିରନ୍ତର ଅଭିବୃଦ୍ଧି**
୨୦୨୩-୨୪ ରେ ଶେଷ ହୋଇଥିବା ଗତ ନଅ ବର୍ଷ ମଧ୍ୟରେ ଏହି କ୍ଷେତ୍ର ପ୍ରଭାବଶାଳୀ ଅଭିବୃଦ୍ଧି ହାସଲ କରିଛି ଏବଂ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର - ୬.୫୫%କୁ ଅତିକ୍ରମ କରିଛି ।

**ସିଧା ପ୍ରସାରଣ ଡିଡି ନ୍ୟୁଜ୍**

www.worldfoodindia.gov.in | @worldfoodindia | Scan to Visit WFI 2025

# ଗଣେଶ ଭସାଣି ଶୋଭାଯାତ୍ରାରେ ତୁମୂଳକାଣ୍ଡ; ୬ ଗିରଫ

## ଶୋଭାଯାତ୍ରାକାରୀଙ୍କ ଆକ୍ରମଣରେ ମହିଳା ଗୁରୁତର, ଦୋକାନ ଭଙ୍ଗାରୁଜା



ବଳଙ୍ଗା,୨୪।୯ (ସମିସ): ମଙ୍ଗଳବାର ରାତିରେ ବଳଙ୍ଗା ବଜାରରେ ଗଣେଶ ଭସାଣି ଶୋଭାଯାତ୍ରାକାରୀମାନେ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ସର୍ବସମ୍ମୁଖରେ ମଦ୍ୟପାନ କରି ଦୋକାନ ଆଗରେ ମଦ ବୋତଲ ଭାଙ୍ଗିଥିଲେ। ଏହାର ପ୍ରତିବାଦ କରିବାରୁ ଜଣେ ଔଷଧ ଦୋକାନୀଙ୍କୁ ଆକ୍ରମଣ କରି ଦୋକାନ ଭଙ୍ଗାରୁଜା କରିବା ସହ ଦୋକାନରୁ ଲୁଟ୍‌ପାଟ୍ କରିବା ସହିତ ଜଣେ ମହିଳାଙ୍କୁ ଭଙ୍ଗା କାଚ ବୋତଲ ଓ ଇଟାରେ ଆକ୍ରମଣ କରି ଗୁରୁତର କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାରେ ସମ୍ପୃକ୍ତ ଥିବା ୬ ଅଭିଯୁକ୍ତଙ୍କୁ ବୁଧବାର ପୁଲିସ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବଳଙ୍ଗା ମତଗଜପୁର ଦଳିତ ସାହିର ପ୍ରଦୀପ ବେହେରା, ମିଟୁ ପରିଡ଼ା, ନଟିଆ ପରିଡ଼ା, ପ୍ରତାପ ବେହେରା, ମନୋଜ ପରିଡ଼ା ଓ ପ୍ରଭାତ କୁମାର ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ ମତଗଜପୁର ଦଳିତ ସାହିର ଗଣେଶ ଭସାଣି ଶୋଭାଯାତ୍ରା ହେଉଥିଲା। ସାହିର ଯୁବକମାନେ ଅତ୍ୟଧିକ ମଦ୍ୟପାନ କରି ବଜାର ମଝିରେ ଥିବା ଗୀତାଞ୍ଜଳି ମେଡିସିନ ଷ୍ଟୋର ଆଗରେ ଖୁଲମ୍‌ଖୁଲା ମଦ୍ୟପାନ କରି ଉକ୍ତ ମଦ ବୋତଲକୁ ତଳେ ବାଡ଼େଇ ଭାଙ୍ଗିଥିଲେ। ଏହି ଘଟଣାରେ ସେଠାରେ ଉପସ୍ଥିତ ଥିବା ଚକବଳଙ୍ଗାର ସୁନିଲ ଖଟୁଆଙ୍କ ଦେହରେ କାଚଗୁଣ୍ଡ ବାଜିବାରୁ ସେ ଏହାର ପ୍ରତିବାଦ କରିଥିଲେ। ଫଳରେ ଅଭିଯୁକ୍ତମାନଙ୍କ ସହ ସାମିଲ୍ ଥିବା ୨୫ରୁ ଊର୍ଦ୍ଧ୍ୱ ଯୁବକ ସୁନିଲ ଓ ତାଙ୍କ ସାଙ୍ଗଙ୍କୁ ଆକ୍ରମଣ କରିବା ସମୟରେ ସୁନିଲଙ୍କ ଖୁଡ଼ି ରଞ୍ଜୁଲତା ଖଟୁଆ ସୁନିଲଙ୍କୁ ଉଦ୍ଧାର କରିବାବେଳେ ସେମାନେ ରଞ୍ଜୁଲତାଙ୍କ ମୁଣ୍ଡକୁ ଭଙ୍ଗା ଇଟାରେ ଛେଚିବା ସହ ଭଙ୍ଗା କାଚ ବୋତଲରେ ଆକ୍ରମଣ କରିଥିଲେ। ରଞ୍ଜୁଲତାଙ୍କ ପରିବାର ଲୋକ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରିବା ସମୟରେ ଅସାମାଜିକମାନେ ସେମାନଙ୍କ ଉପରକୁ ମଧ୍ୟ ଭଙ୍ଗା ଇଟା ଫୋପାଡ଼ିଥିଲେ। ଆକ୍ରମଣରେ ରଞ୍ଜୁଲତାଙ୍କ ମୁଣ୍ଡ ଓ ଶରୀରରେ ଗୁରୁତର କ୍ଷତ ହୋଇଥିଲାବେଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ଘଟଣା ସମୟରେ ସେଠାରେ ଥିବା ଗୀତାଞ୍ଜଳି ମେଡିସିନ ଷ୍ଟୋର ମାଲିକ ଦୋକାନ ଭିତରେ ନିଜ ମୋବାଇଲରେ ସମସ୍ତ ଘଟଣା ରେକର୍ଡିଂ କରୁଥିବା ଦେଖି ତାଙ୍କ ଦୋକାନ ଭିତରେ ପଶି ଭଙ୍ଗାରୁଜା କରିବା ସହ ଦୋକାନ ମାଲିକ ସତ୍ୟନାରାୟଣ ଦାଶଙ୍କୁ ଆକ୍ରମଣ କରି ଦୋକାନରୁ ଲୁଟ୍‌ପାଟ୍ କରିଥିଲେ। ଏନେଇ ରଞ୍ଜୁଲତାଙ୍କ ସ୍ୱାମୀ ସୁବାସ ଖଟୁଆଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପଣ୍ଡା କହିଛନ୍ତି।

# ବେଳାମାର୍ଗରେ ମହିଳାଙ୍କୁ ହତ୍ୟା ଉଦ୍ୟମ ଘଟଣା; ମୁଖ୍ୟ ଅଭିଯୁକ୍ତ ଗିରଫ



କୋଣାର୍କ,୨୪।୯ (ସମିସ): କୋଣାର୍କ-ପୁରୀ ବେଳାମାର୍ଗର ଚନ୍ଦ୍ରଭାଗା କଚ୍ଛିଙ୍କ ଘର ନିକଟରେ ଗତ ସୋମବାର ଅପରାହ୍ନରେ ଜଣେ ମହିଳାଙ୍କ ଗଳାକାଟି ହତ୍ୟା ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ମଙ୍ଗଳବାର ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ଗୋପ ଥାନା ଅନ୍ତର୍ଗତ ବଣହରା ଗ୍ରାମର ସମୀର ସାହୁ(୩୦)। ବୁଧବାର କୋଣାର୍କ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଘଟଣାର ସବିଶେଷ ସୂଚନା ଦେଇଛନ୍ତି। ଜଗତସିଂହପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ଲକ୍ଷ୍ମୀପ୍ରିୟା ଭୋଇ ନାମକ ଜଣେ ମହିଳାଙ୍କର ଫେସବୁକ୍ ମାଧ୍ୟମରେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ବଣହରା ଗ୍ରାମର ସମୀର ସାହୁଙ୍କ ସହିତ ବନ୍ଧୁତା ସ୍ଥାପନ ହୋଇଥିଲା। ପରେ ମୋବାଇଲ ନମ୍ବର ଆଣି ପରସ୍ପର କଥାବାର୍ତ୍ତା ହେଉଥିଲେ। ସ୍ୱାମୀ ମାନସଙ୍କ ସହିତ ମନୋମାଳିନ୍ୟ ଥିବା ଲକ୍ଷ୍ମୀପ୍ରିୟା ସମୀରଙ୍କୁ ଜଣାଇଥିଲେ। ଏହି ଘଟଣାକୁ ନେଇ ଚନ୍ଦ୍ରଭାଗାରେ ଅଲେଖ ବାବାଙ୍କ ପାଖରେ ପୂଜାପାଠ କଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସମୀର କହିଥିଲେ। ଏହାକୁ ବିଶ୍ୱାସ କରି ଲକ୍ଷ୍ମୀପ୍ରିୟା ଜଗତସିଂହପୁରରୁ ବସ୍‌ରେ କୋଣାର୍କ ଆସିଥିଲେ। ସମୀର ତାଙ୍କ ବାଇକରେ ଲକ୍ଷ୍ମୀପ୍ରିୟାଙ୍କୁ ବସାଇ ବେଳାମାର୍ଗ ବୁଲାଇଥିଲେ। ବେଳାମାର୍ଗ କଚ୍ଛିଙ୍କ ଘର ନିକଟ ନିଛାଟିଆ ଜାଗାରେ ଦୁହେଁ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଠେଲାପେଲା ମଧ୍ୟରେ ସମୀର ପକେଟରୁ ଛୁରି ବାହାର କରି ଆକ୍ରମଣ କରିଥିଲା। ଲକ୍ଷ୍ମୀପ୍ରିୟାଙ୍କୁ ମୃତପ୍ରାୟ ଅବସ୍ଥାରେ ଫୋପାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବେଳାମାର୍ଗ କଚ୍ଛିଙ୍କ ଘର ନିକଟରେ ଲକ୍ଷ୍ମୀପ୍ରିୟାଙ୍କୁ ଉକ୍ତ ଗୁରୁତର ଅବସ୍ଥାରେ ଚନ୍ଦ୍ରଭାଗା ଟୁରିଷ୍ଟ ପୁଲିସ ଉଦ୍ଧାର କରି ପ୍ରଥମେ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର, କ୍ୟାପିଟାଲ ହସ୍ପିଟାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣାକୁ ନେଇ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ତୁରନ୍ତ ଅଭିଯୁକ୍ତକୁ ଧରିବା ପାଇଁ ଚାରିଛକ, ଗୋପ, କୋଣାର୍କ, ରାମଚଣ୍ଡୀ ଥାନା ଓ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପୁରୀ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ରାମଚଣ୍ଡୀ ଆଇଆଇସି, ସାମୁଦ୍ରିକ ଥାନା ଆଇଆଇସି, ଗୋପ ଆଇଆଇସି, ଚାରିଛକ ଓ କୋଣାର୍କ ପୁଲିସ ଅଭିଯୁକ୍ତର ମୋବାଇଲ ଟ୍ରାକିଂ କରି ଗତ ମଙ୍ଗଳବାର ସନ୍ଧ୍ୟାରେ ଗୋପ ଥାନା ଅଧୀନସ୍ଥ ବଣହରା ଗ୍ରାମରେ ଚଢ଼ଉ କରି ଅଭିଯୁକ୍ତ ସମୀର ସାହୁଙ୍କୁ ଗିରଫ କରିଥିଲା।

## ୨ ମୋବାଇଲ୍ ଓ ଛୁରି ଜବତ

ପୁଲିସ ଅଭିଯୁକ୍ତ ଓ ମହିଳାଙ୍କ ଦୁଇଟି ମୋବାଇଲ ସହ ବ୍ୟବହୃତ ଛୁରି ଓ ବାଇକ୍ ଜବତ କରିଛି। ଲକ୍ଷ୍ମୀପ୍ରିୟା ଭୋଇଙ୍କ ସ୍ୱାମୀ ମାନସ ଭୋଇ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଙ୍ଗଳବାର କୋଣାର୍କ ପୁଲିସ ପକ୍ଷରୁ ୧୮୭/୨୫ରେ ସମୀର ନାମରେ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ଆକ୍ରମଣ ମାମଲା: ଦେଢ଼ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ବଳଙ୍ଗା,୨୪।୯ (ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମରେ ଜଣେ ମହିଳାଙ୍କୁ କଟୁରୀରେ ଆକ୍ରମଣ କରି ଗୁରୁତର କରିବା ମାମଲାରେ ବଳଙ୍ଗା ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଦେଢ଼ବର୍ଷ ପରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଗ୍ରାମର ବାଲୁଙ୍କି ମାଝୀ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଅଭିଯୁକ୍ତ ବାଲୁଙ୍କି ଓ ଅଜୟ ମାଝୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ବର୍ଷ ଡିସେମ୍ବର ୨ ତାରିଖରେ ଭାନୁମତିଙ୍କ ଘରେ ପଶି କଟୁରୀରେ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ଏନେଇ ଭାନୁମତିଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇ ଅଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲାବେଳେ ବାଲୁଙ୍କି ଫେରାର୍ ହୋଇଯାଇଥିଲେ। ବାଲୁଙ୍କି ଘରେ ଥିବା ନେଇ ସୂଚନା ପାଇବା ପରେ ବଳଙ୍ଗା ଥାନା ଏସ୍‌ଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଡାଙ୍ଗୁରା ଗ୍ରାମରେ ଚଢ଼ଉ କରି ବାଲୁଙ୍କିଙ୍କୁ ଗିରଫ କରିଥିଲା।

# ବିଦେଶରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

## ମରଶରୀର ଫେରାଇ ଆଣିବାକୁ ସରକାରଙ୍କ ନିକଟରେ ନିବେଦନ



ଅସ୍ତରଙ୍ଗ,୨୪।୯ (ସମିସ): ବିଦେଶରେ କାମ କରୁଥିବା ଅବସ୍ଥାରେ ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଏବେ ଉକ୍ତ ଯୁବକଙ୍କ ମରଶରୀରକୁ ନିଜ ଜନ୍ମସ୍ଥାନକୁ ଫେରାଇ ଆଣିବାକୁ ପରିବାର ଲୋକେ ସରକାରଙ୍କୁ ନିବେଦନ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଝାଡ଼ଲିଙ୍ଗ ପଞ୍ଚାୟତ ବିଲୁଆମୁଣ୍ଡଳୀ ଗ୍ରାମରେ। ସୂଚନା ମୁତାବକ, ଏହି ଗ୍ରାମର ଶ୍ରୀଧର ସେନାପତିଙ୍କ ସାନ ପୁଅ ଶିଶିର ସେନାପତି(୩୨) ଆଜକୁ ୧୧ ବର୍ଷ ହେବ ଦୁବାଇର ସାରଜା ଅଞ୍ଚଳରେ ଏକ କମ୍ପାନୀରେ ସର୍ଭିସ୍ ମ୍ୟାନେଜର ରୂପେ କାମ କରୁଥିଲେ। ଗତ ୨୨ ତାରିଖରେ କମ୍ପାନୀରେ କାର୍ଯ୍ୟରତ ଥିବା ସମୟରେ କମ୍ପାନୀର ଲିଫ୍ଟ ଫେଲ୍ ହୋଇଥିଲା ଏବଂ ଦୁର୍ଘଟଣାର ଶିକାର ହୋଇ ଶିଶିର ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ୨୩ ତାରିଖରେ ଶିଶିରଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ତାଙ୍କର ଜଣେ ଓଡ଼ିଆ ବନ୍ଧୁ ଅସ୍ତରଙ୍ଗରେ ଥିବା ତାଙ୍କ ପରିବାରକୁ ଫୋନ୍ ମାଧ୍ୟମରେ ସୂଚନା ଦେଇଥିଲେ। ଶିଶିରଙ୍କ ବଡ଼ ଭାଇ ବାହାରେ ରହୁଥିବାବେଳେ ତାଙ୍କ ବାପା ଜଣେ ହୃଦ୍‌ରୋଗୀ ଓ ମାଆ ଜଣେ ଉଚ୍ଚରକ୍ତଚାପ ରୋଗୀ। ଶିଶିରଙ୍କ ରୋଜଗାରରେ ପରିବାର ପ୍ରତିପୋଷଣ ହୁଏ, ଆଉ ବାପା-ମାଆଙ୍କର ଚିକିତ୍ସା ମଧ୍ୟ ହୁଏ। ମାତ୍ର ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଏବେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସେମାନଙ୍କ ପାଖରେ ଆର୍ଥିକ ସମସ୍ୟା ଓ ବାର୍ଦ୍ଧକ୍ୟତା କାରଣରୁ ପୁଅକୁ ଏତେ ଦୂରରୁ ଆଣିବା ସକ୍ଷମ ନୁହନ୍ତି ବୋଲି ତାଙ୍କ ବାପା-ମାଆ କହିଥିବାବେଳେ ଏବେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ନିଜ ପୁଅର ପାର୍ଥିବ ଶରୀର ଅସ୍ତରଙ୍ଗକୁ ଆଣିବା ପାଇଁ। ଏହି ଘଟଣା କୌଣସି ପ୍ରକାରେ ପୁରୀ ଜିଲ୍ଲାପାଳଙ୍କ ଗୋଚରକୁ ଯିବା ପରେ ପୁରୀ ଜିଲ୍ଲା ଅତିରିକ୍ତ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ଦୁଇ ଜଣିଆ ଟିମ୍ ବୁଧବାର ଅସ୍ତରଙ୍ଗ ବିଲୁଆମଣ୍ଡଳୀସ୍ଥିତ ତାଙ୍କ ଗ୍ରାମକୁ ଆସି ତଦନ୍ତ କରିବା ସହ କିପରି ତାଙ୍କ ମରଶରୀର ଗାଁରେ ପହଞ୍ଚିବ ସେଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

# ନାବାଳିକା ଅପହରଣ ମାମଲା; ଫେରାର୍ ଅଭିଯୁକ୍ତ ଗିରଫ

ବଳଙ୍ଗା,୨୪।୯ (ସମିସ): ଗତ ଫେବୃଆରୀ ମାସରେ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଘଟିଥିବା ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଯୁବକକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ଉକ୍ତ ଥାନା ଅନ୍ତର୍ଗତ କୋଠସାହିର କୃଷ୍ଣଚନ୍ଦ୍ର ବେହେରା ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୫ ବର୍ଷୀୟା କଲେଜ ଛାତ୍ରୀକୁ କଲେଜ ଯିବା ବାଟରୁ ଅପହରଣ କରିନେଇଥିଲା। ଏନେଇ ନାବାଳିକାର ଭଉଣୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ଅପହରଣ ମାମଲା ରୁଜୁ କରାଯାଇଥିଲା। ପରେ ପୁଲିସ ଅପହୃତା ନାବାଳିକାକୁ ଉଦ୍ଧାର କରିଥିଲାବେଳେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଫେରାର୍ ହୋଇଯାଇଥିଲା। କୃଷ୍ଣଚନ୍ଦ୍ର ମଙ୍ଗଳବାର ରାତିରେ ଗାଁକୁ ଆସିଥିବା ନେଇ ବଳଙ୍ଗା ଥାନା ଏସ୍‌ଆଇ ସସ୍ମିତା ବେହେରା ସୂଚନା ପାଇବା ପରେ ତାଙ୍କ ଘରେ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲେ।

# ସମାଜସେବୀଙ୍କ ପରଲୋକ



ନୟାହାଟ,୨୪।୯ (ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଖାଣିପିପୁର ମହାନ୍ତିସାହି ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ହୃଷୀକେଶ ମହାନ୍ତି (୬୩)ଙ୍କ ବୁଧବାର ତାଙ୍କ ବାସଭବନରେ ପରଲୋକ ହୋଇଛି। ସେ ଜଣେ ସମାଜସେବୀ, ମିଷ୍ଟଭାଷୀ, ପରୋପକାରୀ ଓ ମେଳାପି ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାର ହେବା ପରେ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବୀଟି, କୃଷ୍ଣ ଚନ୍ଦ୍ର ବାରିକ, କ୍ଷେତ୍ରମୋହନ ସାହୁ, ଲୋଚନ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଜାତୀୟ ସେବା ଯୋଜନା ଦିବସରେ ବୃକ୍ଷରୋପଣ

ବ୍ରହ୍ମଗିରି,୨୪।୯ (ସମିସ): ବୁଧବାର ଜାତୀୟ ସେବା ଯୋଜନା ଦିବସ ଉପଲକ୍ଷେ ବିଜେବି +୩ ମହାବିଦ୍ୟାଳୟ ଗଡ଼ରୋଡଙ୍ଗ ତରଫରୁ ବୃକ୍ଷରୋପଣ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମାଜିକ କର୍ମୀ ବଦ୍ରି ମିଶ୍ର, ବ୍ରହ୍ମଗିରି ବନଖଣ୍ଡ ଅଧିକାରୀ ସ୍ମୃତିରେଖା ବେହେରା, ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବାଶିଷ ଜେନା, ପ୍ରୋଗ୍ରାମ ଅଫିସର ଅକ୍ଷୟ କୁମାର ରାଉଳ ଓ ଦୀପ୍ତିମୟୀ ଜେନା ସହିତ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦାଦାବଟି ଆଦାୟ କରି ୨ ଗିରଫ

ଡେଲାଙ୍ଗ,୨୪।୯ (ସମିସ): ଡେଲାଙ୍ଗ ଥାନା ଅଧୀନ ଗଡ଼କାଲୁପଡ଼ାସ୍ଥିତ ବାବା ବିଶ୍ୱନାଥ ଦେବଙ୍କ ପାହାଡ଼କୁ ଯାଉଥିବା ଶ୍ରଦ୍ଧାଳୁଙ୍କୁ ହଇରାଣ କରି ସେମାନଙ୍କଠାରୁ ମୋଟା ଅଙ୍କର ଦାଦାବଟି ଆଦାୟ କରିବା ୨ ଜଣଙ୍କୁ ମହଙ୍ଗା ପଡ଼ିଛି। ଏନେଇ ଡେଲାଙ୍ଗ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇଥିବା ବେଳେ ଆଉ ଜଣେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ବିଶ୍ୱନାଥ ପାହାଡ଼ ନିକଟରେ ଦିନକୁ ଦିନ ପଥଚାରୀ ଓ ଶ୍ରଦ୍ଧାଳୁମାନଙ୍କୁ ହଇରାଣ କରିବା ଘଟଣା ବଢ଼ିବାରେ ଲାଗିଥିବାବେଳେ ପୁଲିସ ଏନେଇ କୌଣସି କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରୁ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ବୁଧବାର ଗୋଟିଏ ଦମ୍ପତି ପ୍ରଭୁଙ୍କୁ ଦର୍ଶନ କରି ଫେରିବା ସମୟରେ ସ୍ଥାନୀୟ ଅଞ୍ଚଳର ୩ଜଣ ଯୁବକ ତାଙ୍କୁ ଅଟକାଇବା ସହିତ ମୋଟା ଅଙ୍କର ଟଙ୍କା ମାଗିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ ରଶ୍ମି ରଞ୍ଜନ ପୃଷ୍ଟି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଜଗଦଲପୁର ଗ୍ରାମର ରଙ୍କନିଧି ସୁନ୍ଦରାୟ ଓ ଗୋଡ଼ିସାହିର ବିକୁ ସୋଲା ଓରଫ ବିକୁନାକୁ କାବୁ କରିଥିବାବେଳେ ଅନ୍ୟ ଜଣେ ଚମ୍ପଟ ମାରିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ନଗଦ ୭୦୦ ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ଜଣାପଡ଼ିଛି।

# ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା ନିମନ୍ତେ ମନ୍ତ୍ରୀଙ୍କୁ ଦାବିପତ୍ର



ସାକ୍ଷୀଗୋପାଳ,୨୪।୯ (ସମିସ): ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା କରିବା ନିମନ୍ତେ ସତ୍ୟବାଦୀ ସ୍ୱାଭିମାନ ମଞ୍ଚ ତରଫରୁ ନିହାରରଞ୍ଜନ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଦିବାକର ମହାପାତ୍ର ପ୍ରମୁଖ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ବୁଧବାର ସକାଳେ ସାକ୍ଷାତ୍ କରି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରଛନ୍ତି। ସତ୍ୟବାଦୀର ସ୍ୱାଭିମାନକୁ ବଜାୟ ରଖି ସତ୍ୟବାଦୀକୁ ଉନ୍ନତ ଓ ବିକଶିତ କରିବାକୁ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ସମାଜସେବୀ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଗଠିତ ସତ୍ୟବାଦୀ ସ୍ୱାଭିମାନ ମଞ୍ଚ ଦୁଇ ବର୍ଷ ତଳେ ମଧ୍ୟ ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା ପାଇଁ ପ୍ରଚେଷ୍ଟା କରିଥିଲା। ପୂର୍ବ ସରକାର ଉକ୍ତ ଦାବିକୁ ଯଥାର୍ଥ ବୋଲି ବିବେଚନା କରି ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ହୋଇଥିବା ଘୋଷଣାକୁ ରଦ୍ଦ କରି ନୂତନ ଭାବେ ୨୮ଟି ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି। ଏନ୍‌ଏସି ମାନ୍ୟତା ପାଇଁ ସାକ୍ଷୀଗୋପାଳ ସବୁଠୁ ଅଧିକ ଯୋଗ୍ୟ ହୋଇଥିଲେ ମଧ୍ୟ ବିଜେପି ସରକାର ଏହାକୁ ଏଡ଼ାଇ ଦେଇଛନ୍ତି। ଯାହାକି ସତ୍ୟବାଦୀ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରକାଶ ଥାଉକି, ସତ୍ୟବାଦୀ ସ୍ୱାଭିମାନ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଦେବାଶିଷ ନାୟକ ଓ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ସାକ୍ଷୀଗୋପାଳକୁ ଏନ୍‌ଏସି ଘୋଷଣା କରିବା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସାଂସଦ ସମ୍ବିତ୍ ପାତ୍ରଙ୍କୁ ମଧ୍ୟ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ

ଚାରିଛକ,୨୪।୯ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଏହି ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଅଧ୍ୟକ୍ଷତା କରି ଜାତୀୟ ସେବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଛାତ୍ରୀମାନଙ୍କ ମଧ୍ୟରେ ନେତୃତ୍ୱ, ସାଂଗଠନିକ, ଏବଂ ସାମାଜିକ ଦକ୍ଷତାକୁ ପ୍ରୋତ୍ସାହିତ କରି ଜାତୀୟ ସେବା ଯୋଜନା ବ୍ୟକ୍ତିଗତ ବିକାଶ ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରେ ବୋଲି ମନ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ପୁଷ୍ପଲତା ଦତ୍ତ, ଅଧ୍ୟାପକ ଡ. ଅଶୋକ କୁମାର ବିଶ୍ୱାଳ, ଅଧ୍ୟାପିକା ଡ. ପୂର୍ଣ୍ଣିମା ମହାନ୍ତି, ଅଧ୍ୟାପିକା ମଧୁମିତା ଦେଇ ଓ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇ ସେବାକୁ ଜୀବନର ବ୍ରତରୂପେ ଗ୍ରହଣ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ। ସେବା ହିଁ ମନୁଷ୍ୟକୁ ଦେବତ୍ୱ ଦାନ କରେ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ନିର୍ଦ୍ଦେଶକ୍ରମେ କଲେଜ ପରିସର ସଫେଇ ଓ ବୃକ୍ଷରୋପଣ କରାଯାଇଥିଲା।

# 'ଓଧ ବଞ୍ଚାଅ, ନଦୀ ବଞ୍ଚାଅ' ଅଭିଯାନ

ଗୋପ,୨୪।୯ (ସମିସ): ନଦୀ ପରିସଂସ୍ଥାର ଭାରସାମ୍ୟ ସନ୍ତୁଳନ ରକ୍ଷା କରିବାରେ ଓଧର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଦେଶ ଓ ରାଜ୍ୟରେ ଦେଖାଯାଉଥିବା ଦୁଇ ପ୍ରକାରର ଯଥା ଚିକ୍କଣ ଲୋମଯୁକ୍ତ ଏବଂ ଛୋଟ ପଞ୍ଝା ବିଶିଷ୍ଟ ଓଧଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଅବାଧ ଶିକାର, ଚୋରା ଚାଲାଣ ଅନ୍ୟତମ। ଓଧର ପ୍ରମୁଖ ଖାଦ୍ୟ ମାଛ ହୋଇଥିବାରୁ ମାଛ ଧରାଳିମାନେ ଅଜ୍ଞାନବଶତଃ ଏହାକୁ ନିଜର ଶତ୍ରୁ ଭାବି ମାରିବାକୁ ମଧ୍ୟ ପଛାଉନାହାନ୍ତି। ଏହି ଦୁଇ ପ୍ରକାର ଓଧ ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂଘ(ଆଇୟୁସିଏନ୍)ର ରେଡ୍ ଡାଟା ବୁକ୍‌ର ସଙ୍କଟାପନ୍ନ ଶ୍ରେଣୀରେ ସ୍ଥାନିତ ହୋଇସାରିଛି। ଗୋପ ବ୍ଲକ୍ ଅନ୍ତର୍ଗତ ଡଭାର, ରାହାଙ୍ଗୋରଡ଼ା ଗ୍ରାମ ପଞ୍ଚାୟତରେ ପ୍ରବାହିତ ଧନୁଆ ନଦୀଶଯ୍ୟାରେ ଓଧ ସଂଖ୍ୟା ହ୍ରାସ ନଦୀ ପରିବେଶ ପ୍ରତି ବିପଦ ସୃଷ୍ଟି କରିଛି। ଏହି ସମସ୍ୟାକୁ ଏଡ଼ାଇବା ପାଇଁ ଗୋପ ଅଞ୍ଚଳରେ ପରିବେଶ ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ "ସବୁଜ ସଂକଳ୍ପ' ଧନୁଆ ନଦୀଶଯ୍ୟା ନିକଟବର୍ତ୍ତୀ ବିଭିନ୍ନ ଗାଁ ଗାଁ ବୁଲି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ସଂଗଠନର ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସନ୍ତରସ, ଡଭାର, ଆଇମା, ଶଙ୍ଖତିରା, ଇଟାକୁଦ ଆଦି ଗ୍ରାମରେ ପଦଯାତ୍ରା, ସ୍ଲୋଗାନ, ଚିତ୍ର ପ୍ରଦର୍ଶନୀ ତଥା ଗ୍ରାମବାସୀ ଓ ମାଛ ଧରାଳିଙ୍କ ସହ ଆଲୋଚନା ମାଧ୍ୟମରେ ଓଧ ସଂରକ୍ଷଣ ପାଇଁ ପ୍ରୟାସ କରାଯାଉଛି। ଭାରତ ସରକାରଙ୍କ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଅନୁସାରେ ଏହାର ଶିକାର ବା ଅବାଧ ଚାଲାଣର ଦଣ୍ଡବିଧାନ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ସହ ଓଧକୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ଏହି ବ୍ୟାପକ କାର୍ଯ୍ୟକ୍ରମରେ ଯୋଡ଼ିବାରେ ସକ୍ଷମ ହୋଇପାରିଛି।


## ● ଜିପିଏଲ୍‌ଏଫ୍ ମିଶନ ଶକ୍ତି ସଂଘ ପକ୍ଷରୁ ଧାରଣା ତୃତୀୟ ଦିନ


# ଧାରଣା ସ୍ଥଳରେ ୩ ମହିଳା ଅସୁସ୍ଥ; ମେଡିକାଲରେ ଭର୍ତ୍ତି





ବ୍ରହ୍ମଗିରି/କଣାସ,୨୪।୯ (ସମିସ): ବୁଧବାର ତୃତୀୟ ଦିନରେ ମିଶନ ଶକ୍ତି ସଙ୍ଘ ପକ୍ଷରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ(ସିଏସ୍‌ଏସ୍) ମିଳିତ ଭାବେ ବ୍ରହ୍ମଗିରି ବ୍ଲକ୍ କାର୍ଯ୍ୟାଳୟ ଗେଟ୍ ଆଗରେ ଧାରଣାରେ ବସିରହିଛନ୍ତି। ଡହ ଡହ ଖରାକୁ ଖାତିର୍ ନ କରି ଶତାଧିକ ସିଆର୍‌ପି, ଏମ୍‌ବିକେ ମହିଳା କର୍ମୀ ସାମିଲ୍ ହୋଇଛନ୍ତି। କିନ୍ତୁ ବୁଧବାର ତୃତୀୟ ଦିନରେ ଧାରଣାସ୍ଥଳରେ ହଠାତ୍ ୨ ମହିଳା ଅସୁସ୍ଥ ହୋଇ ଯାଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ରାଜଲକ୍ଷ୍ମୀ ପ୍ରଧାନ(୩୬), ପ୍ରାକ୍ଷ ବାରିକ (୩୯)। ୮ ଦଫା ଦାବି ନେଇ ସୋମବାରଠାରୁ ଏଠାରେ ଧାରଣା ଦେଇଛନ୍ତି। ଯାହାଫଳରେ ବ୍ଲକ୍ କାର୍ଯ୍ୟାଳୟ ବାହାରେ ରାସ୍ତାକଡ଼ରେ ସମସ୍ତ ବ୍ଲକ୍ କର୍ମଚାରୀ ବୁଲୁଥିବା ଦେଖିବାକୁ ମିଳିଥିଲା। ବ୍ଲକ୍ ଭିତରକୁ କର୍ମଚାରୀମାନଙ୍କୁ ଆନ୍ଦୋଳନକାରୀମାନେ ଯିବାକୁ ଦେଇ ନ ଥିଲେ। ଫଳରେ ବ୍ରହ୍ମଗିରି ବ୍ଲକ୍‌ରେ ଦିନତମାମ କାର୍ଯ୍ୟ ଠପ୍ ହୋଇଯାଇଛି। ସେହିପରି କଣାସ ବ୍ଲକ୍ ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ସୋମବାରଠାରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବାରୁ ୩ ଦିନ ହେଲା ବ୍ଲକ୍‌ର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କଠାରୁ ପ୍ରକାଶ। ବୁଧବାର ଶତାଧିକ କର୍ମୀ ଧାରଣାରେ ବସିଥିବାବେଳେ ଗଡ଼ବଡ଼ପୁଟ ଗ୍ରାମପଞ୍ଚାୟତର ସିଆର୍‌ପି ସନ୍ଧ୍ୟାରାଣୀ ରାଉତରାୟ ଅସୁସ୍ଥ ହୋଇପଡ଼ିବାରୁ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ସଙ୍ଗେ ସଙ୍ଗେ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ।








୨୪/୯/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୨,୮୬,୩୫୯/- ସୁନା: ୦୦.୭୦୦ ଗ୍ରାମ୍ ରୁପା: ୮୮.୦୦୦ ଗ୍ରାମ୍










# ଏନ୍‌ଓସିରେ ଜାଲିଆତି ଅଭିଯୋଗ

ପୁରୀ,୨୪।୯ (ସମିସ)



ପୁରୀରେ ମାତିଛନ୍ତି ଜମି ମାଫିଆ। ବିଶେଷକରି ସରକାରୀ ଏବଂ ମହାପ୍ରଭୁଙ୍କ ଜମିକୁ ବିଭିନ୍ନ ଉପାୟରେ ମାଡ଼ି ବସୁଛନ୍ତି। ଏହି ଧାରା ଏବେ ବି ଚାଲିଛି। ଏହି ଜମିକୁ ଅନ୍ୟକୁ କମ୍ ଦରରେ ବିକ୍ରି କରୁଥିବାବେଳେ ଆଉ କେହି ନିଜ ନାମରେ ରେକର୍ଡ କରାଇବାକୁ ଉଦ୍ୟମ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ସହର ମଧ୍ୟରେ ଥିବା ଏହିଭଳି ଜମିକୁ ଜବରଦଖଲ କରି ନୋଟାରୀ ମାଧ୍ୟମରେ ବିକ୍ରି କରାଯାଉଛି। ଏହା ଜଣାପଡ଼ିବା ପରେ ଜିଲ୍ଲାପାଳ ଏବଂ ତହସିଲ୍‌ଦାରଙ୍କୁ ଫେରାଦ୍ ହୋଇଥିଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏହି ଜାଗାକୁ ଯେପରି ଲାଇଟ୍, ପାଣି ସଂଯୋଗ ନ ଦିଆଯିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାସତ୍ତ୍ୱେ ଏଠାକୁ ବିଦ୍ୟୁତ୍ ଏବଂ ପାଣି ସଂଯୋଗ ଦିଆଯାଇଛି। ସବୁଠୁ ବଡ଼ କଥା ହେଉଛି ବିଦ୍ୟୁତ୍ ଏବଂ ପାଣି ସଂଯୋଗ ପାଇଁ ତହସିଲ୍ ପକ୍ଷରୁ ଯେଉଁ ଏନ୍‌ଓସି ଦିଆଯାଇଛି ସେଥିରେ ଜାଲିଆତି କରାଯାଇଥିବା ଅଭିଯୋଗ ଆଣିଛି ଆପ୍। ମଙ୍ଗଳବାର ପୁରୀ ଜିଲ୍ଲା ଆପ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ କରାଯାଇଛି।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଆପ୍‌ର ଦୀର୍ଘଦିନର ପ୍ରତିବାଦ ପରେ ପୂର୍ବତନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମୟରେ ଏକ ଅର୍ଡର ପାସ୍ କରାଯାଇଥିଲା। ପୁରୀରେ ସରକାରୀ ଜମି ଜବରଦଖଲ ଏବଂ ନୋଟାରୀରେ ବିକ୍ରି କରାଯାଇଥିଲେ ସେ ଜାଗାକୁ ବିଜୁଳି ଓ ପାଣି ଦିଆଯିବ ନାହିଁ। ଏହାଦ୍ୱାରା ସରକାରୀ ଜମି ଦଖଲରେ କିଛି ମାତ୍ରାରେ ଅଙ୍କୁଶ ଲାଗିଥିଲା। ଏହା ଉପରେ ନଜର ରଖିଥିଲା ଆପ୍। ଏମିତି କିଛି ନିର୍ଦ୍ଦିଷ୍ଟ ବେଆଇନ ଜାଗାକୁ ବିଦ୍ୟୁତ୍, ପାଣି ସଂଯୋଗ ନ ଦେବା ପାଇଁ ଆପ୍ ଦାବି କରିଆସୁଥିଲା। ପ୍ରଥମତଃ ଏଭଳି ବେନିୟମ ଜମିକୁ ନ କିଣିବା ପାଇଁ କୁହାଯାଇଥିଲା। ଏହା ପରେ ଯଦି କେହି ନିୟମ ନ ମାନି କିଣେ ତେବେ ସେ ଯେଉଁ ନିର୍ମାଣ କରିବେ ତାକୁ ବିଜୁଳି ଓ ପାଣି ନେବା ପାଇଁ ତହସିଲ୍ ଅଫିସରୁ ଏନ୍‌ଓସି ଆଣିବାକୁ ପଡ଼ିବ। ଏହାଦ୍ୱାରା ବହୁତ ଦଖଲ

### ବେଆଇନ ନିର୍ମାଣ ସ୍ଥଳକୁ ପାଣି, ବିଦ୍ୟୁତ୍ ସଂଯୋଗ

### ବିରୋଧ କଲା ଆପ୍, କାର୍ଯ୍ୟାନୁଷ୍ଠାନ ଦାବି

ଓ ଗୁଣ୍ଡା ବଦ୍‌ମାସ ଜୋର୍ କରି ଆଉ ଜମି ବିକିପାରିଲେ ନାହିଁ। କିନ୍ତୁ ଗତ ୮ ମାସ ହେବ ଏହି ବେନିୟମ କାର୍ଯ୍ୟ ପୁଣି ସକ୍ରିୟ ଭାବେ ଚାଲିଛି। ଜାଲିଆତି କରି ଏନ୍‌ଓସି ଦ୍ୱାରା ଲାଇଟ୍, ପାଣି ଦିଆଯାଇଛି। ସେହି ଏନ୍‌ଓସି ଯାଞ୍ଚରୁ ଜଣାପଡ଼ିଥିଲା ଯେ, ଦସ୍ତଖତରେ ଷ୍ଟାମ୍ପ ରହିନାହିଁ। କ୍ରମିକ ସଂଖ୍ୟାରେ ଗଡ଼ବଡ଼ି ଓ ପାରିତ ହେଇଥିବା ଏନ୍‌ଓସିର ତାରିଖ ତହସିଲ୍‌ଦାରଙ୍କ ଦସ୍ତଖତର ତାରିଖ ମେଳ ଖାଉନାହିଁ। ତେଣୁ ଏଥିରେ ଜାଲିଆତି ହୋଇଥିବା ଜଣାପଡୁଛି। ଏଭଳି ଜାଲିଆତି ପାଇଁ ଗୋଟିଏ ଏନ୍‌ଓସି ବାବଦ ୫୦ ହଜାର ଟଙ୍କା କାରବାର କରାଯାଇଛି। ଏଭଳି ଦେଖିଲେ ୮ ମାସରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି।

ଏଭଳି ଜାଲିଆତି ଏକ ଜଘନ୍ୟ ଅପରାଧ। ସରକାରୀ କାଗଜପତ୍ରକୁ ଯଦି ଜାଲିଆତି କରାଯାଇପାରୁଛି ତେବେ ଏମିତି ଅନେକ କାମରେ ବି କରାଯାଇଥିବ। ଜିଲ୍ଲାପାଳ ନିଜେ ଏ ଦିଗରେ ବିହୀତ ପଦକ୍ଷେପ ନେବାକୁ ଆପ୍ ଅନୁରୋଧ କରିବା ସହ ଦୋଷୀକୁ ଖୋଜି ବାହାର କରିବାକୁ ଦାବି ରଖିଛି। ଏଥିରେ ଯେଉଁମାନେ ସାମିଲ୍ ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କୁ ବରଖାସ୍ତ କରାଯିବା ପାଇଁ ଦଳ ଦାବି କରିଛି। ସ୍ୱତନ୍ତ୍ର ଭାବେ ବଳିଆପଣ୍ଡା ମୌଜାର ବିଜୁଳି ବିଭାଗ ବର୍ତ୍ତମାନ ଦୁର୍ନୀତିର ଗନ୍ତାଘର ପାଲଟିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଆପ୍ ଅଭିଯୋଗ କରିଛି। ଯଦି ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆମେ ଧାରଣା ଦେବାକୁ ବାଧ ହେବୁ ବୋଲି ଜିଲ୍ଲା ସଭାପତି ସଞ୍ଜୀବ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍‌ର ନଗର ସଭାପତି ରମାକାନ୍ତ ସ୍ୱାଇଁ ଓ କୃଷକ ସଭାପତି ଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏ ଅଭିଯୋଗ ସଂକ୍ରାନ୍ତରେ ପୁରୀ ତହସିଲ୍‌ଦାର ଅଭିଷେକ ଦାଶଙ୍କୁ ପଚାରିବାରେ, ଆପ୍ ଜିଲ୍ଲା ସଭାପତି ଏ ବିଷୟରେ ମୋର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଯେଉଁ ନମ୍ବରର ଏନ୍‌ଓସି ମୋତେ ପଠାଇଛନ୍ତି ତାହାର ଖୋଳତାଡ଼ କରିବା ପରେ ଏହାକୁ ଜାଲିଆତି କରାଯାଇଥିବା ଜଣାପଡ଼ିଛି। ତେଣୁ ଆମ କାର୍ଯ୍ୟାଳୟରୁ ଯେଉଁ ଏନ୍‌ଓସି ଟିପିସିଓଡିଏଲ୍‌କୁ ଦିଆଯାଉଛି ଏଣିକି ତାହା ଅଫ୍‌ଲାଇନ୍‌ରେ ଦିଆଯିବ ନାହିଁ। ଅଫ୍‌ଲାଇନ୍‌ରେ ଦିଆଯିବାରୁ କେହି ଏହାକୁ ଜେରକ୍ସ କିମ୍ବା କୌଣସି ଉପାୟରେ ଜାଲିଆତି କରିପାରୁଛନ୍ତି। ତେଣୁ ଯେଉଁମାନଙ୍କୁ ଦିଆଯିବା ପାଇଁ ନିଷ୍ପତ୍ତି ହେବ ସେହି ଏନ୍‌ଓସି ଟିପିସିଓଡିଏଲ୍ ମେଲ୍‌କୁ ପଠାଯିବ ବୋଲି ତହସିଲ୍‌ଦାର ଶ୍ରୀ ଦାଶ କହିଛନ୍ତି।

## ଲଜ୍‌ରେ ରଖି ନାବାଳିକାକୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ପୁରୀ,୨୪।୯ (ସମିସ): ନାବାଳିକାକୁ ଲଜ୍‌ରେ ରଖି ଦୁଷ୍କର୍ମ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନରେନ୍ଦ୍ରକୋଣ ମଙ୍ଗଳା ସାହିର ସୁନୀଲ ନାୟକ ଓରଫ ଗୁଡୁ (୨୮)। ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ପୂର୍ବାହ୍ଣ ୧୦ଟାରେ ନାବାଳିକା ଜଣକ କୌଣସି ଏକ କାମରେ ଯାଇ ସୁଆର ସାହିରୁ ଫେରୁଥିଲେ। ଚୁଡ଼ାପଟି ନିକଟରେ ହୋଇଥିବାବେଳେ ସେଠାରେ ଗୁଡୁ ପହଞ୍ଚିଥିଲେ। ତାଙ୍କ ବାଇକ୍‌ରେ ନାବାଳିକାକୁ ବସାଇ ସିଟି ରୋଡ୍‌ର ଏକ ଲଜ୍‌କୁ ନେଇଥିଲେ। ସେଠାରେ ତା' ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ନାବାଳିକାକୁ ରଖି ଦୁଷ୍କର୍ମ କରିଥିଲେ। ସେ ଜଣେ ନାବାଳିକା ଜାଣି ମଧ୍ୟ ଅଭିଯୁକ୍ତ ତା' ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏହାପରେ ନାବାଳିକା ଜଣକ ଘରକୁ ଫେରି ବୁଢ଼ୀ ମା' ଆଗରେ ସବୁକଥା କହିଥିଲେ। ଏହାପରେ ତାଙ୍କ ପରିବାର ଲୋକେ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସଙ୍ଗେ ସଙ୍ଗେ ପୋକ୍ସୋ ଆଇନରେ ଏକ ମାମଲା (ନଂ.୪୪୮/୨୫) ରୁଜୁ କରିଥିଲା। ପୁଲିସ ଅଭିଯୁକ୍ତ ଗୁଡୁକୁ ଗିରଫ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଡାକ୍ତରୀ ପରୀକ୍ଷା କରି ବୁଧବାର ତାଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଠାରୁ ଗୋଟିଏ ବାଇକ୍ ଜବତ କରିଛି ପୁଲିସ। ତେବେ ଗୁଡୁ ନାଁରେ ପୂର୍ବରୁ କୁମ୍ଭାରପଡ଼ା ଥାନାରେ ଗୋଟିଏ ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

## ଭୂମି ମାଲିକଙ୍କୁ ସତ୍ତ୍ୱଲିପି ପ୍ରଦାନ

ପୁରୀ,୨୪।୯ (ସମିସ): ବ୍ରହ୍ମଗିରି ତହସିଲ୍ ଅନ୍ତର୍ଗତ ବୁଧଙ୍ଗ ମୌଜାର ଜମି ମାଲିକମାନଙ୍କୁ ସତ୍ତ୍ୱଲିପି ବା ଖତିଆନ ବଣ୍ଟନ ଆରମ୍ଭ ହୋଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଚକବନ୍ଦୀ ଉପନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଉପଜିଲ୍ଲାପାଳ ତଥା ଚକବନ୍ଦୀ ଅଧିକାରୀ ନୀଳମାଧବ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ବୁଧବାର ପୂର୍ବାହ୍ଣରେ ଚକବନ୍ଦୀ କାର୍ଯ୍ୟାଳୟ ପରିସରରେ ଚୂଡ଼ାନ୍ତ ସତ୍ତ୍ୱଲିପି ବା ଖତିଆନ ସମ୍ପୃକ୍ତ ଜମି ମାଲିକମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟରେ ସହକାରୀ ଚକବନ୍ଦୀ ଅଧିକାରୀ ରତ୍ନାକର ସ୍ୱାଇଁ ଓ କର୍ମଚାରୀ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଚୂଡ଼ାନ୍ତ ବନ୍ଦୋବସ୍ତ ସତ୍ତ୍ୱଲିପି ବା ଖତିଆନ ୯.୪.୧୯୭୬ରେ ପ୍ରକାଶନ ହୋଇଥିଲା। ଚକବନ୍ଦୀ କାର୍ଯ୍ୟ ୧୯୯୦ ମସିହାରେ ଆରମ୍ଭ ହୋଇ ୨୪.୯.୨୦୨୫ରେ ଚକବନ୍ଦୀ ଧାରା ୧୩(୪) ମୁତାବକ ଚୂଡ଼ାନ୍ତ ସତ୍ତ୍ୱଲିପି ପ୍ରକାଶନ କରାଯାଇ ଭୂମି ମାଲିକମାନଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଅନେକ ଦିନ ଧରି ସତ୍ତ୍ୱଲିପିର ସଂଶୋଧନ ହୋଇପାରି ନ ଥିବାରୁ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ଏହି ସତ୍ତ୍ୱଲିପି ପାଇଥିବାରୁ ଭୂମି ମାଲିକମାନେ ସେମାନଙ୍କ ଖୁସିବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

ପୁରୀ,୨୪।୯ (ସମିସ): ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ କିନ୍ତୁ ଏହାର ସଫଳ ମୁକାବିଲା କରି ଧନ ଜୀବନ ଓ କ୍ଷୟକ୍ଷତିକୁ ହ୍ରାସ କରାଯାଇ ପାରିବ। ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଓ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଗୋପ, ପିପିଲି ଓ ଡେଲାଙ୍ଗ ବ୍ଲକ୍‌ର ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କର ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଯୋଗଦେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କିପରି ବିପର୍ଯ୍ୟୟ ସମୟରେ ଗ୍ରାମବାସୀଙ୍କୁ ସହାୟତା କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ତାଲିମ ଶିବିର ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ତାଲିମ ଶିବିରରେ ଓସ୍‌ଡମା ଦ୍ୱାରା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ତାଲିମ ପ୍ରଦାନ କରିଥିଲେ ଏବଂ ଜିଲ୍ଲା ଆପଦକାଳୀନ ବିଭାଗ ଶିବିର ସୁପରିଚାଳନା କରିଥିଲେ।

● ଜାତୀୟ ଆୟୁର୍ବେଦ ଦିବସ ପାଳିତ

## 'ସନ୍ତୁଳିତ ଆହାର ଆମକୁ ସୁସ୍ଥ ରଖିପାରିବ'

ପୁରୀ,୨୪।୯ (ସମିସ): ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ତରଫରୁ ସ୍ଥାନୀୟ ତ୍ରିଦେବ ଭିଲ୍ଲାଠାରେ ଜାତୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ଶାଖା ଅଧ୍ୟକ୍ଷ ତଥା ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ଡ. ନାରାୟଣ ଚନ୍ଦ୍ର ଦାଶ ମଣିଷର ଦିନଚର୍ଯ୍ୟା ଓ ଋତୁଚର୍ଯ୍ୟା ବ୍ୟାଖାନ କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ ମଣିଷ ଓ ତା' ପୃଥିବୀ ପାଇଁ ଆୟୁର୍ବେଦର ଉପାଦେୟତା ସମ୍ପର୍କରେ ଯୁକ୍ତି ରଖିଥିଲେ। ଉତ୍ତରାଖଣ୍ଡ ଏବଂ ରାଜସ୍ଥାନରୁ ଆସିଥିବା ଡ. ପ୍ରିୟା ମେହେରା ଓ ଡ. ଅଙ୍କିତ କୁମାର ମଣିଷର ସ୍ୱାସ୍ଥ୍ୟ ରକ୍ଷା ପାଇଁ ସୁଷମ ଖାଦ୍ୟ ଓ ନିୟମିତ ବ୍ୟାୟାମର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା ଆୟୁର୍ବେଦ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଆମ ଚାରିପଟେ ଥିବା ପ୍ରକୃତିଦତ୍ତ ଜଡ଼ିବୁଟି ସମେତ ସନ୍ତୁଳିତ ଆହାର ସମ୍ପର୍କିତ ସଚେତନତା ହିଁ ଆମକୁ ସୁସ୍ଥ ରଖିପାରିବ ବୋଲି କହିଥିଲେ। ପରିଷଦର କ୍ଷେତ୍ରୀୟ ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଏପରି ଆଲୋଚନାଚକ୍ର ସୁସ୍ଥ ଭାରତ ଗଠନ ଦିଗରେ ସହାୟକ ହେବ ଏବଂ ସେଥିପାଇଁ ପରିଷଦ ନିରନ୍ତର ପ୍ରୟାସ ଜାରି ରଖିଥିବା ସୂଚନା ଦେଇଥିଲେ। ପ୍ରାନ୍ତୀୟ ସଂଗଠନ ସଚିବ ରାମଚନ୍ଦ୍ର ଦଳାଇ, ଶାଖା ଅର୍ଥ ସଚିବ ହରପ୍ରସାଦ ମହାପାତ୍ର, ସେବା ପ୍ରମୁଖ ରାଜେଶ୍ୱର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂସ୍କାର ପ୍ରମୁଖ ବୁଦ୍ଧଦେବ ମହାପାତ୍ର, ସମ୍ପର୍କ ପ୍ରମୁଖ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ପର୍ଯ୍ୟାବରଣ ପ୍ରମୁଖ ପତିତପାବନ ସାମନ୍ତରାୟଙ୍କ ସମେତ ଲାଲା ଅନନ୍ତ କୁମାର ସିଂ, କିଶୋର କୁମାର ପଟ୍ଟନାୟକ, ମୁକ୍ତିକାନ୍ତ ଦାସ, ହରିହର ତ୍ରିପାଠୀ, ରମାକାନ୍ତ ସାହୁ, ପିତାମ୍ବର ମହାପାତ୍ର, ମମତା ପାତ୍ର, ନଳିନୀପ୍ରଭା ମଲ୍ଲିକ, ନିମାଇଁ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସଂଯୁକ୍ତା ଦାଶ, ସ୍ନେହଲତା ଦାଶ, ମୀରା ମହାରଣା ଓ କିଶୋର ପାତ୍ର ପ୍ରମୁଖ ମିଳିତ ଭାବେ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

## ଜାତୀୟ ସେବା ଯୋଜନା ଦିବସ ପାଳିତ

ପୁରୀ,୨୪।୯ (ସମିସ): ଜାତୀୟ ସେବା ଯୋଜନାର ୫୬ତମ ଦିବସ ଅବସରରେ ବୁଧବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ସ୍ୱେଚ୍ଛାସେବୀମାନେ ଏକତ୍ରିତ ହୋଇ ଜାତୀୟ ସେବା ଯୋଜନା ଦିବସ ପାଳନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସରକାରୀ ଆଶ୍ରୟସ୍ଥଳୀ 'ଆଶ୍ରୟ'କୁ ଯାଇ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ମହାବିଦ୍ୟାଳୟର ପ୍ରାକ୍ତନ ସ୍ୱେଚ୍ଛାସେବୀ ପ୍ରତିନିଧି ଓମ୍ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସେବା ଯୋଜନାର ବିଜୟଲକ୍ଷ୍ମୀ ବରାଳ, ତୃପ୍ତିମୟୀ ଶତପଥୀ, ପ୍ରଦୀପ ସାହୁ, ସୌମ୍ୟରଞ୍ଜନ ବାରିକ ଉପସ୍ଥିତ ଥିଲେ।

ସେହିପରି ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥିମାନଙ୍କୁ ସମ୍ମାନିତ କରି ରକ୍ତଦାନର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରକ୍ତଦାନର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ର ରକ୍ତ ଭଣ୍ଡାର କଟକର ଡା. କିଶୋର ଚନ୍ଦ୍ର ବେହେରା ଯୋଗଦେଇଥିଲେ। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଅଧିକାରୀ ଡ. ରବିଶଙ୍କର ମିଶ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେବା ଯୋଜନା କାର୍ଯ୍ୟକାରୀ ଅଧିକାରୀ ଅଭିଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅଭିଜିତ୍ ରାୟ, ଚନ୍ଦ୍ରଶେଖର ମହାନ୍ତି, ମୀନାରାଣୀ ସ୍ୱାଇଁ, ସୌମିତ୍ରୀ ଦାସ, ବିସ୍ମିତା ମିଶ୍ର, ବବ୍‌ଲି ମେହେର, ଜ୍ୟୋତିସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଶ୍ରୀସଦାଶିବ ପରିସରରେ କର୍ମଶାଳା

## ସଂସ୍କୃତ ନୂତନ ଜ୍ଞାନର ଏକ କାରଖାନା

ପୁରୀ,୨୪।୯ (ସମିସ): ସଂସ୍କୃତ ଆଉ ସଂଗ୍ରହାଳୟରେ ସାଇତି ରଖିବା ଭଳି ବସ୍ତୁ କିମ୍ବା ପୋଥି ହୋଇ ନାହିଁ। ବରଂ ଆଜି ଦିନରେ ସଂସ୍କୃତ ହେଉଛି ଉତ୍ପାଦକ ଅର୍ଥାତ୍ ସଂସ୍କୃତ ଲୋକଙ୍କ ଚାହିଦା ମେଣ୍ଟାଉଛି। ତାହା କେମିତି ଓ କିପରି ଭାବେ ସେ ବିଷୟରେ ବିସ୍ତୃତ ଚର୍ଚ୍ଚା ଓ ସରଳ ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବୁଝାଇଛନ୍ତି ପ୍ର. ତିରୁମାଳା ପି. କୁଲ୍‌କର୍ଣ୍ଣି। ମଙ୍ଗଳବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସରରେ 'ସଂସ୍କୃତ କ୍ଷେତ୍ରେ ସଂଶୋଧନସ୍ୟ ନବୀନାଃ ବିଷୟାଃ ତଥା ପ୍ରକଳ୍ପାଃ' ବିଷୟରେ ଦ୍ୱିଦିବସୀୟ କର୍ମଶାଳାର ଉଦ୍‌ଘାଟନୀରେ ମୁଖ୍ୟବକ୍ତା ଭାବେ ମୈଶୂର ନଗରର ପୂର୍ଣ୍ଣପ୍ରଜ୍ଞ ଶୋଧ ବିଦ୍ୟାପୀଠର ପ୍ର. ପି. କୁଲକର୍ଣ୍ଣି ଯୋଗଦେଇଥିଲେ। ପରିସରର ନିର୍ଦ୍ଦେଶକ ପ୍ର. ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷ ଭାବେ ଯୋଗଦେଇ ସଂସ୍କୃତ ସର୍ବ ପୁରାତନ ଓ ସର୍ବାଧିକ ନୂତନ ବୋଲି ପ୍ରମାଣ ସହ ପ୍ରତିପାଦନ କରିଥିଲେ।



କର୍ମଶାଳାରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ କେମିତି ତାଙ୍କ କ୍ୟାରିୟର ଗଢ଼ିବାରେ ସହାୟକ ହୋଇଥିଲା ସେ ବିଷୟରେ ଉପସ୍ଥାପନ କରିଥିଲେ। କର୍ମଶାଳାର ଉଦ୍‌ଘାଟନୀରେ ବେଦାନ୍ତ ବିଭାଗର ଛାତ୍ର ଶୁଭାଶିଷ ମିଶ୍ର ବେଦ ଧ୍ୱନିରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳଗୀତ ସହ ସଭା ଆରମ୍ଭ ହୋଇଥିଲା। ପ୍ର. କିଶୋର କୁମାର ଦଳାଇ ସଭା ସଞ୍ଚାଳନ କରିଥିଲେ। ପ୍ର. ବିଜୟପାଳ କଚ୍ଛୱା, ଭଗବାନ ସାମନ୍ତରାୟ, ଡ. ନବୀନ କୁମାର ପ୍ରଧାନ, ଡ. ବିଶ୍ୱନାଥ ମିଶ୍ର, ଡ. ଜ୍ୟୋତି ପ୍ରସାଦ ଦାଶ, ଡ. ଜ୍ୟୋତି ପ୍ରକାଶ ନନ୍ଦ ଓ ଡ. ଅଜୟ କୁମାର ଗନ୍ଧା ଉପସ୍ଥିତ ଥିଲେ। ପରିଶେଷରେ ପ୍ର. ଶମ୍ଭୁନାଥ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପୂର୍ଣ୍ଣ କର୍ମଶାଳାକୁ ସଂଯୋଜନା କରିଥିଲେ ଡ. ବିଭୁଦତ୍ତ ମିଶ୍ର।

## 'ସିକ୍ତ ସମ୍ପର୍କ' ପୁସ୍ତକ ଉନ୍ମୋଚିତ

ପୁରୀ,୨୪।୯ (ସମିସ): ମିନତୀ ମିଶ୍ରଙ୍କ ରଚିତ କ୍ଷୁଦ୍ର ଗଳ୍ପ ସଂକଳନ 'ସିକ୍ତ ସମ୍ପର୍କ' ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭା ଗୃହରେ ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ନୀଳକଣ୍ଠ ପତି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ହରପ୍ରିୟା ସାହୁ, ନ୍ୟାସନାଲ ବୁକ୍ ଟ୍ରଷ୍ଟର ପୂର୍ବତନ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ପ୍ରକାଶକ ଶରତ କୁମାର ମିଶ୍ର ମଞ୍ଚାସିନ ରହି ଗଳ୍ପ ସଙ୍କଳନ 'ସିକ୍ତ ସମ୍ପର୍କ'କୁ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଲେଖିକା ଶ୍ରୀମତୀ ମିଶ୍ର ନିଜର ସଂକଳନ ପ୍ରସ୍ତୁତି ସହିତ ଜଡ଼ିତ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଶ୍ୟାମ ପ୍ରକାଶ ସେନାପତି, ଡ. ସସ୍ମିତା ମିଶ୍ର, ପ୍ରତିଭା ଦାସ, କ୍ରିଷ୍ଣା ମହାପାତ୍ର, ପ୍ରବାସିନୀ ମିଶ୍ର ପ୍ରମୁଖ। ଏହି ଉତ୍ସବରେ ଲେଖିକାଙ୍କ ବନ୍ଧୁ ପରିଜନ, ପୁରୀ ସହରର ଶତାଧିକ ସାହିତ୍ୟପ୍ରେମୀ ଯୋଗଦେଇଥିଲେ।

# ରେଳଧାରଣାରୁ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ପୁରୀ,୨୪।୯ (ସମିସ): ଟ୍ରେନ୍ ଲାଇନ୍‌ରୁ ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରିଛି ଜିଆର୍‌ପି ଥାନା ପୁଲିସ। ମୃତ ଛାତ୍ରୀ ଜଣକ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ବାଟଗାଁର ଖୁସି ରାଉତ। ସେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇ ଟ୍ରେନ୍ ଲାଇନ୍‌ରେ ଫିଙ୍ଗି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ମୃତ୍ୟୁର କାରଣ ଜାଣିବା ପାଇଁ ଜିଆର୍‌ପି ପୁଲିସ ଏବଂ ଆର୍‌ପିଏଫ୍ ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସେମାନେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ଜେନାସାହି ପାଖାପାଖି ଜଣେ ଯୁବତୀଙ୍କ ମୃତଦେହ ଟ୍ରେନ୍ ଲାଇନ୍‌ରେ ପଡ଼ିଥିଲା। ଏହା ଦେଖି

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

### କ୍ଲାସ୍ କରିବାକୁ ଆସି ଘରକୁ ଫେରି ନ ଥିଲେ


### ସ୍ୱତନ୍ତ୍ର ଟିମ୍ ଗଠନ, ସିସିଟିଭି ଯାଞ୍ଚ କରୁଛି ପୁଲିସ

ସ୍ଥାନୀୟ ଲୋକେ ଜିଆର୍‌ପି ଥାନାକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପୁଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବତୀଙ୍କ ଗୋଡ଼ କଟିଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନ ଖଣ୍ଡିଆଖାବରା ହୋଇଯାଇଥିଲା। ଟ୍ରେନ୍ ଲାଇନ୍ ମଝିରେ ସେ ମୋଡ଼ିହୋଇ ପଡ଼ିଥିଲେ। ନିକଟରେ ତାଙ୍କ କଲେଜ ବ୍ୟାଗ୍ ଏବଂ ମୋବାଇଲ୍ ଫୋନ୍ ମଧ୍ୟ ପଡ଼ିଥିଲା। ଏହାକୁ ମଧ୍ୟ ପୁଲିସ ଜବତ କରିଛି। ଏ ନେଇ ମୃତା ଛାତ୍ରୀଙ୍କ ମାଆ ଜିଆର୍‌ପି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ସବୁଦିନେ ସକାଳ ୯ଟାରେ ଘରୁ ଯାଇ କଲେଜ ଏବଂ କମ୍ପ୍ୟୁଟର କ୍ଲାସ୍ ସାରି ରାତି ୮ଟା ସୁଦ୍ଧା ଘରେ ପହଞ୍ଚିଯାଏ। ମଙ୍ଗଳବାର ସେ ଘରକୁ ଫେରି ନ ଥିଲା। ତେଣୁ ସେମାନେ ଖୋଜାଖାଜି କରିବା ସହ ଝିଅ ମୋବାଇଲକୁ ଫୋନ୍ କରିଥିଲେ। କିନ୍ତୁ କେହି ବାରମ୍ବାର ଫୋନ କାଟି ଦେଉଥିଲା। ରାତି ପ୍ରାୟ ସାଢ଼େ ୨ଟାରେ କଲ୍ କରିବାବେଳେ ଫୋନ୍ ସୁଇଚ୍ ଅଫ୍ ଥିଲା ଏବଂ କିଛି ସମୟ ପରେ ପୁଣି ଅନ୍ ହୋଇଥିଲା। ବୁଧବାର ସକାଳ ସାଢ଼େ ୬ଟାରେ କଲ୍ କଲାବେଳେ କେହି କାଟି ଦେଉଥିଲା। ସକାଳେ ଥାନାରେ ଅଭିଯୋଗ କରିବା ପାଇଁ ଯିବାବେଳେ ଜେନାସାହି ନିକଟ ରେଳ ଲାଇନ୍‌ରେ ତା'ର ମୃତଶରୀର ଦେଖି ସ୍ଥାନୀୟ ଲୋକେ ଖବର ଦେଇଥିଲେ। ଆମେ ପହଞ୍ଚିଲା ବେଳକୁ ଜିଆର୍‌ପି ପୁଲିସ ପହଞ୍ଚି ସାରିଥିଲା। ତେବେ କେହି ଦୁର୍ବୃତ୍ତ ଝିଅକୁ ହତ୍ୟା କରି ରେଳ ଲାଇନ୍‌ରେ ଫିଙ୍ଗି ଦେଇଥିବା ତାଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନୀପତି କହିଛନ୍ତି, ସକାଳେ ଖବର ପାଇବା ପରେ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ଶବ ଜବତ କରିଥିଲୁ। ଏଥିସହ ତାଙ୍କ ବ୍ୟାଗ୍, ମୋବାଇଲ୍ ଫୋନ୍ ମଧ୍ୟ ଜବତ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି ତାହାର ତଦନ୍ତ ଚାଲିଛି। ରେଳବାଇ ଏସ୍‌ପିଙ୍କ ନିର୍ଦ୍ଦେଶ ମତେ ଜିଆର୍‌ପି ଏବଂ ଆର୍‌ପିଏଫ୍ ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଘଟଣା ଘଟିଥିବା ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଘଟଣା ସମୟରେ ସେହି ଲାଇନ୍ ଦେଇ ଯାଇଥିବା ଟ୍ରେନ୍‌ର ଚାଳକ ଏବଂ ଗାର୍ଡଙ୍କ ମଧ୍ୟ ତାଲିକା ପ୍ରସ୍ତୁତ କରାଯାଉଛି। ସେମାନେ ଝିଅକୁ ଲାଇନ୍‌ରେ ଦେଖିଥିଲେ ନା ନାହିଁ ତାହାର ମଧ୍ୟ ଖୋଳତାଡ଼ ଜାରି ରହିଛି। ପ୍ରାଥମିକ ଭାବେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଜିଆର୍‌ପି ଥାନାଧିକାରୀ ଶ୍ରୀ ବାହିନୀପତି କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ବଞ୍ଚିବା ପାଇଁ ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ଜଳ ସମସ୍ତଙ୍କର ମୌଳିକ ଅଧିକାର।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ଦୁଷ୍କର୍ମ ଓ ନିର୍ଯାତନା ବଢୁଛି

ସରକାର ବଦଳିଛି, ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ପ୍ରତିଶ୍ରୁତ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ପ୍ରତି ଆରମ୍ଭରୁ ଅଗ୍ରାଧିକାର ଦେଇ ନିଜର ସମ୍ବେଦନଶୀଳତା ଓ ସହାନୁଭୂତିଶୀଳତା ପ୍ରଦର୍ଶନ କରିଛି କ୍ଷମତାକେନ୍ଦ୍ର। ପ୍ରଚାର ଓ ପ୍ରସାରର ମୁଖ୍ୟ ଆଧାର ହେଲା ସୁଭଦ୍ରା ଯୋଜନା। ନାରୀ କେନ୍ଦ୍ରିକ ସୁଶାସନ ପ୍ରଦାନ ଆରମ୍ଭରୁ କାହିଁକି ନିର୍ଯାତନାରେ ପରିଣତ ହେଲା? ଗୃହ ଦାୟିତ୍ୱରେ ନିଜେ ଅଛନ୍ତି ମୁଖ୍ୟମନ୍ତ୍ରୀ। ଏହାସତ୍ତ୍ୱେ ରାଜ୍ୟର ଆଇନ ଶୃଙ୍ଖଳା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବିଗିଡ଼ି ଯାଉଥିବାର ପରିଲକ୍ଷିତ ହେଉଛି। ଅପରାଧ ପ୍ରବଣତା ବୃଦ୍ଧି ପାଇବା ପୁଲିସ ପ୍ରଶାସନର ଦୁର୍ବଳତାକୁ ଇଙ୍ଗିତ କରୁଛି। ବିଳମ୍ବିତ ତଦନ୍ତ ପ୍ରକ୍ରିୟା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଅପରାଧ ପ୍ରବଣତା ବଢୁଛି ବୋଲି କିଛି ସମାଜତତ୍ତ୍ୱବିତ୍ ମତ ଦିଅନ୍ତି। ଅଥଚ ତୁରନ୍ତ ଅନୁକମ୍ପା ରାଶି ଘୋଷଣା କରି ସରକାର ନିଜର ସମ୍ବେଦନଶୀଳତା ଜାହିର କରିଚାଲିଛନ୍ତି। କିନ୍ତୁ ଅପରାଧତତ୍ତ୍ୱଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଚାଲିଛି ଶାସନ ବ୍ୟବସ୍ଥା।

ରାଜ୍ୟରେ ନାରୀ ନିର୍ଯାତନା ମାମଲା ଏଥିମଧ୍ୟରେ ସୀମା ଅତିକ୍ରମ କରିଛି। ଗତ ୧୪ ମାସର ଶାସନ ସମୟରେ ଏହି ସଂଖ୍ୟା ୩୭,୬୧୧ ଅତିକ୍ରମ କରିଛି। ଏହା ହେଉଛି ସରକାରୀ ପରିସଂଖ୍ୟାନ। ଅର୍ଥାତ୍ ପୁଲିସରେ ମାମଲା ରୁଜୁ ହୋଇଥିବା ଘଟଣା। ଅନେକ କ୍ଷେତ୍ରରେ ପାରିବାରିକ ହିଂସା ସମ୍ମାନ ଓ ମର୍ଯ୍ୟାଦା ଦୃଷ୍ଟିରୁ ପୁଲିସ ତଦନ୍ତ ପରିସରକୁ ଆସିପାରେନି। ସେସବୁକୁ ମିଶାଇଲେ ଏହି ସଂଖ୍ୟା ଆଗକୁ କେତେ ବଢ଼ିଯିବ। ୯୧୮୧ ଅସଦାଚରଣ ମାମଲାକୁ ବାଦଦେଲେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସଂଖ୍ୟା ୪୫୪୪ରେ ପହଞ୍ଚିଛି। ଆମ ସାମାଜିକ ବ୍ୟବସ୍ଥା କ୍ରମେ ଭୁଶୁଡ଼ି ପଡୁଥିବା ଭଳି ମନେ ହେଉଛି। ସତେଯେପରି ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ସୂକ୍ଷ୍ମ ଅନୁଭବ ଆମ ଭିତରୁ ହଜିଯାଉଛି। ବିଧାନସଭାରେ ଉପସ୍ଥାପିତ ହୋଇଥିବା ରିପୋର୍ଟ କହେ ଯେ ୨୯୩୩ ଦୁଷ୍କର୍ମ, ୧୨୭୮ ଯୌନ ନିର୍ଯାତନା ଓ ୮୨୨୭ ଅପହରଣ ମାମଲା ରୁଜୁ ହୋଇଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ଦୁଷ୍କର୍ମ ମାମଲାରେ ୩୯୪ଙ୍କୁ ଦଣ୍ଡିତ କରାଯାଇଛି।

ଆତ୍ମାହୁତି ଓ ଆତ୍ମହତ୍ୟା ପ୍ରବଣତା ଦିନକୁ ଦିନ ବୃଦ୍ଧି ପାଉଛି। କାରଣ ଓ ନିରାକରଣ ଯେତେ ବଡ଼ କଥା ନୁହେଁ, ବଡ଼ କଥା ହେଉଛି ବ୍ୟବସ୍ଥା ଉପରୁ କ୍ରମେ ଆସ୍ଥା ତୁଟୁଥିବାରୁ। ଯେଉଁଠି ନ୍ୟାୟ ଓ ସହାନୁଭୂତି ମିଳିବାର ଆଶା ତୁଟିଯାଏ ସେ କ୍ଷେତ୍ରରେ ଏଭଳି ଅପରାଧିକ ଚିନ୍ତା ମନ ଭିତରେ ଉଦ୍ରେକ ହେବା ସ୍ୱାଭାବିକ। ଗତ ୧୫ ମାସ ମଧ୍ୟରେ ୧୫ ଜଣ ଯୁବତୀ ଓ ମହିଳା ଆତ୍ମାହୁତି ହେଇଥିବା ବେଳେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବା ସତରେ ଚିନ୍ତା ଓ ଉଦ୍‌ବେଗର ବିଷୟ। ସାମ୍ପ୍ରତିକ ସମୟର ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥାରେ ଅଭିଭାବକଙ୍କ ଆଶା ଓ ଭରସାର କେନ୍ଦ୍ର ତାଙ୍କ ପିଲାମାନେ। ଦିନକୁ ଦିନ ପ୍ରତିକୂଳ ପରିସ୍ଥିତିର ପିଲାମାନେ ସମ୍ମୁଖୀନ ହୋଇପାରୁନଥିବା ବେଳେ ବ୍ୟବସ୍ଥାଠାରୁ ଉଚିତ୍ ନ୍ୟାୟ ପାଇବାରୁ ବଂଚିତ ହେବା କ୍ଷେତ୍ରରେ ଏହି ଆତ୍ମହତ୍ୟା ଓ ଆତ୍ମାହୁତି ଘଟଣା ପରିଲକ୍ଷିତ ହେଉଛି। ବିଶେଷକରି ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ସର୍ବସମ୍ମୁଖରେ ଆତ୍ମାହୁତି ଦେବାର ଉଦ୍ୟମକୁ ବ୍ୟବସ୍ଥିତ ଢଙ୍ଗରେ ରୋକାଯାଇପାରନ୍ତା। ଏକ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ଦାୟୀ କରାଯାଇପାରେ। ସେହିଭଳି ଅନୁଷ୍ଠାନର ଶିଥିଳତା ଓ ସମ୍ବେଦନଶୀଳତା ଅଭାବ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ଅନୁପ୍ରେରିତ କରିଥାଏ। ସତେଯେପରି ମନେ ହେଉଛି ବ୍ୟବସ୍ଥା ବିରୋଧରେ ଲଢ଼ିବାର ମାନସିକତା ପିଲାଙ୍କ ଭିତରେ ହ୍ରାସ ପାଇଛି। ଅନ୍ୟ ଏକ ଦିଗ ହେଉଛି, ଅଭିଭାବକଙ୍କ ଆଶା ଓ ଭରସାର ଅନୁରୂପ ହୋଇନପାରୁଥିବାର କ୍ଷୋଭ ବେଳେ ବେଳେ ପିଲାଙ୍କୁ ଏଭଳି ଏକ ଭୁଲ ଦିଗକୁ ଟାଣି ନେଇଥାଏ। ତେଣୁ ଶିକ୍ଷାନୁଷ୍ଠାନରେ ପିଲାଙ୍କ ଭଲ-ମନ୍ଦ ବୁଝିବା ଓ ଆବଶ୍ୟକ ସ୍ଥଳେ କାଉନସେଲିଙ୍ଗ କରିବାର ବ୍ୟବସ୍ଥା ଉପଲବ୍ଧ ହେଲେ ସେଥିରୁ ସୁଫଳ ମିଳିବାର ସମ୍ଭାବନା ରହିଛି।

## ତ୍ରିକୋଣୀୟ ସଂପର୍କ

ବେଲୁଚିସ୍ତାନ ସହ ଆଫଗାନିସ୍ତାନ ସୀମା ସଂଲଗ୍ନ ପାର୍ବତ୍ୟ ଅଞ୍ଚଳ ଘେରା ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶ ପାକିସ୍ତାନ ପାଇଁ ଚିନ୍ତା ବଢ଼ାଇଛି। ବାଲୋଚ୍ ମୁକ୍ତି ବାହିନୀ ଓ ତେହେରିକ୍ ଇ ତାଲିବାନ୍(ଟିଟିପି) ବିଦ୍ରୋହ ଓ ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା କରି ନପାରି ପାକ୍ ସେନାବାହିନୀ ଦେଶବାସୀଙ୍କ ନିନ୍ଦା ଓ ଅପଯଶ ମୁଣ୍ଡାଇଛି। ସେମାନଙ୍କ ଆହ୍ୱାନର ମୁକାବିଲା କରିନପାରି ସାମରିକ ମୁଖ୍ୟ ମୁନୀର ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଇଚାଲିଛନ୍ତି। ଭାରତର ପାଲଟା କାର୍ଯ୍ୟାନୁଷ୍ଠାନର ପରିଣତି ଓ ପରିଣାମ କ'ଣ ହେଲା ସେ ସଂପର୍କରେ ଅଧିକ ଆଲୋଚନା ଅନାବଶ୍ୟକ। ଏହି ପ୍ରେକ୍ଷାପଟରେ ବିଏଲଏ ଓ ମଜିଦ୍ ବ୍ରିଗେଡ୍ ବିରୋଧରେ ନିଷେଧାଦେଶ ଜାରି ସକାଶେ ଜାତିସଂଘରେ ଚୀନ ସହାୟତାରେ ପାକିସ୍ତାନ କରିଥିବା ଉଦ୍ୟମ ବ୍ୟର୍ଥ ହୋଇଛି। ଏହି ଦୁଇ ସଂଗଠନ ବିରୋଧରେ ଯଥେଷ୍ଟ ପ୍ରମାଣ ନଥିବା ଦର୍ଶାଇ ଆମେରିକା ୟୁକ୍ରେନ ଓ ଫ୍ରାନ୍ସ ସମର୍ଥନ ନଦେବାରୁ ତାହା ଜାତିସଂଘ ନିରାପତ୍ତା ପରିଷଦରେ କାଟ୍ ଖାଇ ଯାଇଛି। ପରସ୍ପର ବିରୋଧୀ ଆମେରିକା ଓ ଚୀନ ସହ ନିବିଡ଼ କୂଟନୈତିକ ସଂପର୍କ ରଖି ପାକିସ୍ତାନ ଫାଇଦା ହାସଲ ଉଦ୍ୟମ ବ୍ୟର୍ଥ ହୋଇଛି।

ପାକିସ୍ତାନଠାରୁ ବିଚ୍ଛିନ୍ନ ହୋଇ ନିଜକୁ ସ୍ୱତନ୍ତ୍ର ଘୋଷଣା କରୁଥିବା ବେଲୁଚିସ୍ତାନ ଚୀନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହୋଇଛି। ଗଦ୍ଦର ବନ୍ଦର ଓ ମୂଲ୍ୟବାନ ଖଣିଜ ସାମଗ୍ରୀ ଉପରେ ନଜର ଥିବା ଚୀନ କ୍ରମାଗତ ଭାବେ ବିଏଲଏ ପ୍ରତିରୋଧର ସମ୍ମୁଖୀନ ହୋଇଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ଆମେରିକା ନିୟନ୍ତ୍ରଣରୁ ମୁକ୍ତ ହେବା ପରେ କାବୁଲ୍ କ୍ଷମତାକେନ୍ଦ୍ର ସହ ସଂପର୍କ ରକ୍ଷା କରି ଇରାନ ସହ ସଂଯୋଗ ରକ୍ଷା ପାଇଁ ଚୀନର ମହତାକାଂକ୍ଷାର ଅନ୍ୟତମ ସହଯୋଗୀ ପାକିସ୍ତାନ। ଏହି ଭୂ-ରାଜନୈତିକ କୂଟନୀତିରେ ଆମେରିକା ଯେ ଆଗାମୀ ଦିନରେ ପ୍ରତିବନ୍ଧକ ସାଜିବ ତାହାର ପରବର୍ତ୍ତୀ ଗୋଟିଚାଳନାରୁ ସ୍ପଷ୍ଟ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫଗାନିସ୍ତାନରେ ଥିବା ବାଗ୍ରାମ୍ ବାୟୁସେନା କେନ୍ଦ୍ର ହାତକୁ ନେବା ସକାଶେ ଆଗ୍ରହୀ। ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ୱାଶିଂଟନ ସେଠାରେ ଚୀନକୁ ଚେକ୍ ଦେବା ପାଇଁ ନିଜର ସ୍ଥିତି ଜାହିର କରିବାକୁ ମସୁଧା ଚଳାଇଛି। ତାଲିବାନ ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଟ୍ରମ୍ପଙ୍କ ଆଗାମୀ ପଦକ୍ଷେପ କ'ଣ ହେବ ତାହା ଆକଳନ କରିବା କଷ୍ଟକର।

ଏହି କୂଟନୈତିକ ଗଣିତରେ ପାକିସ୍ତାନର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏକଥା ସ୍ୱୀକାର କରିବାକୁ ପଡ଼ିବ। ସାଉଦୀ ଆରବ, ଚୀନ ଓ ଆମେରିକା ସହ ସଂପର୍କ ରକ୍ଷା କରି ସମସ୍ତଙ୍କଠାରୁ ବିନା ଦ୍ୱିଧାରେ ଇସଲାମାବାଦ ଯେ ଫାଇଦା ହାସଲ କରିପାରିବ ଏକଥା ନୁହେଁ। ଏବେ ହସ୍ତଗତ ହୋଇଥିବା ଖବରରୁ ପ୍ରକାଶ ଯେ ଆଫଗାନିସ୍ତାନ ସୀମା ସଂଲଗ୍ନ ପଖ୍‌ତୁନ୍‌ଖ୍ୱାର କିଛି ଅଞ୍ଚଳ ଉପରେ ଚୀନ ଯୁଦ୍ଧ ବିମାନରୁ ଘନଘନ ବୋମାମାଡ଼ କରିଛି ପାକିସ୍ତାନ। ଆତଙ୍କବାଦୀ ସଂଗଠନ ଟିଟିପି ବିରୋଧରେ ନିଜର ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଇସଲାମାବାଦ ବାଦି କରୁଥିଲେ ହେଁ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଆତଙ୍କୀ କାର୍ଯ୍ୟକଳାପ ଯୋଗୁଁ ଅଶାନ୍ତ ରହିଛି। ପାକ୍ ସରକାରଙ୍କ କର୍ତ୍ତୃତ୍ୱରୁ ମୁକ୍ତଥିବା ଏହି ଅଞ୍ଚଳ ଶାସନତାନ୍ତ୍ରିକ ସୁବିଧା ସୁଯୋଗରୁ ମଧ୍ୟ ବଞ୍ଚିତ। ଭୌଗୋଳିକ ଦୃଷ୍ଟିକୋଣରୁ ନିଜ ଅଞ୍ଚଳ ଦାବି କରି ଆସୁଥିବା ସରକାର ବିରୋଧରେ ଟିଟିପି ବିଦ୍ରୋହ ଘୋଷଣା କରିଆସିଛି। ବେଲୁଚିସ୍ତାନ ସହ ଏହି ଅଞ୍ଚଳ ପାକିସ୍ତାନଠାରୁ ବିଚ୍ଛିନ୍ନ ଓ ପୃଥକ ହୋଇଯିବା ସପକ୍ଷରେ ସେଠିକାର ଜନସମୁଦାୟର ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବା ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା। ଏଥିସହ ବିଶ୍ୱର ଦୁଇଟି ପରସ୍ପର ବିରୋଧୀ ଶକ୍ତି ସହ ଇସଲାମବାଦ ଯେଉଁ ତ୍ରିମୁଖୀ ସଂପର୍କ ରଖିଛି ତାହାର ଗତି ଓ ପ୍ରକୃତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆଗାମୀ ଦିନରେ ଏଥିଲାଗି ବେଶ ମୂଲ୍ୟ ଦେବାକୁ ପଡ଼ିବ ପାକିସ୍ତାନକୁ।

# ରାଜନୈତିକ କ୍ଷେତ୍ରରେ ମହିଳା ସୁରକ୍ଷା ଆଇନ

ଡକ୍ଟର ଅବଶ ପରିଡ଼ା

"ଭାରତୀୟ ରାଜନୀତି ଏକପ୍ରକାର କର୍ପୋରେଟ ସଂସ୍ଥା ଭଳି। ଏଠାରେ ଦଳୀୟ କର୍ମୀ, ସ୍ୱେଚ୍ଛାସେବକ, ପ୍ରଚାରକ ଏବଂ ପ୍ରାୟ ସମସ୍ତେ ଦଳର କାମରେ ଅତ୍ୟନ୍ତ ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜକୁ ଏକ 'ଟିମ୍' ବୋଲି ଭାବନ୍ତି। ଉଭୟ ମହିଳା ହେଉ ବା ପୁରୁଷ, ଯଦି ଆପଣ ରାଜନୀତିରେ ସକ୍ରିୟ ଅଛନ୍ତି, ତେବେ ମଧ୍ୟରାତ୍ରିରେ ବ୍ୟାନର ଲଗାଇବାଠାରୁ ଆରମ୍ଭ କରି ରାଜରାସ୍ତାରେ ଧାରଣା ଦେବା ଯାଏଁ ସମସ୍ତ କାର୍ଯ୍ୟ କରିବାକୁ ଦଳରୁ ନିର୍ଦ୍ଦେଶ ଆସିଥାଏ। ଆପଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ ଏ ସବୁ କାର୍ଯ୍ୟ ସତ୍ତ୍ୱେ କର୍ପୋରେଟ ସଂସ୍ଥା ଭଳି ଆପଣ କର୍ମଚାରୀ ନୁହନ୍ତି କି ଚାକିରିରେ ନାହାନ୍ତି ଏବଂ ଆପଣଙ୍କ କିଛି 'କାର୍ଯ୍ୟ ବର୍ଣ୍ଣନା' ବା 'ଜବ୍ ଡେସକ୍ରିପସନ' ନାହିଁ।"- ଏସବୁ ଲେଖକର ନିଜସ୍ୱ ନୁହେଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତ।

କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଘୋଷଣା କଲେ ଯେ ଯୌନ ଉତ୍ପୀଡ଼ନ ନିବାରଣ ଆଇନ (POSH) ଅନୁଯାୟୀ ରାଜନୈତିକ ଦଳଗୁଡ଼ିକ କର୍ମକ୍ଷେତ୍ର ନୁହେଁ। ଏହାର ଅର୍ଥ ହେଉଛି ରାଜନୀତି ଆନୁଷ୍ଠାନିକ କାମ ନୁହେଁ। ଏହା କେବଳ ରାଜନୀତି। ଏହାର ପୃଷ୍ଠଭୂମି କଥା ଟିକେ ଜାଣିବା। ରାଜନୈତିକ ଦଳଗୁଡ଼ିକୁ POSH ଆଇନର ପରିସରଭୁକ୍ତ କରିବା ପାଇଁ ଏକ ଆବେଦନ କରାଯାଇଥିଲା, ଯାହା ଦ୍ୱାରା ରାଜନୈତିକ କ୍ଷେତ୍ରରେ ନିୟୋଜିତ ମହିଳା, ଯେପରିକି ତୃଣମୂଳସ୍ତରରେ ଏବଂ ସ୍ୱେଚ୍ଛାସେବା କରୁଥିବା ମହିଳାକର୍ମୀମାନେ ସୁରକ୍ଷା ଓ ଆଭ୍ୟନ୍ତରୀଣ ଅଭିଯୋଗ ବ୍ୟବସ୍ଥା ପାଇପାରିବେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରିବାକୁ ମନା କରି କହିଥିଲେ ଯେ ରାଜନୈତିକ ଦଳଗୁଡ଼ିକ POSH ଆଇନ ଅନୁଯାୟୀ 'କାର୍ଯ୍ୟସ୍ଥଳ' ନୁହନ୍ତି। ଏଠାରେ କୌଣସି ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନାହିଁ। ଏହି କ୍ଷେତ୍ରରେ ଆଇନକୁ ବିସ୍ତାର କରିବା ଦ୍ୱାରା ଏହାର ଅପବ୍ୟବହାର କିମ୍ବା ବ୍ଲାକମେଲ୍ ହୋଇପାରେ। ମୂଳତଃ, ଅଦାଲତ ଯେକୌଣସି ପରିବର୍ତ୍ତନ ପାଇଁ କାର୍ଯ୍ୟପାଳିକାର ଦୃଷ୍ଟିକୋଣ ଉପରେ ନିର୍ଭର କରିଛନ୍ତି ବୋଲି ଯୁକ୍ତି ମଧ୍ୟ ବାଢ଼ିଥିଲେ।

ଏ କଥା ଶୁଣି ଜଣେ ମହିଳା ଦଳୀୟ କର୍ମୀ ଭାବିବା ସ୍ୱାଭାବିକ ଯେ ଯଦି ଏହା କାମ ନୁହେଁ, ତେବେ ପଚାଶ ଡିଗ୍ରୀ ଖରାରେ ମୁଁ କାହିଁକି ଏତେ ଥର ପତାକା ଧରିଥିଲି? ଶହ ଶହ ଅବୈତନିକ ଘଣ୍ଟା କ'ଣ କାର୍ଯ୍ୟ ନୁହେଁ କି? ଏହି ବିଷୟବସ୍ତୁ ମଧ୍ୟରେ ଏକ ଗମ୍ଭୀର ସାମାଜିକ ପ୍ରସଙ୍ଗ ଲୁକ୍କାୟିତ। ରାଜନୈତିକ ଦଳଗୁଡ଼ିକୁ POSHରୁ ବାଦ ଦେବା ଦ୍ୱାରା ପ୍ରଚାର, ଦଳୀୟ କାର୍ଯ୍ୟାଳୟ ଓ ରାଲିରେ ପରିଶ୍ରମ କରୁଥିବା ହଜାର ହଜାର ମହିଳା ଆଇନଗତ ସୁରକ୍ଷା ହାସଲ କରିବାରୁ ବଞ୍ଚିତ ହେବେନି ତ?

ପ୍ରାୟ ଉଣା ଅଧିକେ ଆମେ ସଭିଏଁ ଜାଣୁ ଯେ ରାଜନୀତି ହେଉଛି ଲିଙ୍ଗ ପ୍ରାଧାନ୍ୟ ଏବଂ କ୍ଷମତାର ଏକ ଅନୁଷ୍ଠାନ। ଏକ ତଥ୍ୟ ଅନୁଯାୟୀ ଭାରତୀୟ ମହିଳା ରାଜନେତାଙ୍କ ସଂଖ୍ୟା ଲୋକସଭାରେ ୧୩.୬%, ରାଜ୍ୟସଭାରେ ୧୭%, ରାଜ୍ୟ ବିଧାନସଭାରେ ୯% ଏବଂ ପଞ୍ଚାୟତ ସ୍ତରରେ ୪୬% ଅଛି। ସେହିପରି ଏକ ଅନୁମାନ ସଂଖ୍ୟା କୁହେ ଯେ ମହିଳାମାନେ ସ୍ଥାନୀୟ ଦଳୀୟ କର୍ମୀ ଭୂମିକାରେ ୨୦-୪୦% ପର୍ଯ୍ୟନ୍ତ ସାମିଲ ଅଛନ୍ତି। ରାଜନୀତିରେ କ୍ଷମତା ଏକ ପିରାମିଡ୍ ଭଳି, ଯାହାର ଶୀର୍ଷରେ ଦଳୀୟ ନେତା -ପ୍ରାୟତଃ ପୁରୁଷ, ମହିଳା ନେତ୍ରୀ, ସ୍ୱେଚ୍ଛାସେବକ, ପ୍ରଚାରକ, ଦଳୀୟ ପୁରୁଷ କର୍ମୀ ଶେଷରେ ଦଳୀୟ ମହିଳା କର୍ମୀ। ପରିବାର ଭଳି ରାଜନୀତିରେ ମଧ୍ୟ ମହିଳାଙ୍କ ଅଦୃଶ୍ୟ ଶ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ଶ୍ରମ ଅତ୍ୟାବଶ୍ୟକ, କିନ୍ତୁ ଏହା ଏବେ ବି ଅଦୃଶ୍ୟ, ଅବୈତନିକ ଓ ଅପରିଚିତ।

ଅଦାଲତଙ୍କ କଥାଟି ଭାରି ସିଧା ଓ ସରଳ। ଯଦି ଆପଣ ଆନୁଷ୍ଠାନିକ ଭାବରେ ଜଣେ 'କର୍ମଚାରୀ' ନୁହନ୍ତି, ତେବେ ଆପଣ କର୍ମକ୍ଷେତ୍ର ସୁରକ୍ଷା ପାଇଁ ଯୋଗ୍ୟ କେମିତି ହେବେ? ଅବଶ୍ୟ ଏଠି ଯୁକ୍ତି ଆସିପାରେ ଯେ ରାଜନୈତିକ ଦଳଗୁଡ଼ିକ ହେଉଛି ଆନୁଷ୍ଠାନିକ ଭାବରେ ସ୍ୱେଚ୍ଛାସେବୀ ସଂଗଠନ, ଏହା ସ୍ୱେଚ୍ଛାକୃତ କାର୍ଯ୍ୟ। ଏଠି ନିଯୁକ୍ତି ଓ ବେତନ କଥା ନାହିଁ। କିନ୍ତୁ କ୍ଷମତା, ଅର୍ଥ ଓ ପ୍ରତିଷ୍ଠା ଭରପୂର। ଲିଙ୍ଗଭିତ୍ତିକ ଦୃଷ୍ଟିକୋଣ ଅନୁଯାୟୀ ପ୍ରଚାର, ସଂଗଠନ, ଆନ୍ଦୋଳନ ଭଳି ରାଜନୈତିକ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ସ୍ଥାନଗୁଡ଼ିକରେ ମହିଳାମାନେ ପ୍ରାୟତଃ କମ୍ ଶକ୍ତିଶାଳୀ ପଦବୀରେ ଅଧିଷ୍ଠିତା। ତେଣୁ ଆନୁଷ୍ଠାନିକ ସୁରକ୍ଷା ସେମାନଙ୍କ ନିମନ୍ତେ ଅପରିହାର୍ଯ୍ୟ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟ ଆଉ ଏକ ଯୁକ୍ତି ବାଢ଼ିଥିଲେ ଯେ ରାଜନୀତିରେ POSH ନିୟମର ଅପବ୍ୟବହାର ହେବାର ଆଶଙ୍କା ଅଧିକ। ଏହାବ୍ୟତୀତ ମହିଳାମାନଙ୍କ ଅଭିଯୋଗର ସତ୍ୟାସତ୍ୟ, ଅବିଶ୍ୱାସ ସହିତ 'ବ୍ଲାକମେଲ୍' ବିଷୟରେ ମଧ୍ୟ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି।

ଏହି ଯୁକ୍ତି ଏକ ବ୍ୟାପକ ସାମାଜିକ କାହାଣୀର ପ୍ରତିଫଳନ। ଯେମିତିକି ମହିଳାମାନେ ବ୍ୟକ୍ତିଗତ ଲାଭ ପାଇଁ ଉତ୍ପୀଡ଼ନ ଅଭିଯୋଗକୁ ଅତିରଞ୍ଜିତ କରନ୍ତି, ମିଛ କହିପାରନ୍ତି କିମ୍ବା ପୁରୁଷ ବିପକ୍ଷରେ ଏହି ଆଇନକୁ ବ୍ୟବହାର ମଧ୍ୟ କରିପାରନ୍ତି। ବିଶ୍ୱବ୍ୟାପୀ ଗବେଷଣା ଦର୍ଶାଏ ଯେ ମିଥ୍ୟା ଅଭିଯୋଗ ଅପେକ୍ଷା ପୁରୁଷ-ପ୍ରଧାନ ରାଜନୀତିରେ ଏହାର ଅପବ୍ୟବହାର ଭୟ ଅଧିକ। ଏକ ଅଧ୍ୟୟନ କୁହେ ଯେ ଯୌନ ଉତ୍ପୀଡ଼ନ ପ୍ରସଙ୍ଗରେ ମିଥ୍ୟା ଅଭିଯୋଗର ମାତ୍ରା ଦୁଇରୁ ଦଶ ପ୍ରତିଶତ। କିନ୍ତୁ ମିଥ୍ୟା ଅଭିଯୋଗ ଉପରେ ସାଧାରଣ ବିଶ୍ୱାସ ଆଶାଠାରୁ ଅଧିକ। ଏହାର କାରଣ ହେଉଛି 'କାଷ୍ଟିଂ କାଉଚ' ଭଳି ଲୋକପ୍ରିୟ ଶବ୍ଦ ଓ '#ମିଟୁ' ଭଳି ସାମାଜିକ ଆନ୍ଦୋଳନ। 'ପ୍ରମାଣ ଭିତ୍ତିକ ନୁହେଁ', 'ଅପର୍ଯ୍ୟାପ୍ତ ପ୍ରମାଣ', 'ପ୍ରତ୍ୟାହାର କରାଯାଇଥିବା ଅଭିଯୋଗ' ଏବଂ 'ମିଥ୍ୟା ଅଭିଯୋଗ' ଭଳି ଶବ୍ଦ ମଧ୍ୟରେ ଏସବୁ ଦ୍ୱନ୍ଦ୍ୱ ଅଧିକ ହୋଇଥାଏ। ଏକ ସାଧାରଣ ଧାରଣା ଅଛି ଯେ ଯଦି ମାମଲା ଖାରଜ ହେଉଛି ତେବେ ଏସବୁ ମିଥ୍ୟା ଅଭିଯୋଗ। ସମାଜଶାସ୍ତ୍ରୀଙ୍କ ମତରେ 'ମିଥ୍ୟା ମାମଲା ଏକପ୍ରକାରର ନୈତିକ ଆତଙ୍କ', ଯାହା ମହିଳାଙ୍କ ସ୍ୱରକୁ ଅବୈଧ କରିବା ଏବଂ କ୍ଷମତା ଗଠନକୁ ଅକ୍ଷୁର୍ଣ୍ଣ ରଖିବାର ଏକ ଉପାୟ।

ଗଣତନ୍ତ୍ରରେ ରାଜନୈତିକ ଦଳ ହେଉଛି ନାଗରିକ ଓ ରାଷ୍ଟ୍ର ମଧ୍ୟରେ ଥିବା ଏକ ସାଧାରଣ ବିନ୍ଦୁ। ରାଜନୈତିକ ଦଳ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସଂସ୍ଥା ନୁହନ୍ତି। କିନ୍ତୁ କାର୍ଯ୍ୟର ଆଶା, ନିୟନ୍ତ୍ରଣ, ପଦାନୁକ୍ରମ, ପୁରସ୍କାର ଓ ଦଣ୍ଡ ଭଳି କର୍ମକ୍ଷେତ୍ର ସମାନ ଉପାଦାନ ଏଠାରେ ଅଛି। ଅନୌପଚାରିକ ଶ୍ରମର ଏକ ସମାଜିକ ଅଧ୍ୟୟନ ଦର୍ଶାଏ ଯେ ଅନେକ ଅତ୍ୟାବଶ୍ୟକ ଶ୍ରମ ଏବେ ବି ଆନୁଷ୍ଠାନିକ ସ୍ୱୀକୃତି ବିନା ବିଦ୍ୟମାନ। ଏହି ଶ୍ରମ ସମ୍ପର୍କଗୁଡ଼ିକରେ ମହିଳାମାନେ ପ୍ରାୟତଃ ଅଧିକ ବିପଦପୂର୍ଣ୍ଣ ଶୋଷଣ କିମ୍ବା ଉତ୍ପୀଡ଼ନର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜନୈତିକ ଅଂଶଗ୍ରହଣର ବାସ୍ତବତା, 'କର୍ମସ୍ଥଳ' ଓ 'କର୍ମଚାରୀ'ର ଆଇନଗତ ପରିଭାଷା ମଧ୍ୟରେ ମେଳ ନାହିଁ ବୋଲି ଆଶଙ୍କା ସୃଷ୍ଟି ହେଉଛି। POSHରୁ ରାଜନୈତିକ ଦଳଗୁଡ଼ିକୁ ବାଦ ଦେଇ ଅଦାଲତ ଏକ ଆଇନଗତ ସୀମା ଆଙ୍କି ଦେଇଛନ୍ତି ବୋଲି ବୁଦ୍ଧିଜୀବୀ ମହଲ ମତ ରଖୁଛନ୍ତି।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସମର୍ଥନ କରୁଥିବା ଏକ ମହଲ ଯୁକ୍ତି କରନ୍ତି ଯେ ଆନୁଷ୍ଠାନିକ କର୍ମକ୍ଷେତ୍ର, ନିଯୁକ୍ତିଦାତା ଓ କର୍ମଚାରୀ ସମ୍ପର୍କ ପାଇଁ POSH ଆଇନ ପ୍ରସ୍ତୁତ କରାଯାଇଛି। ଏହାକୁ ରାଜନୈତିକ ଦଳଗୁଡ଼ିକ ଉପରେ ଲଦିବା ବାସ୍ତବିକ ଭାବରେ କଷ୍ଟକର। କାରଣ ଏଥିରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ଅନେକ ପ୍ରକାରର ଯଥା ସ୍ୱେଚ୍ଛାସେବୀ, ଅନୌପଚାରିକ ଓ ଅଂଶକାଳୀନ ଇତ୍ୟାଦି। ଏଣୁ ଏହା ସ୍ୱାଭାବିକ ଯେ ଏଭଳି ନିଯୁକ୍ତି ଆଇନଗତ ଅସ୍ପଷ୍ଟତା ସୃଷ୍ଟି କରିପାରେ। ସେହିପରି କେବଳ ଅପବ୍ୟବହାର ବିଷୟରେ ଚିନ୍ତା ନୁହେଁ, ବରଂ ଉଭୟ ଅଭିଯୋଗକାରୀ ଓ ପ୍ରତିପକ୍ଷଙ୍କୁ ସୁରକ୍ଷା ଦେବା ପାଇଁ ଯେକୌଣସି ଆଇନଗତ ପ୍ରସାରଣର କର୍ତ୍ତବ୍ୟ। ତେଣୁ ନିୟମ ଆଣିବା ଓ ପ୍ରୟୋଗ ବେଳେ ଏ ସବୁକୁ ଦୃଷ୍ଟିରେ ରଖିବା ଜରୁରୀ। ଅନ୍ୟ ଏକ ମହଲର ଯୁକ୍ତି ଯେ ଗଣତନ୍ତ୍ର କେବଳ ଆନୁଷ୍ଠାନିକ ଅଧିକାର ନୁହେଁ, ବରଂ ସମାନ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେଉଥିବା ଏକ ପ୍ରକ୍ରିୟା। ଯଦି ରାଜନୈତିକ ଦଳଗୁଡ଼ିକ ନିରାପଦ କର୍ମକ୍ଷେତ୍ର ଆଇନ ଅଧୀନରେ ଆସିବେ ନାହିଁ ତେବେ ଲିଙ୍ଗଗତ ଅସମାନତା, ବାଦମୁକ୍ତ ଓ ପକ୍ଷପାତୀ ହେବାର ଆଶଙ୍କା ବଢ଼ିଯାଏ।

ଯଦି POSHନିୟମ ଲାଗୁ ହେବ ନାହିଁ ତେବେ ଏହା ରାଜନୀତିରେ ଥିବା ମହିଳା କର୍ମୀଙ୍କ ପାଇଁ ଅନ୍ୟାୟ ହେବ କି? ଏହାର ସମ୍ଭାବ୍ୟ ସମାଜତାତ୍ତ୍ୱିକ ଓ ନୀତିଗତ ସମାଧାନରେ ଆଇନଗତ ସଂସ୍କାର, ଦଳ ମଧ୍ୟରେ ଏକ ସକ୍ରିୟ ଓ କାର୍ଯ୍ୟକ୍ଷମ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆଚରଣ ସଂହିତା ଅନ୍ତର୍ଭୁକ୍ତ। ଏହାବ୍ୟତୀତ ନାଗରିକ ସମାଜ ଦ୍ୱାରା ତଦାରଖ ଓ ସମର୍ଥନ ସହିତ ଏକ ଆଦର୍ଶ ରାଜନୈତିକ ସଂସ୍କୃତିର ମଧ୍ୟ ଆବଶ୍ୟକତା ଅଛି। ତେଣୁ POSHର ଅପବ୍ୟବହାରକୁ ଦୃଷ୍ଟିରେ ରଖି ଯଦି ନିୟମ ଲାଗୁ ହୋଇନାହିଁ ତେବେ ଏହା ଅତ୍ୟନ୍ତ ଦୁଃଖଦ। ରାଜନୀତିରେ କ୍ଷମତା, ଆନୁଗତ୍ୟ, ପ୍ରତିଶ୍ରୁତିବଦ୍ଧତା ଓ ମେଣ୍ଟର ଅପବ୍ୟବହାର POSHଠାରୁ ମଧ୍ୟ ଅଧିକ ଚିନ୍ତାଜନକ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଆମେ ଏବେ କେଉଁଠି?

ଡ. କିଶୋର ମହାନ୍ତି

ଦୀର୍ଘଦିନର ଜନଆନ୍ଦୋଳନର ଫଳଶ୍ରୁତି ହେଲା ସ୍ୱାଧୀନତା ପ୍ରାପ୍ତି। ଗାନ୍ଧିଜୀ ଥିଲେ ଏହାର ପଥ ପ୍ରଦର୍ଶକ। ସୁଭାଷ ଚନ୍ଦ୍ର ବୋଷ ଏ ମାଟିର ସୁଯୋଗ୍ୟ ସନ୍ତାନ। ଆଜାଦ୍ ହିନ୍ଦ୍ ଫୌଜ୍ ଗଢ଼ି ବ୍ରିଟିଶ ଏ ଭାରତ ମାଟିରୁ କିପରି ହଟିବ ତା'ର ସଙ୍କଳ୍ପ ନେଇଥିଲେ। ତେଣୁ ଯେଉଁ ଯୁଗପୁରୁଷମାନେ ଅତୀତରେ ନିଜ ଜୀବନକୁ ଉତ୍ସର୍ଗୀକୃତ କଲେ ସେମାନେ ଏବେ ବି ଜନମାନସରେ ପ୍ରକୃତରେ ଦେବତାର ଆସନରେ ଅଧିଷ୍ଠିତ ହେଇ ରହିଛନ୍ତି।

ସ୍ୱାଧୀନତା ପ୍ରାପ୍ତି ପରେ ପରେ ଆମେ ଗଣତନ୍ତ୍ର ପ୍ରତିଷ୍ଠା କଲେ ସତ, କିନ୍ତୁ ଲୋକଶାସନର ପଦ୍ଧତି ଲୋକକଲ୍ୟାଣ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ଅଧିକରୁ ଅଧିକ ହେଲା। ନିପୀଡ଼ିତ ଜନତାର ସୁଖ-ଦୁଃଖ କଥାକୁ ହେୟଜ୍ଞାନ କରି ବ୍ୟଭିଚାର, ପ୍ରିୟାପ୍ରୀତିତୋଷଣ ବଢ଼ି ଚାଲିଲା। ଶ୍ରେଣୀ ବିବାଦ, ଜାତିବାଦ ବିବାଦ, ସାମନ୍ତବାଦୀ ଚିନ୍ତାଧାରା ଗଣତନ୍ତ୍ରକୁ ମୂଳଲକ୍ଷ୍ୟଠାରୁ ଦୂରେଇ ନେଲା। ନିରୀହ ଜନତା, ବାସହୀନଙ୍କ ଥଇଥାନ ପାଇଁ କୌଣସି ସୁଚିନ୍ତିତ ଯୋଜନା ନାହିଁ। ସହରର ଉପାନ୍ତରେ ବସ୍ତି ସଂସ୍କୃତିର ପ୍ରତିଷ୍ଠା ହୋଇଛି। ଗୁଜୁରାଣ ମେଣ୍ଟାଉଥିବା ଓ ଛୋଟ ଛୋଟ ପରିବାରର କୁଡ଼ିଆ, ଚାଳଘର ନିର୍ମାଣ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଇଛି। କିନ୍ତୁ ଲୋକେ ରହିବେ କେଉଁଠି?

କ୍ଷମତାସୀନ ବ୍ୟକ୍ତିବିଶେଷ ଜୀବନସାରା ପିନ୍ଧିଥିବା ଖୋଳଟାକୁ ଜାବୁଡ଼ି ଧରିଥା'ନ୍ତି। ପୁରୁଣାକାତିର ବୋଝଗୁଡ଼ିକୁ ଖସାଇ ମଣିଷପଣର ଖୋଳ ଧାରଣ କରିବାକୁ ସେମାନେ ନାରାଜ। ଶାସକ ଓ ଶାସିତ ଭିତରେ ସୁଦୀର୍ଘ ଦୂରତା। ଏବେ ମଣିଷ ସ୍ୱାଧୀନତା ପ୍ରତି ପଦ ପଦେରେ ବିପଦ। ବନ୍ଧୁକ, ହାତକଡ଼ି, ଜେଲ ଓ ବୁଲଡୋଜର ଫାଶୀ। ଯେଉଁମାନେ ସରଳ, ସ୍ୱଚ୍ଛ ସେମାନେ କୂଟକପଟତା ଓ କୂଟନୀତିର ଧାର ଧରନ୍ତିନି। ସେମାନଙ୍କ ଉପରେ ଅତ୍ୟାଚାର ହୁଏ। ସାମାଜିକ ଭୟ, ସରକାରୀ ଦମନ ପ୍ରତି ଭୟ, ନୂତନ ଚିନ୍ତା ଓ ଭାବର ଭୟ, ଆଜି ମଣିଷକୁ ବହୁ ଭାବରେ ଦହଗଞ୍ଜ କରୁଛି। ଗଣଶୋଷଣ, ଗଣଧର୍ଷଣ, ଟିକସ ଫାଙ୍କି, ଠକାମୀ, କଳାବଜାରୀ, ପ୍ରତାରଣା ଗଣତାନ୍ତ୍ରିକ ଓ ସାମାଜିକ ମୂଲ୍ୟବୋଧକୁ ତଳିତଳାନ୍ତ କରିଦେଇଛି। ଲୋକଙ୍କର ତନ୍ତ୍ର ଲୋକଙ୍କ ହାତରେ ଆଉ ନାହିଁ।

ସ୍ୱାଧୀନତାର ସାଧକ ଅବିଶ୍ରାନ୍ତ ଭାବରେ ଦୁଃଖ ଦୈନ୍ୟ, ଯାତନା, ଯନ୍ତ୍ରଣା, ଲାଞ୍ଛନା, ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ, ଯୁଦ୍ଧ କରେ। ସେହିପରି ସ୍ୱାଧୀନଚେତା ସାଧକର ଲହୁ ଲୁହର କାହାଣୀ ଆମକୁ ବିସ୍ମୃତ କରେ। ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆଜିର ଜନନେତାମାନେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା, ଅଧିକାର ସୁରକ୍ଷା ଓ କଲ୍ୟାଣ ସାଧନ ପ୍ରତି ସେମାନଙ୍କଠାରୁ ପ୍ରତ୍ୟାଶିତ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ନିଷ୍ଠାର ନ୍ୟୂନତା ପ୍ରକଟ କରୁଛନ୍ତି। ବିଶେଷତଃ କ୍ଷମତା ପ୍ରଲୋଭନ ତାଙ୍କୁ ଜନସାଧାରଣଙ୍କ ସେବଠାରୁ ଦୂରେଇ ରଖୁଛି। ପ୍ରଥମତଃ ଅର୍ଥବଳ, ବାହୁବଳ ପ୍ରୟୋଗ, କ୍ଷମତାକୁ ହାତମୁଠାରେ ରଖି ସେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଏ। ଫଳରେ ବିକାଶରେ ବାଧା ଉପୁଜେ।

ଏଠି ସରକାର କହିଲେ, ନେତା, ପ୍ରଶାସନ ଓ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥା। ଏଠି ଜନତାର ସହଭାଗିତା ଓ ସହଯୋଗିତା ନଥିଲେ କୌଣସି ଯୋଜନା କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ଉପୁଜେ। କଥାରେ କୁହନ୍ତି ଦୁର୍ନୀତି ଗିଳେ ପ୍ରଗତି। ଦୁର୍ନୀତି ଯେଉଁ ପରିମାଣରେ ବୃଦ୍ଧି ପାଇବ ସେହି ପରିମାଣରେ ପ୍ରଗତି କ୍ଷେତ୍ରରେ ଯୋଜନା ତ୍ୱରାନ୍ୱିତ ହେବା ସମ୍ଭବପର ହୋଇପାରେ ନାହିଁ। ଏଥିପାଇଁ ପ୍ରଶାସନ କଳ ଯେତିକି ଦାୟୀ, ସେତିକି ଦାୟୀ ନେତା ଓ ମନ୍ତ୍ରୀ। ଅମଲାମାନଙ୍କର କାର୍ଯ୍ୟ ପାଇଁ କୁଣ୍ଠା ପ୍ରକାଶ ଏବଂ ହାତଗୁଞ୍ଜା ଦେବାରେ ଦୁର୍ନୀତିକୁ ସର୍ବାନ୍ତକରଣରେ ଆମେ ଉତ୍ସାହିତ କରୁଛେ ବୋଲି କହିବାକୁ ହେବ। ଏଥିପ୍ରତି ଜନସାଧାରଣଙ୍କ ସଚେତନତା ଲୋଡ଼ା। ଜନସାଧାରଣ ସକ୍ରିୟ ହେଲେ ଏହାକୁ କେବେ ହେଲେ ପ୍ରଶ୍ରୟ ଦେବେ ନାହିଁ। ଏଠାରେ ସହଭାଗିତା ଓ ସହଯୋଗିତା ହିଁ ଲୋଡ଼ା ପଡ଼େ।

କହିବାକୁ ଗଲେ କଳାବଜାର, ସରକାରୀ ଅର୍ଥ ଭାଗବଣ୍ଟା, ଅଣ୍ଟାଗୁଞ୍ଜା, ଲାଇସେନ୍ସ, ପରମିଟ୍ ବିକ୍ରି, ରେସନ ଜିନିଷ ହରଣଚାଳ ଏସବୁ ଦୁର୍ନୀତି ଆଜି ସମାଜକୁ ରୁଗ୍ଣ କରିବାକୁ ବସିଲାଣି। ପୂଜା ଧ୍ୱଜା ପ୍ରଭୃତି ସାମାଜିକ ଚଳଣି ରୂପେ ପ୍ରଚଳିତ ହେବା ଫଳରେ ସାମାଜିକ ମୂଲ୍ୟବୋଧ ବିଡ଼ମ୍ବିତ ହେବା ସଙ୍ଗେ ସଙ୍ଗେ ଜାତୀୟ ଚରିତ୍ରର ମଧ୍ୟ ସ୍ଖଳନ ଦେଖାଦେଉଛି। କିଛି କିଛି ଭୟ ଆଜି ସାଧାରଣଙ୍କ ମନରେ ଅହେତୁକ ଆଶଙ୍କା ସୃଷ୍ଟି କରୁଛି। ଶାସକ ଓ ଶାସିତ ଭିତରେ ସମନ୍ୱୟ ନାହିଁ। ନେତା ଓ ଜନତା ମଧ୍ୟରେ ଯେଉଁ ଦୂରତା ଥିଲା ତାହା ଏବେ ବି ରହିଛି।

ଗଣତନ୍ତ୍ରରେ ପୁଞ୍ଜିବାଦର ଅବୈଧ ପ୍ରବେଶ ଗଣତାନ୍ତ୍ରିକ ଚେତନାକୁ ଦୂଷିତ କରୁଛି। ସଭ୍ୟତା ଓ ଆଧୁନିକତା ନାଁରେ ମଣିଷକୁ କିଭଳି ଦୁର୍ବଳ ଓ ପଙ୍ଗୁ କରି ଦିଆଯାଉଛି ତାହା ମଧ୍ୟ ଆଜିର ସମାଜ ପ୍ରତି ଦୃଷ୍ଟିପାତ କଲେ ଭଲ ଭାବରେ ଜଣାପଡ଼େ। ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଯେଉଁସବୁ ସମସ୍ୟା ଦେଖା ଦେଉଛି ତାହା ଆମରି ଦ୍ୱାରା ସୃଷ୍ଟ ବୋଲି ବୁଝିବାକୁ ହେବ। ଏଥିପାଇଁ ଆଶୁ ସମାଧାନ ପାଇଁ ସାଧାରଣ ଜନତା ଅଣ୍ଟା ଭିଡ଼ିବା ଦରକାର।

ମୋ: ୯୪୩୭୭୨୮୪୭୫

# ଅନ୍ନଦାଶଙ୍କର : ଅଳ୍ପଦିନର ଅତିଥି, ସୀମାହୀନ ସଂପ୍ରୀତି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

'ଆହା ଯଉବନ ଥରେ ଗଲେ ଆଉ ଆସେନା, ବୃଥା ବିଧୂର ପରାଣ ପୂରେ ଝୁରେ ବାସନା।' - ଯୌବନର ଉଷ୍ମତାକୁ ଅନ୍ନଦାଶଙ୍କର ଅନୁଭବ କରିଥିଲେ ଯଥାର୍ଥ ଭାବରେ। ଯୌବନ-ବିହୀନ ଜୀବନ କାହାକୁ କ'ଣ ଭଲ ଲାଗେ? ସେଥିପାଇଁ କବି ଗାଇଥିଲେ -'ଯଉବନ ସାଥେ ଯାଉ ଜୀବନ ମୋର'। ଭଗବାନଙ୍କ କରୁଣାରୁ ସେ ପ୍ରାୟ ୯୮ ବର୍ଷ ବୟସ ପର୍ଯ୍ୟନ୍ତ ରହିଲେ ମର୍ତ୍ତ୍ୟଭୂମିରେ। କିନ୍ତୁ ଯୌବନ ଅତିକ୍ରମ କରିବା ପୂର୍ବରୁ ସେ ଓଡ଼ିଆ ସାହିତ୍ୟ ଜଗତରୁ ବିଦାୟ ନେଇ ପ୍ରବେଶ କଲେ ବଙ୍ଗଳା ସାହିତ୍ୟ କ୍ଷେତ୍ରକୁ। ଯୌବନ-ଦୀପ୍ତି ସ୍ତିମିତ ହୋଇଯିବା ଯୋଗୁଁ ସେ ଝୁରି ହୋଇଥିବେ ଅତୀତକୁ ନିଶ୍ଚୟ। କିନ୍ତୁ ଓଡ଼ିଆ ପାଠକମାନେ ତାଙ୍କର ଏ ଆକସ୍ମିକ ପ୍ରସ୍ଥାନରେ ବେଦନା-ବ୍ୟଥିତ ପ୍ରାଣରେ ତାଙ୍କୁ ସ୍ମରଣ କରିଛନ୍ତି ଅତି ଆନ୍ତରିକ ଭାବରେ।

୧୯୩୧ରେ 'ପଥେ ପ୍ରବାସେ' ନାମକ ବଙ୍ଗଳା ପୁସ୍ତକ ରଚନା ପରେ ସେ ଯେଉଁ ସୁଖ୍ୟାତି ଲାଭ କଲେ, ତାହା ହିଁ ଓଡ଼ିଶାରୁ ବିଦାୟ ନେବାର କାରଣ ବୋଲି ଅନେକେ ମନେ କରନ୍ତି। ସେ ନିଜେ ମଧ୍ୟ ଏକାଧିକ ସ୍ଥାନରେ ସ୍ୱୀକାର କରିଛନ୍ତି ଯେ ବଙ୍ଗଳା ସାହିତ୍ୟର ପାଠକ ସଂଖ୍ୟା ଓଡ଼ିଆ ତୁଳନାରେ ବହୁ ଅଧିକ ବୋଲି ସେ ବଙ୍ଗଳା ସାହିତ୍ୟ-ସୃଜନରେ ନିଜକୁ ନିମଗ୍ନ ରଖିଲେ। ଅଠର ବର୍ଷ ବୟସରେ ସେ ପ୍ରବେଶ କରନ୍ତି ଓଡ଼ିଆ ସାହିତ୍ୟ-ଭୂମିକୁ। ତରୁଣ କାଳରେ ଜଣେ ସାହିତ୍ୟ ସ୍ରଷ୍ଟା ଯେପରି ସାମାଜିକ ପରିବର୍ତ୍ତନର ପ୍ରେରଣା ଅନୁଭବ କରେ ଅନ୍ନଦାଶଙ୍କର ତାହା ହିଁ କରିଛନ୍ତି। ସବୁକଥାକୁ ମାନି ନ ନେବା ତାରୁଣ୍ୟର ଧର୍ମ ବୋଲି ପ୍ରତିପାଦନ କରିଛନ୍ତି ବଳିଷ୍ଠ ଭାବରେ। 'ପ୍ରଳୟ ପ୍ରେରଣା' ନାମକ କବିତା ରଚନା କରି ସମାଜର ମିଥ୍ୟା, ପ୍ରତାରଣା ଆବର୍ଜନାର ସ୍ତୂପ ଭାଙ୍ଗିଦେଇ ନୂତନ ସମାଜ ଗଠନର ପରିକଳ୍ପନାରେ ଅଧୀର ହୋଇ ଉଠିଛନ୍ତି। ଅଥଚ ତାଙ୍କର ଏହି ବୈପ୍ଳବିକ ବିଚାର ତାଙ୍କ ମନର ଅସ୍ଥିରତା ବୋଲି ଅନୁଭବ କରି ପ୍ରିୟ ପ୍ରଣୟିନୀ ଉଦ୍ଦେଶ୍ୟରେ କହିଛନ୍ତି - ଶୁଣିବ ଯଦି ଶୁଣ ଗୋ ରାଣୀ, ସେ ନୁହେଁ ମୋର ମରମବାଣୀ / ସେ ନୁହେଁ ମନ କଥା ମୋ, ଯେ ଗୀତ ଦେଲି ସେ ଦିନ ଗାଇ ସେ ଗୀତେ ମୋର ହୃଦୟ ନାହିଁ ନାହିଁ ସେ ଗୀତେ ବ୍ୟଥା ମୋ।'

ତା'ହେଲେ କବିଙ୍କ ଜୀବନର ଆଭିମୁଖ୍ୟ କ'ଣ? ସେ କହିଲେ - 'ଯିବି ପଳାଇ ଦୂରେ ସୁଦୂରେ ସପନ ଲୋକେ ଗୋପନ ପୂରେ ଗ୍ରହ ତାରକା ଏଡ଼ାଇ, ଯଉବନର ଝରଣା କୂଳେ ମଳୟ ଯହିଁ ନିୟତ ବୁଲେ କୁସୁମ କେତୁ ଉଡ଼ାଇ।' ପ୍ରଣୟିନୀ ସହିତ ସେ ପଳାୟନ କରିବାର ସମ୍ବାଦ କାହିଁ? ବରଂ ଓଡ଼ିଶା ଛାଡ଼ି ଦେଇ ବଙ୍ଗଳା ରାଜ୍ୟକୁ ପ୍ରବେଶ କରିଥିବାର ସତ୍ୟତା ଅବିସମ୍ବାଦିତ।

୧୯୨୧-୨୬ ମସିହା ମଧ୍ୟରେ ମାତ୍ର କେତୋଟି କବିତା ଆଉ ଉଚ୍ଚକୋଟୀର ପ୍ରବନ୍ଧ ଲେଖି ସେ ତୀବ୍ର ଆଲୋଡ଼ନ ସୃଷ୍ଟି କଲେ। 'ସବୁଜ ଅକ୍ଷର' ନାମକ ପୁସ୍ତକରେ ତାହା ସଂକଳିତ ହୋଇ ରହିଛି। କବି ପଦ୍ମଚରଣ, ସମର ଓ ସାହିତ୍ୟ, ମଥୁରା ମଙ୍ଗଳ, ଶାନ୍ତିନିକେତନ, ଜର୍ଜ ବର୍ଣାଡ଼ ଶ ଙ୍କ ସମ୍ପର୍କରେ ତାଙ୍କ ମୌଳିକ ଚିନ୍ତନ ପ୍ରକଟିତ। 'ବାସନ୍ତୀ' ଉପନ୍ୟାସର କେତୋଟି ପରିଚ୍ଛେଦ ମଧ୍ୟ ତାଙ୍କ ଦ୍ୱାରା ରଚିତ। ଓଡ଼ିଆ ଭାଷାରେ ସେ ଯେଉଁ ନୂତନ ଛନ୍ଦ-ସ୍ପନ୍ଦନ ସୃଷ୍ଟି କରିଗଲେ ତାହା ପାଠକମାନଙ୍କ ଅନ୍ତରକୁ ଉଦବେଳିତ କରିଦେଇଥିଲା ଏବଂ ଆଜିବି ତାହା ଏକାନ୍ତ ସ୍ମରଣୀୟ ହୋଇ ରହିଛି। ଓଡ଼ିଆ ସାହିତ୍ୟ ସୃଜନରୁ ସେ ବିରତି ନେଇଥିଲେ ମଧ୍ୟ ଓଡ଼ିଶା ପ୍ରତି ତାଙ୍କ ହୃଦୟର ଆକର୍ଷଣ ଆଦୌ ମଳିନ ପଡ଼ିଯାଇ ନଥିଲା। ଓଡ଼ିଶାର ଲେଖକ/ପାଠକଙ୍କୁ ଦେଖିବା ମାତ୍ରକେ ତାଙ୍କ ଅନ୍ତର ପୁଲକିତ ହୋଇ ଉଠୁଥିଲା। ବଙ୍ଗଳା ସାହିତ୍ୟକୁ ପରିମାଣାତ୍ମକ ଦୃଷ୍ଟିରୁ ତାଙ୍କ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ। ଓଡ଼ିଆ ସାହିତ୍ୟରେ ତାଙ୍କ ସୃଷ୍ଟି ସ୍ୱଳ୍ପ ହେଲେ ମଧ୍ୟ ସେ ସ୍ୱତନ୍ତ୍ର ମର୍ଯ୍ୟାଦାରେ ବିଭୂଷିତ। ଗୁଣାତ୍ମକ ଦୃଷ୍ଟିରୁ ଏହାର ମୂଲ୍ୟ ଯେ ନିଶ୍ଚୟ ଚିରସ୍ମରଣୀୟ। ଓଡ଼ିଆ ସାହିତ୍ୟର ସେଥିଲେ ସଚେତନ ଶ୍ରଦ୍ଧାଶୀଳ ପାଠକ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ। ପୁଣି ତାଙ୍କ ବଙ୍ଗଳା କୃତିର ଓଡ଼ିଆ ଅନୁବାଦ ପାଇଁ ସେ ସର୍ବଦା ଦେଇଆସିଛନ୍ତି ସାନନ୍ଦ ସ୍ୱୀକୃତି। ଓଡ଼ିଶା ହିଁ ହେଉଛି ତାଙ୍କ କବିତ୍ୱପୂର୍ଣ୍ଣ ଶିଶୁ-ଆତ୍ମାର ଯଥାର୍ଥ ଜନ୍ମଦାତ୍ରୀ। ଜଣେ ସାଧୁ ସାହିତ୍ୟ ସାଧକ ଭାବରେ ସେ ଥିଲେ ବିଶ୍ୱସାହିତ୍ୟ ପ୍ରତି ସର୍ବଦା ଅନୁରକ୍ତ। ସାହିତ୍ୟକୁ କୌଣସି ସୀମାରେଖା ମଧ୍ୟରେ ଆବଦ୍ଧ କରି ରଖିବା ସପକ୍ଷରେ ନଥିଲେ କେବେ ସେ। ସୁଦୀର୍ଘ ୪୦ ବର୍ଷରୁ ଅଧିକ କାଳ ସେ ସମ୍ପୃକ୍ତ ରହିଥିଲେ ସବୁଜ ଧାରାର ସାହିତ୍ୟ ସାଧକମାନଙ୍କ ସହିତ। ବନ୍ଧୁ-ବାତ୍ସଲ୍ୟ ସାହିତ୍ୟ ଜଗତକୁ କିପରି ସମୃଦ୍ଧ କରିପାରେ ତା'ର ଦୃଷ୍ଟାନ୍ତ ହେଉଛି 'ସବୁଜ ଯୁଗ' ବୋଲି ସେ କରିଥିବା ମତବ୍ୟକ୍ତ ପ୍ରେରଣାପ୍ରଦ ନିଶ୍ଚିତ ଭାବରେ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ମାତିଲେ 'ଜେନ୍ ଜେଡ୍'...

ମେଡିକାଲରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନ ଓ ଅନଶନ ସତ୍ତ୍ୱେ ସରକାର ଲଦାଖ ଦାବି ଉପରେ ବିଚାର କରୁନଥିବାରୁ ଏହି ସଂଗଠନର କର୍ମକର୍ତ୍ତା ଆଜି ବନ୍ଦ ପାଳନ ପାଇଁ ଆହ୍ୱାନ ଦେଇଥିଲେ। ବନ୍ଦ ପାଳନ ବେଳେ ଆଜି ଏଭଳି ହିଂସା ହୋଇଥିଲା। ବିକ୍ଷୋଭ ପ୍ରଦର୍ଶନ ବେଳେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲେ ଯୁବ ଆନ୍ଦୋଳନକାରୀ। ସେମାନେ ପୁଲିସ ଉପରକୁ ଟେକାମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ଲାଠିଚାଳନା କରିବାରୁ ଯୁବକ ଓ ଛାତ୍ର ଗୋଷ୍ଠୀ ଉତ୍ୟକ୍ତ ହୋଇ ବିଭିନ୍ନ ସ୍ଥାନରେ ଅଫିସ ଓ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଏପରିକି ସେମାନେ ସିଆର୍‌ପି ଗାଡ଼ି ଓ ବିଜେପି ଅଫିସରେ ମଧ୍ୟ ନିଆଁ ଲଗାଇଦେଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ଏଥିରେ ୪ ଯୁବ ଆନ୍ଦୋଳନକାରୀ ପ୍ରାଣ ହରାଇଛନ୍ତି। ମେଡିକାଲରେ ଚିକିତ୍ସିତ ହେଉଥିବା ୱାଙ୍ଗଚୁକ୍ ଏହି ହିଂସାକାଣ୍ଡକୁ ନେଇ ବିରକ୍ତି ପ୍ରକାଶ କରିବା ସହିତ ଅନଶନ ପ୍ରତ୍ୟାହାର କରିଛନ୍ତି। ଶାନ୍ତି ବଜାୟ ରଖିବା ଲାଗି ସେ ଆନ୍ଦୋଳନକାରୀଙ୍କୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି 'ଜେନ୍ ଜେଡ୍' ମାନସିକତା ରଖିଥିବା କିଛି ଯୁବ ଆନ୍ଦୋଳନକାରୀ ଲଦାଖରେ ଶାନ୍ତି ପ୍ରକ୍ରିୟାକୁ ଭଣ୍ଡୁର କରିଛନ୍ତି। ସୂଚନାଯୋଗ୍ୟ ଯେ 'ଜେନ୍ ଜେଡ୍' ହେଉଛନ୍ତି ନେପାଳର ଯୁବ ଆନ୍ଦୋଳନକାରୀ ଯେଉଁମାନେ ସେଠାର ସରକାର ବିରୋଧରେ ବିକ୍ଷୋଭ କରି ଏହାର ପତନ ଘଟାଇଥିଲେ। ଲଦାଖ ଆନ୍ଦୋଳନକାରୀମାନେ ମୁଖ୍ୟତଃ ୪ଟି ଦାବି ଉପସ୍ଥାପନ କରିଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା, ଷଷ୍ଠ ଅନୁସୂଚୀ ଅନୁସାରେ ସାମ୍ବିଧାନିକ ସୁରକ୍ଷା, କାରଗିଲ ଓ ଲେହକୁ ଦୁଇଟି ଭିନ୍ନ ଭିନ୍ନ ଲୋକସଭା ସିଟ୍‌ର ମାନ୍ୟତା ଏବଂ ସରକାରୀ ଚାକିରିରେ ସ୍ଥାନୀୟ ଲୋକଙ୍କୁ ଭର୍ତ୍ତି ପାଇଁ ଦାବି କରୁଛନ୍ତି। ଏହି ଦାବିଗୁଡକୁ ନେଇ ଅକ୍ଟୋବର ୬ରେ ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ ଯେ ଲଦାଖ ଜମ୍ମୁ-କଶ୍ମୀରର ଏକ ଅଙ୍ଗ ଥିଲା। ୨୦୧୯ରେ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀର ଓ ଲାଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଯାଇଥିଲା।

### ଚାଉଳ ବକେୟା...

ହେଉନାହାନ୍ତି। ବକେୟା ଅର୍ଥ ପାଇଁ ଆମେ କେନ୍ଦ୍ର ସରକାରଙ୍କ ସହ ପୁଣିଥରେ ଆଲୋଚନା କରିବୁ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରୁ ବଳକା ଚାଉଳ ଉଠାଇବା ପାଇଁ ଆମେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିଛୁ। ରାଜ୍ୟ ସରକାରଙ୍କ ଆବେଦନ କେନ୍ଦ୍ର ନିକଟରେ ବିଚାରାଧୀନ ରହିଛି। ଯଦି ଏଥିରେ ବିଳମ୍ବ ହୁଏ, ତେବେ ଚାଉଳ ନଷ୍ଟ ହେବା ପୂର୍ବରୁ ବଳକା ଚାଉଳକୁ ଆମେ ଟେଣ୍ଡର ମାଧ୍ୟମରେ ବିକ୍ରି କରିବୁ। ବିଧାୟକ ପ୍ରତାପ ଦେବ ୨୦୨୪-୨୫ ଆର୍ଥିକ ବର୍ଷରେ ଉଭୟ ଖରିଫ ଏବଂ ରବି ଋତୁରେ କେତେ ଧାନ ସଂଗ୍ରହ ହୋଇଛି, ସେଥିରୁ କେତେ ଚାଉଳ ଉତ୍ପାଦନ କରାଯାଇଛି, କେତେ ଚାଉଳ ଏଫସିଆଇ ସଂଗ୍ରହ କରିଛି ଏବଂ କେତେ ଚାଉଳ ବଳକା ରହିଛି, ସରକାର ବଳକା ଚାଉଳ କେଉଁଠି ରଖିଛନ୍ତି ସେ ସମ୍ପର୍କରେ ଗୃହକୁ ଜଣାଇବାକୁ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ପିଡିଏସ ବାବାଦରେ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ପ୍ରଦାନ କରାଯାଇଛି। ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅତିରିକ୍ତ ୩ ମାସ ଚାଉଳ ପ୍ରଦାନ କରିଛୁ। ଅତିରିକ୍ତ ଚାଉଳ ଉଠାଣ ପାଇଁ କେନ୍ଦ୍ରକୁ ଅନୁରୋଧ କରିଛୁ ବୋଲି ମନ୍ତ୍ରୀ ଉତ୍ତର ଦେଇଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ ଯେ ରାଜ୍ୟର କେତେ ବଳକା ଚାଉଳ ଏଫସିଆଇ ନେଇଛି ? କେନ୍ଦ୍ର ପାଖରେ କେତେ ବକେୟା ରହିଛି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ ଆମେ ବଳକା ଚାଉଳ ନେବା ପାଇଁ କେନ୍ଦ୍ର ନିକଟରେ ଅନୁରୋଧ କରିଛୁ। ରାଜ୍ୟ ସରକାର ଚାଉଳ ଗଚ୍ଛିତ ରଖିବା ଲାଗି ଗୋଦାମ କରିବେ। ୧୦ ଲକ୍ଷ ମେଟ୍ରିକ୍ ଟନ୍ ବାଳକ ଚାଉଳ ଗଚ୍ଛିତ ରଖିବା ଲାଗି ସରକାର ଗୋଦାମ ଖୁବଶୀଘ୍ର ନିର୍ମାଣ କରିବେ। ରାଜ୍ୟରେ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି। ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି। ଆଉ ବଳକା ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ବିଜେଡି। ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ବିଜେପି ବିରୋଧୀ ଦଳରେ ଥିବା ବେଳେ ବିଜେଡି ଓ ମିଳରଙ୍କ ମଧୁଚନ୍ଦ୍ରିକା ଚାଲିଛି ବୋଲି ଅଭିଯୋଗ କରୁଥିଲେ। ଏବେ ସେମାନେ ସେହି ଅବସ୍ଥାରେ ଅଛନ୍ତି ବୋଲି ଶ୍ରୀ ଦେବ କଟାକ୍ଷ କରିଛନ୍ତି।

### କାହା ନିୟନ୍ତ୍ରଣରେ...

ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର କିମ୍ବା ଏଫସିଆଇ କର୍ତ୍ତୃପକ୍ଷ ଏସମ୍ପର୍କରେ ପଦଟିଏ ପାଟି ଫିଟାଉ ନାହାନ୍ତି। ତେଣୁ ଏଫ୍‌ସିଆଇ ଏବେ କାହା ନିୟନ୍ତ୍ରଣରେ ରହିଛି ବୋଲି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁନଶ୍ଚ ଓଡ଼ିଶାର ବଳକା ୧୩ ଲକ୍ଷ ମେଟ୍ରିକ ଟନ ଚାଉଳ ଏବେ କଣ ହେବ ବୋଲି ପ୍ରଶ୍ନ ଉଠିଛି। ଟେଣ୍ଡର ମାଧ୍ୟମରେ ଚଉଳ ବିକ୍ରି ପାଇଁ ମଙ୍ଗଳବାର ବିଧାନସଭାରେ ଯୋଗାଣ ମନ୍ତ୍ରୀ ବିବୃତି ରଖିଥିଲେ ହେଁ ଏହାକୁ ନେଇ ବିଶେଷଜ୍ଞ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏତେ ପରିମାଣର ଚାଉଳ କିଏ କ୍ରୟ କରିବ, ସରକାର ସଠିକ୍ ମୂଲ୍ୟ ପାଇବେ କି ନାହିଁ ସେନେଇ ଏବେଠାରୁ ଆକଳନ କରିବା କଷ୍ଟ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ଉଦ୍‌ଘାଟନ କରିବେ...

ସାଇପ୍ରସ୍, ଆଫଗାନିସ୍ତାନ, ଚୀନ. ଆମେରିକା ସମେତ ୨୧ଟି ଦେଶ ସହ ସାରା ବିଶ୍ୱରୁ ୧୫୦ ଜଣ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ଖାଦ୍ୟ ପ୍ରକ୍ରିୟାକରଣ, ଖାଦ୍ୟ ପ୍ରକ୍ରିୟାକରଣରେ ସ୍ଥିରତା, ଖାଦ୍ୟ ପ୍ରକ୍ରିୟାକରଣରେ ସୀମା, ଭାରତର ଗୃହପାଳିତ ପଶୁ ଖାଦ୍ୟ ଶିଳ୍ପ, ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟ ପାଇଁ ପ୍ରକ୍ରିୟାକୃତ ଖାଦ୍ୟ, ଉଦ୍ଭିଦ-ଆଧାରିତ ଖାଦ୍ୟ, ନ୍ୟୁଟ୍ରାସ୍ୟୁଟିକାଲ୍ସ, ସ୍ୱତନ୍ତ୍ର ଖାଦ୍ୟ ଆଦି ବିଭିନ୍ନ ବିଷୟକୁ ନେଇ ବିଷୟଗତ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

### ଦିନକ ପୂର୍ବରୁ...

ଥିଲା। ୭ ଦିନିଆ ଅଧିବେଶନରେ କ୍ରମାଗତ ୪ ଦିନ ଧରି ବିରୋଧୀ ଶୋକ ପ୍ରସ୍ତାବ ବ୍ୟତୀତ ଅନ୍ୟ କୌଣସି ଗୃହ କାର୍ଯ୍ୟରେ ଭାଗ ନେଇନଥିଲେ। ଶେଷଦିନରେ କଂଗ୍ରେସ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିଥିବା ବେଳେ ଅଧିବେଶନରେ ମାତ୍ର ଗୋଟିଏ ମୁଲତବୀ ଆଲୋଚନା ସମ୍ଭବ ହୋଇପାରିଛି। ସେହିପରି ଗୃହରେ ୮ଟି ତାରକା ପ୍ରଶ୍ନ ଆଲୋଚନା ହୋଇଥିବା ବେଳେ ୨ଟି ବିଧେୟକ, ଗୋଟିଏ ସଂକଳ୍ପ ପାରିତ ହୋଇଛି। ସେହିପରି ଶେଷ ଦିନରେ ୪ଟି ସିଏଜି ରିପୋର୍ଟ ମଧ୍ୟ ଗୃହରେ ଉପସ୍ଥାପିତ ହୋଇଛି।

### ଯୋଡ଼ି ଲଘୁଚାପ...

ଗୁରୁବାରଠାରୁ ରାଜ୍ୟ ଉପରେ ଦୁଇ ଦୁଇଟି ଲଘୁଚାପର ପ୍ରଭାବ ପଡିବ। ଏଥିପାଇଁ ବର୍ଷା ବଢ଼ିବା ସହ ଆହୁରି ୪ ଦିନ ଯାଏ ପ୍ରବଳ ବର୍ଷିବ। ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ବର୍ତ୍ତମାନ ଉତ୍ତରର ଓଡିଶା ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ରହିଛି। ଏହା ଆଗାମୀ ୧୨ ଘଣ୍ଟାରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏଥିସହ ଆଜି ଏକ ଘୁର୍ଣ୍ଣିବଳୟ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି। ଏହା ଧୀରେଧୀରେ ପଶ୍ଚିମ ଆଡକୁ ଗତି କରିବ। ପ୍ରଭାବରେ ଆସନ୍ତାକାଲି ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ପରେ ଏହା ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ ତାରିଖରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ତେଣୁ ଏହି ସମୟ ମଧ୍ୟରେ ରାଜ୍ୟରେ ବ୍ୟାପକ ବର୍ଷା ଆଶଙ୍କା କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଉଭୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଗୁରୁବାର ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଓ ଝଡି ପବନ ଆଶଙ୍କା ରହିଛି। ମାଲକାନଗିରି ଓ କୋରାପୁଟ ସମେତ ନବରଙ୍ଗପୁର, ରାୟଗଡ଼ା ଓ ଗଜପତିରେ ବର୍ଷାର ସବୁଠୁ ଅଧିକ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ୨୬-୨୭ ରେ ସବୁଠୁ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶାରେ ପବନର ବେଗ ୪୦-୫୦ କିମି ରହବା ନେଇ ମଧ୍ୟ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ୩୫ ରୁ ୬୦ କିମି ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଜିଠାରୁ ମତ୍ସ୍ୟଜୀବୀଙ୍କୁ ୨୮ ସେପ୍ଟେମ୍ବର ଯାଏ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

### ୨୭ରେ ମୁଣ୍ଡଳୀ...

ଏଡ଼ାଯାଇ ନପାରେ। ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ଜଳସମ୍ପଦ ବିଭାଗ ସୂଚନା ଜାରି କରିଛି। ଏହାସହିତ କ୍ଷେତ୍ରସ୍ତରର ଅଧିକାରୀମାନଙ୍କୁ ସତର୍କ କରାଯାଇଛି। ଏହା ବ୍ୟତୀତ ବ୍ରାହ୍ମଣୀ ନଦୀରେ ରେଙ୍ଗାଲିରେ ଗୋଟିଏ ଗେଟ୍ ଖୋଲିଛି। ବୈତରଣୀରେ ମଧ୍ୟ ବିପଦ ସଂକେତ ନିକଟରେ ଜଳସ୍ତର ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗରେ ବର୍ଷା ସତ୍ତ୍ୱେ ଜଳସ୍ତର ବିପଦ ସଂକେତ ତଳେ ରହିଥିଲେ ମଧ୍ୟ ଆଗକୁ ଆଉ ଏକ ଲଘୁଚାପ ଥିବାରୁ ଜଳସମ୍ପଦ ବିଭାଗ ସବୁ ଦିଗ ଉପରେ ନଜର ରଖିଥିବା ନେଇ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି।


**पावरग्रिड POWERGRID**

**ନୋଟିସ**

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା - XXX (ERES-XXX)" ଅନ୍ତର୍ଗତ ସମ୍ପତ୍ତି ପାଇଁ ମାପ ଶୁଳ୍କ ନିର୍ଣ୍ଣୟ ପାଇଁ ଅନୁରୋଧ, ପୂର୍ବ ଅଞ୍ଚଳ ରେ ଏଲେକ୍ଟ୍ରିସିଟି ଆକ୍ଟ, 2003 ର ସେକ୍ସନ 62 ସହିତ ସେକ୍ସନ 79 (1) (d) ଅନୁସାରେ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ (ବ୍ୟବସାୟ ଚାଳନା ସମ୍ପର୍କିତ) ନିୟମାବଳୀ, 2023 ର ସେକ୍ସନ 15 (1) (a) ଓ ସେକ୍ସନ 23 ଅନୁସାରେ, ସହିତ କେନ୍ଦ୍ରୀୟ ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ (ମାପ ଶୁଳ୍କ ନିୟମ ଓ ସର୍ତ୍ତ) ନିୟମାବଳୀ 2024 ପଢ଼ିବା ସହିତ।

୨. ପୂର୍ବ ଅଞ୍ଚଳ ରେ ଉପରୋକ୍ତ ଟ୍ରାନ୍ସମିଶନ୍ ସିଷ୍ଟମ୍‌ର ଲାଭାର୍ଥୀ: i) ବିହାର ରାଜ୍ୟ ଶକ୍ତି (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମ ବଙ୍ଗ ରାଜ୍ୟ ଇଲେକ୍ଟ୍ରିସିଟି ବିତରଣ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍, iv) ଡାମୋଦାର୍ ଭ୍ୟାଲି କର୍ପୋରେସନ୍, v) ପାୱାର୍ ବିଭାଗ, ସିକିମ୍ ସରକାର, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ପୁଞ୍ଜୀ ଖର୍ଚ୍ଚ (ରୁ. ଲକ୍ଷରେ), ବ୍ୟବସାୟିକ କାର୍ଯ୍ୟାରମ୍ଭ ତାରିଖ ଓ ମୋଟ ଅନୁମାନିତ ପୁଞ୍ଜୀ ଖର୍ଚ୍ଚ (ରୁ. ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset-1 | 1125.00 | 21.06.2025 | 1704.48 |

୪. ଟାରିଫ୍ ବିବରଣୀ:
କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset-1 | 0 | 194.14 | 279.25 | 295.10 | 292.25 |

୫. ଏହି ସୂଚନାର ଏକ ପ୍ରତି ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ ହୋଇଥିବା ଆବେଦନର ଏକ ନକଲ ଆବେଦକଙ୍କର ୱେବସାଇଟ୍ www.powergrid.in ରେ ଅପଲୋଡ୍ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ପାଇଁ ପ୍ରସ୍ତାବଗୁଡ଼ିକ ବାବଦରେ କୌଣସି ପ୍ରସ୍ତାବ କିମ୍ବା ଆପତ୍ତି ଥିଲେ, ସେଗୁଡ଼ିକୁ କୌଣସି ବ୍ୟକ୍ତି (ଲାଭଭୋଗୀଙ୍କୁ ସହିତ) ସଚିବ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ୬, ୭ ଏବଂ ୮ମ ତଳ, ଟାୱର-ବି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନରୋଜି ନଗର, ନୂଆଦିଲ୍ଲୀ - ୧୧୦୦୨୯ (କିମ୍ବା ଆୟୋଗ କାର୍ଯ୍ୟାଳୟର ଅନ୍ୟାନ୍ୟ ଠିକଣାରେ) ୩୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ ଏବଂ ଏହାର ଏକ ନକଲ ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ପଠାଇବାକୁ ପଡିବ।

ସ୍ଥାନ: ଗୁରୁଗ୍ରାମ — ସ୍ୱା/-
ତାରିଖ: ୨୫.୦୯.୨୦୨୫ — ସାଧାରଣ ପ୍ରବନ୍ଧକ (ବ୍ୟବସାୟିକ)

**POWER GRID CORPORATION OF INDIA LTD**
(A Government of India Enterprise)
Reg. Office : B-9, Qutab Institutational Area, Katwaria Sarai, New Delhi-110 016
Corp. Office : "Saudamini", Plot No. 2, Sector-29, Gurugram-122001, (Haryana)
www.powergrid.in, CIN : L40101DL1989GOI038121
A Maharatna PSU

PG/CC/NIT-41/Ad-51/25-26 Paramin



GOVERNMENT OF ODISHA — B-565
OFFICE OF THE SUPERINTENDING ENGINEER GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail com
INVITATION FOR BIDS (IFB) [e-Procurement]
**TENDER CALL NOTICE**

**Bid Identification No. SC (R&B)-GM-II-15/2025-26 No.8368 Dated.16.09.2025**

1) The Superintending Engineer, Ganjam [R&B] Division No. II, Berhampur on behalf of Governor of Odisha invites percentage **rate bid** in single cover system to be received in **ONLINE MODE** only for the work as detailed below:
2) Nature of Work : Electrical work
3) No. of work : 09 Nos.
4) Tender Cost : Rs.6,000/-
5) Class of Contractor : Authorized dealer / Distributor (specialized agency for fire work must with MOU with ELBO) Electrical Contractor
6) Availability of bid documents : From 23.09.2025 10.00 AM to 10.10.2025 4.00 P.M. in the website
7) Date of opening of Bid : 13.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34080/11/0032/2526



यूनियन बैंक ऑफ इंडिया Union Bank of India — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେଓଗଡ଼ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲକୁ** ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଦେଓଗଡ଼ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସୁଦାମ କୁମାର ପ୍ରଧାନ, ପିତା: ବଙ୍ଗାଳୀ ପ୍ରଧାନ, ୨) ଶ୍ରୀମତୀ ସୁମିତ୍ରା ସାମଲ, ସ୍ୱାମୀ: ଶ୍ରୀ ସୁଦାମ କୁମାର ପ୍ରଧାନ, ୩) ଶ୍ରୀ ବଙ୍ଗାଳୀ ପ୍ରଧାନ, ପିତା: ହରିହର ପ୍ରଧାନ, ସମସ୍ତଙ୍କ ଠିକଣା ସା: ଭୁକାବେଡ଼ା, ଟାଇଁସର, ଦେଓଗଡ଼ - ୭୬୮୧୦୮ | ତା.୦୮.୦୪.୨୦୨୫ ସୁଦ୍ଧା ଟ.୪,୪୪,୫୯୨.୮୯ + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୦୮.୦୪.୨୦୨୫ / ୨୨.୦୯.୨୦୨୫ | ଶ୍ରୀ ବଙ୍ଗାଳୀ ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୩୬, ପ୍ଲଟ୍ ନଂ.: ୨୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି, ପ୍ଲଟ୍ ନଂ.: ୨୬୭, କ୍ଷେତ୍ର: ଏକର ୦.୦୮ ଡିସିମିଲି, ପ୍ଲଟ୍ ନଂ.: ୨୬୯, କ୍ଷେତ୍ର: ଏକର୦.୦୮ |

ଡିସିମିଲି, ପ୍ଲଟ୍ ନଂ.: ୨୭୦, କ୍ଷେତ୍ର: ଏକର୦.୧୪ ଡିସିମିଲି, ପ୍ଲଟ୍ ନଂ.: ୩୦୮, କ୍ଷେତ୍ର: ଏକର୦.୦୬ ଡିସିମିଲି, ପ୍ଲଟ୍ ନଂ.: ୩୧୦, କ୍ଷେତ୍ର: ଏକର୦.୦୫ ଡିସିମିଲି, ପ୍ଲଟ୍ ନଂ.: ୩୧୧, କ୍ଷେତ୍ର: ଏକର୦.୦୧ ଡିସିମିଲି, ପ୍ଲଟ୍ ନଂ.: ୩୧୨, କ୍ଷେତ୍ର: ଏକର ୦.୦୧ ଡିସିମିଲି, ପ୍ଲଟ୍ ନଂ.: ୩୨୪, କ୍ଷେତ୍ର: ଏକର୦.୦୪ ଡିସିମିଲି, ପରିମିତ **ସମୁଦାୟ କ୍ଷେତ୍ର: ଏକର ୦.୫୧ ଡିସିମିଲି,** କିସମ: ଘରବାରୀ, ଥାନା ନଂ.: ୧୬୦, ମୌଜା: ଭୁକାବେଡ଼ା, ଜିଲ୍ଲା: ଦେଓଗଡ଼, ଓଡ଼ିଶା - ୭୬୮୧୦୮, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ରମେଶ ପ୍ରଧାନ, ପୂର୍ବ: ହେମନ୍ତ ପ୍ରଧାନ, ପଶ୍ଚିମ: ରାସ୍ତା

**ସ୍ଥାନ: ସମ୍ବଲପୁର, ତାରିଖ: ୨୪.୦୯.୨୦୨୫** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**
By virtue of an Affidavit vide No-02/23.09.2025 before the executive Magistrate, Tigiria I Rukaya Bibi W/o Harun Khan resident of Vill-Karadapalli, Po/Ps-Tigiria, Dist-Cuttack declare that I have changed my name from Rokia Bibi to Rukaya Bibi. Henceforth I shall be known as **Rukaya Bibi** for all purpose.

**AFFIDAVIT**
By virtue of an affidavit before the Executive Magistrate, Badamba on Dt. 13/08/2025 I Sumanta Kumar Sahoo S/o-Narasingha Sahoo Village-Biswambarpur, Po/Ps-Badamba, Dist-Cuttack declare that I have changed my name Banamali Sahoo to Sumanta Kumar Sahoo. Henceforth I will known as **Sumanta Kumar Sahoo** for all purposes.

**AFFIDAVIT**
I, Md Parvez Alam, S/o-Mohammad Zafar Alam, resident of Plot No- 41, Sri Chandan Colony, At/Ps-Badagada, Po- Badagada Brit Colony, Bhubaneswar-751018, Odisha declare by this affidavit No. 32211, date-23/09/2025, that now onwards, I shall be known as **PARVEZ ALAM** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated-23/09/2025. I, **Nila Barik** (new name), formerly called as Lilabati Barik (old name), W/o- Karuna Barik, permanent resident of At-Junani, PO- Badi, PS- Khariar, Dist-Nuapada, (Odisha), PIN- 766107 now residing at the same place affirm that I have changed my name from **Lilabati Barik** (old name) to **Nila Barik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Nila Barik** (new name).
**Nila Barik**

**AFFIDAVIT**
I, Gita Patnaik, w/o - Prafulla Kumar Pattanayak, resident of Plot No. 49, Krishna Niwas, Rasulgarh, New Colony, Bhubaneswar, PO: Rasulgarh, Dist: Khorda, Pin: 751010, Odisha declare by the affidavit No. 528 dtd. - 20/09/2025 that now onwards I shall be known as **GITA PATTANAYAK** for all future purposes.

**AFFIDAVIT**
I, Prafula Kumar Patnaik, S/o - Late Natabar Pattanayak, resident of Plot No. 49, Krishna Niwas, Rasulgarh, New Colony, Bhubaneswar, PO: Rasulgarh, Dist: Khorda, Pin: 751010, Odisha declare by the affidavit No. 527 dtd. - 20/09/2025 that now onwards I shall be known as **PRAFULLA KUMAR PATTANAYAK** for all future purposes.

**AFFIDAVIT**
By Virtue of an affidavit before the Executive Magistrate, Bhubaneswar, **I, Rajesh Kumar Behera,** S/o.: Karunakar Behera, At: Talugu Basti, Sahid Nagar, PO./P.S.: Sahid Nagar, Bhubaneswar, Dist.: Khurda, Odisha, PIN-751007 have changed my name from Rajesh Kumar Das to **Rajesh Kumar Behera**. Henceforth I shall be known as **Rajesh Kumar Behera**, for all future purposes.

**PUBLIC NOTICE**
It is for general information, I **TANKALA DHANESWAR**, S/o Tankala Laxmi Narayan R/o Qtr. No. C/533, Koel Nagar, Near Jhirpani Police Station, Sector-C Block, Raurkela, (M), Sundergarh, Rourkela-14, Odisha, 769014 declare that name of mine and my father has been wrongly written as **T DHANESWAR** and **T LAXMI NARAYAN** in my service records. The actual name of mine and my father are **TANKALA DHANESWAR** and **TANKALA LAXMI NARAYAN** respectively which may be amended accordingly.
Sd- **TANKALA DHANESWAR**

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Banbash Choudhury S/o Late Krushna Chandra Choudhury, Resident of Deulasahi, New Colony, SBI Lane, Shelter Chhak, PO-Tulasipur, Dist-Cuttack, PIN-753008, Odisha declare by this affidavit No.8324 dtd 23.09.2025 that now onwards I shall be known as **BANABASH CHOUDHURY** for all future purposes.

**AFFIDAVIT**
I, Satrughanu Sahoo S/o Late Gangadhar Sahoo, Resident of At/Po-Kiajhar, PS-Tomka, Dist-Jajpur, PIN-755019, Odisha declare by this affidavit No.384 dtd 24.09.2025 that now onwards I shall be known as **SATRUGHAN SAHOO** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Nandapur dated 24/09/2025 I Rita Kamudi, D/o Sudharsan Kamudi, W/o- Sunil Kumar Sarsang resident of Vill.- Rasaput, Po.- Kularsingh, Ps.- Padwa, Dist.- Koraput, Odisha, Pin- 764038 declare that I have changed my name from **Nirmal Kamudi** to **Rita Kamudi.** Henceforth, I shall be known as **Rita Kamudi** for all purposes.
Sd/- **Rita Kamudi**

**AFFIDAVIT**
I, Saikh Abdul Hakim, aged about 79 years, S/o- Rostam Ali, resident of Santa Sahi, PO-Tarakote, PS- Korei, Dist- Jajpur, PIN-755025, Odisha declared by this affidavit SL No. 1977, dtd-24/09/2025 that now onwards I shall be known as **SK ABDUL HAKIM** for all future purposes.

**SALE**
TATA YODHA CREW CAB, Model - 2023, Registration No-OD-04-T-8204, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**
I, Mohammad Alam, S/o-Mahammad Suleman, resident of Village-Alinagar, Champua, PO/PS- Champua, Dist-Keonjhar, Odisha, PIN-758041 declared by this affidavit CF No. 5637, dtd- 22/09/2025 that now onwards I shall be known as **MAHAMMAD ALAM** for all future purposes.

**AFFIDAVIT**
I, Krishna Paspureddy, S/o- Late Sahadeb Paspureddy, resident of At-Landahati, Po-Lalusahi, Ps- Gurandi, Dist- Gajapati, Pin-761212, Odisha declared by this affidavit No. A/119, dtd- 23/09/2025 that now onwards I shall be known as **KRISHNA PASPUREDDY** for all future purposes.

**AFFIDAVIT**
By virtue of an affidavit before the Notary Public, Bhubaneswar on dated- 20/09/2025. I, **Binodini Ray,** W/o Sudhir Chandra Ray, resident of Plot No. 833, Biradar Sahi, Near Shiv Temple, Patia, PO- Patia, PS-Chandra-sekharpur, Bhubaneswar, Dist-Khordha, Odisha declare that, after marriage with Sudhir Chandra Ray I have changed my name / surname from **Binodini Singhsamanta** to **Binodini Ray.** Henceforth, I shall be known as **Binodini Ray** for all future purposes.

**AFFIDAVIT**
By virtue of an affidavit No. 5661 sworn before the Executive Magistrate, Champua dated- 23/09/2025, I **Bikash Mahanta**, resident of Vill/P.o - Uchabali, Ps-Baria, Dist- Keonjhar, Odisha, Pin-758044 declare that I have changed my name from **Bhagiratha Mohanta** to **Bikash Mahanta.** Henceforth I shall be known as **Bikash Mahanta** for all future purposes.
**Bikash Mahanta**

**AFFIDAVIT**
By virtue of an affidavit before the Executive Magistrate, Titilagarh, on dated- 24/09/2025. I, **Ananga Bag** (Applicant name), Son of Shankara Bag, Permanent resident of At-Dejuri, PO- Naren, PS- Titilagarh, Dist- Balangir, (Odisha), PIN-767066, now residing at the same place affirm that I have changed my minor daughter's name from **Neha Bag** (old name) to **Niharika Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Niharika Bag** (new name).
**Ananga Bag**

**AFFIDAVIT**
I, Dharyadhar Adjuad, S/o- Ananda Adjuad, resident of At-Jagua, Po-Jagua, Titlagarh, Dist- Balangir, Pin-767066, Odisha declared by this affidavit No. 02, dtd- 18/08/2025 that now onwards I shall be known as **DHAIRYADHAR ADJUAD** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated-23/09/2025. I, **Surjyakanti Routray** (new name), formerly called as Surjyakanti Barik (old name), D/o-Krushna Kumar Routray, permanent resident of At- Junani, PO- Badi, PS-Khariar, Dist- Nuapada, (Odisha), PIN- 766107 now residing at the same place affirm that I have changed my name from **Surjyakanti Barik** (old name) to **Surjyakanti Routray** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Surjyakanti Routray** (new name).
**Surjyakanti Routray**

## ଭାପୁର ବ୍ଲକ୍‌ରେ ୫୯ ଭୂତ ରାସନ ହିତାଧିକାରୀ

# ପାଞ୍ଚ ବର୍ଷ ହେଲା ନେଉଛନ୍ତି ଚାଉଳ

ଭାପୁର,୨୪।୯ (ସମିସ)

ସରକାରଙ୍କ ମାଗଣା ଯୋଜନାରେ ସାମିଲ ହେବା ପାଇଁ କିଛି ବ୍ୟକ୍ତି ସେମାନଙ୍କ ପରିବାରର ମୃତ ବ୍ୟକ୍ତି ମାନଙ୍କ ନାମରେ ବର୍ଷ ବର୍ଷ ଧରି ରାସନ ଚାଉଳ ଉଠାଉଥିବା ଲୋକଲୋଚନକୁ ଆସିଛି। ସେମାନଙ୍କ ସଂଖ୍ୟା ଗୋଟିଏ ଦୁଇଟି ନୁହେଁ; ଶହ ଶହ ବୋଲି ପୂର୍ବରୁ ଅନୁମାନ କରାଯାଉଥିବା ବେଳେ ବର୍ତ୍ତମାନ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସାମାଜିକ ସମୀକ୍ଷା ସମୟରେ ୫୯ଟି ସରକାରୀ ଭାବେ ଧରା ପଡିଛନ୍ତି ଓ ଆହୁରି ଅନେକ ଧରାପଡିବେ। ଏହି ଭୂତ ରାସନ ହିତାଧିକାରୀଙ୍କ ଯୋଗୁଁ ବହୁ ଯୋଗ୍ୟ ଆଶାୟୀ ହିତାଧିକାରୀ ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଭୂତ ରାସନ ଉଠାଉଥିବା ଉକ୍ତ ପରିବାରଙ୍କ ଠାରୁ ରାସନ ଚାଉଳ ଭରଣା କରାଯିବ ବୋଲି ପ୍ରଶାସନ ଯୋଜନା କରିଛି। ଯାହାକୁ ନେଇ ବ୍ଲକରେ ଚର୍ଚ୍ଚା ଆରମ୍ଭ ହୋଇଛି। ଭାପୁର ବ୍ଲକରେ ବୁଧବାର ଖାଦ୍ୟ ସୁରକ୍ଷା ଯୋଜନା ନେଇ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକରେ ୫୯ ଜଣ ଭୂତ

- ସାମାଜିକ ସମୀକ୍ଷାରେ ଧରାପଡ଼ିଲା
- ଭୂତଙ୍କ ଯୋଗୁଁ ବଳି ପଡ଼ିଛନ୍ତି ଯୋଗ୍ୟ ବ୍ୟକ୍ତି

ରାସନ କାର୍ଡ ଧାରିଙ୍କ ନାମ ସାର୍ବଜନୀନ ହୋଇଥିଲା। ସେମାନଙ୍କ ମଧ୍ୟରୁ ଶାଳପଡା ପଞ୍ଚାୟତ ବାରବାଟୀ ଗ୍ରାମର ଈଶ୍ୱର ପଣ୍ଡା ଯେ କି ୫ ବର୍ଷ ହେଲା ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ନାମରେ ତାଙ୍କ ପରିବାର ଚାଉଳ ଉଠାଇ ଆସୁଛନ୍ତି। ସେହିପରି ଭାପୁର ପଞ୍ଚାୟତ ମନ୍ଦାରବେରେଣୀ ଗ୍ରାମର ରାଣୀ ତ୍ରିପାଠୀ ଓ ଲକ୍ଷ୍ମୀଣ ବେହେରା ୪ ବର୍ଷ ହେଲା ମୃତ୍ୟୁ ହୋଇଥିଲା ବେଳେ ତାଙ୍କ ନାମରେ ଚାଉଳ ଉଠାଣ ହେଉଛି। ସେହିପରି ଫତେଗଡ ପଞ୍ଚାୟତ ଫତେଗଡ ଗ୍ରାମର ବାଇଧର ପଶା, ଚକ୍ରଧରପ୍ରସାଦ ଗ୍ରାମର ଆର୍ତ୍ତବନ୍ଧୁ ନାଥ ଓ ଗୋଳାପୋଖରୀ ପଞ୍ଚାୟତର ଶାନ୍ତଲତା ଦଳେଇଙ୍କ ଭଳି ୫୯ ବ୍ୟକ୍ତିଙ୍କ ନାମରେ ଚାଉଳ ଉଠାଯାଉଛି। ଏହି ଭୂତ ରାସନ ଧାରୀଙ୍କ ପରିବାର ଠାରୁ ସମସ୍ତ ଚାଉଳ ଭରଣା କରାଯିବା ପାଇଁ ପ୍ରଶାସନ କାର୍ଯ୍ୟ ଆରମ୍ଭ କରୁଥିବା ଜଣାପଡିଛି।

- ଖୋଲିଲା ରଘୁନାଥଜୀଉଙ୍କ ହୁଣ୍ଡି ବାକ୍ସ

## ମିଳିଲା ୩.୬୭ ଲକ୍ଷ ଟଙ୍କା; ୩.୧୪୧ ଗ୍ରାମ୍ ସୁନା



ଓଡ଼ଗାଁ,୨୪।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜେ ଶ୍ରୀରଘୁନାଥଜିଉଙ୍କ ହୁଣ୍ଡି ବାକ୍ସ ବୁଧବାର ଖୋଲାଯାଇଛି। ସେଥିରୁ ୩ ଲକ୍ଷ ୬୭ ହଜାର ୪୪୪ ଟଙ୍କା ମିଳିଥିବା ବେଳେ ୩ ଗ୍ରାମ ୧୪୧ ମିଲି ଗ୍ରାମ ସୁନା, ୫୦ଗ୍ରାମ ୪ଶହ ମିଲି ଗ୍ରାମ ରୁପା, ୧ କିଲୋଗ୍ରାମ ୪ଶହ ଗ୍ରାମ ପିତଳ ତଉଘଣ୍ଟି ମିଳିଥିଲା। ହୁଣ୍ଡି ବାକ୍ସ ଖୋଲିବା ବେଳେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ମନ୍ଦିର ପରିଛା, ମନ୍ଦିର ଅଫିସ କର୍ମଚାରୀ ଏବଂ ପୁଲିସ ପ୍ରଶାସନର ଉପସ୍ଥିତିରେ ଗଣତି ମଣତି କରାଯାଇଥିଲା।

## ବାହାଡ଼ାଶୁଣୀଙ୍କ ପୀଠରେ ଶନିବାରରୁ ଯାତ୍ରା



ଖଣ୍ଡପଡ଼ା,୨୪।୯ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ବାହାଡ଼ା ଗ୍ରାମରେ ଥିବା ମା' ବାହାଡାଶୁଣୀଙ୍କ ପୀଠରେ ଆସନ୍ତା ଶନିବାର ଠାରୁ ଯାତ୍ରା ଉତ୍ସବ ଆରମ୍ଭ ହେବ। ଏନେଇ ଆୟୋଜକ ଗ୍ରାମବାସୀଙ୍କ ସୂତ୍ରରୁ ସୂଚନା ମିଳିଛି। ଶନିବାର ମା'ଙ୍କ ପୀଠରେ ଷଷ୍ଠୀ ଓ ରବିବାର ସପ୍ତମୀ ପୂଜା ମହାସମାରୋହରେ ପାଳିତ ହେବ ବୋଲି ଜଣାପଡିଛି। ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଯାତ୍ରା ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ସାମାଜିକ ଓ ପୌରାଣିକ ନାଟକ ପରିବେଷଣ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଗତବର୍ଷ ଠାରୁ ଏବର୍ଷ ଅଧିକ ଜନସମାଗମ ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି।

## ସାଇବର ଠକେଇ ସଚେତନତା କର୍ମଶାଳା




ଓଡ଼ଗାଁ,୨୪।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଦାଲତ ପରିସରରେ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଓଡ଼ଗାଁ ଓକିଲ ସଂଘ ସଭା ଗୃହ ମଧ୍ୟରେ ସାଇବର ଠକେଇ ଓ ଏଥିସମ୍ପର୍କିତ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ଗାଁ ଦେୱାନୀ ବରିଷ୍ଠ ବିଭାଗ ବିଚାରପତି ଜନ୍ମେଜୟ ଦାସ, ଦେୱାନୀ କନିଷ୍ଠ ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ, ଗ୍ରାମ ନ୍ୟାୟାଳୟ ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର, ଓକିଲ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଂପାଦକ ବଟକୃଷ୍ଣ ମିଶ୍ର, ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର, ଯଜ୍ଞନାରାୟଣ ପାତ୍ର ଓ ପ୍ରମୋଦ କୁମାର ବିଶ୍ୱାଳ ଏବଂ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପାତ୍ର ଓ ଅନ୍ୟ ଆଇନଜୀବୀ ମାନେ ଅଂଶଗ୍ରହଣ କରିଥିଲେ। ଏଥିସହିତ ବିଭିନ୍ନ ପ୍ରାନ୍ତରୁ ପହଞ୍ଚିଥିବା ପାରାଲିଗାଲ ସ୍ୱେଚ୍ଛାସେବୀ ଓ ଶ୍ରମିକମାନେ ଯୋଗ ଦେଇଥିଲେ। ମୋବାଇଲ୍ ଓ କମ୍ପ୍ୟୁଟର ମାଧ୍ୟମରେ କିଭଳି ଭାବେ ସାଧାରଣ ଜନତା କିପରି ଠକାମିର ଶିକାର ହୋଇ ସେମାନଙ୍କ ଧନଜୀବନ ନଷ୍ଟ ହୋଇଥାଏ ଓ କିପରି ତାହାର ନିରାକରଣ ହେବ ସେ ସଂପର୍କରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ସଭା ଶେଷରେ ଆଇନସେବା ପ୍ରାଧିକରଣ ତରଫରୁ ଦଶଜଣ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ଓ ତିରିଶି ଜଣ ଶ୍ରମିକଙ୍କୁ ଶ୍ରମିକ ପରିଚୟ ପ୍ରଦାନ କରାଯାଇଥିଲା। ଶ୍ରମିକ ମାନେ ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସଂଘମିତ୍ରା ଶର୍ମାଙ୍କ ସହଯୋଗକୁ ପ୍ରଶଂସା କରିଥିଲେ।

## ମିଳୁନି ସାର; ଚାଷୀ ହନ୍ତସନ୍ତ



କଣ୍ଟିଲୋ,୨୪।୯ (ସମିସ): ଠିକଣା ସମୟରେ ଚାଷୀଙ୍କୁ ମିଳୁନି ସାର। ଧାନ ଜମି ମାନଙ୍କରେ ବଛା ଓ ଖେଲୁଆ କାର୍ଯ୍ୟ ଶେଷ ହୋଇଛି। ବର୍ତ୍ତମାନ ଧାନ ଗଛ ବଢିବାର ସମୟ। ଏଥିପାଇଁ ସାର ପ୍ରୟୋଗ ଅପରିହାର୍ଯ୍ୟ ହୋଇଥିବାବେଳେ ଦେଖାଦେଇଛି ସାର ସଙ୍କଟ। ଖଣ୍ଡପଡା ବ୍ଲକର ପ୍ରାୟ ଅଞ୍ଚଳରେ ଚାଷୀମାନେ ସାର ପାଇଁ ସୋସାଇଟିରୁ ସୋସାଇଟି ବୁଲୁଛନ୍ତି; କିନ୍ତୁ ମିଳୁନି ସାର। ତେବେ ସୋସାଇଟିମାନଙ୍କୁ ଯୋଗାଯାଉଥିବା ସାର ପର୍ଯ୍ୟପ୍ତ ହେଉନାହିଁ। ସରକାର ପର୍ଯ୍ୟାପ୍ତ ସାର ମହଜୁଦ କଥା କହୁଥିବାବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ଆବଶ୍ୟକତା ଠାରୁ କମ ସାର ଯୋଗାଣ ହେତୁ ବାଧ ହୋଇ ଚାଷୀ ମାନେ ଖୋଲା ବଜାରରୁ ୩, ୪ ଗୁଣ ଚଢ଼ା ଦରରେ ସାର କିଣିବାକୁ ବାଧ ହେଉଛନ୍ତି। ସରକାର ସାର ସବସିଡରେ ୨୬୬ ଟଙ୍କା ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ସାର ଡିଲରମାନେ ଖୋଲା ବଜାର ରେ ୯ଶହ ଟଙ୍କା ଉପରେ କିଣୁଛନ୍ତି ଚାଷୀ। ସାର ଅଭାବ ଯୋଗୁଁ ଏହାର ପ୍ରଭାବ ଧାନ ଅମଳ ରେ ପଡିବ ବୋଲି କହିଛନ୍ତି ଖଣ୍ଡପଡା ଅଞ୍ଚଳ ର ଅନେକ ଚାଷୀ। ତେବେ ବର୍ତ୍ତମାନ ସମିତି ଗୁଡିକୁ ପର୍ଯ୍ୟାପ୍ତ ସାର ଯୋଗାଣ ପାଇଁ ଦାବୀ କରିଛନ୍ତି ଚାଷୀ।

## ପାଥପୁର ଗ୍ରାମରେ ଦୁଇ ଘରୁ ଚୋରି

ଭାପୁର,୨୪।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ପାଥପୁର ଗ୍ରାମରେ ମଙ୍ଗଳବାର ରାତିରେ ଦୁଇ ଜଣଙ୍କ ଘରୁ ଚୋରି ହୋଇଥିବା ଫତେଗଡ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗ୍ରାମର ଦଣ୍ଡୁ ପ୍ରଧାନ ଓ ନିତେଇ ପ୍ରଧାନଙ୍କ ଘରୁ ଚୋରି ହୋଇଯାଇଛି। ଦଣ୍ଡୁ ପ୍ରଧାନଙ୍କ ଘରୁ ତାଙ୍କର ଏଲଇଡି ଟିଭି, କମ୍ପ୍ୟୁଟର ଓଜନ ମେସିନ, କିଛି ସୁନା ଅଳଙ୍କାର ଓ ଅନେକ ଦାମୀ ସାମଗ୍ରୀ ଚୋରି ହୋଇଯାଇଛି। ସେହିପରି ନିତେଇ ପ୍ରଧାନଙ୍କ ଘରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପାଥପୁର ଗ୍ରାମର ଯୁବକମାନଙ୍କ ଦ୍ୱାରା ଭଷାଣୀ ପ୍ରଶେସନ ସମୟରେ କରଡାପଲ୍ଲୀ ଗ୍ରାମର ଘଟିଥିବା ହତ୍ୟାକାଣ୍ଡ ପରେ ଦୁଇ ଗ୍ରାମ ମଧ୍ୟରେ ଉତ୍ତଜଜନା ରହିଥିବାରୁ ପାଥପୁର ଗ୍ରାମରେ ସେବେଠାରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଡେରା ପକାଇ ଅଛନ୍ତି। ସେହି ପୁଲିସ କ୍ୟାମ୍ପ ଠାରୁ ଅଳ୍ପ କିଛି ଦୂରରେ ଏହି ଚୋରି ହୋଇଛି। ସେହିପରି ସୋମବାର ରାତିରେ ଚକ୍ରଧରପ୍ରସାଦ ପ୍ରାଣୀ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ଥିବା ଧ୍ରୁବ ଚରଣ ସାହୁଙ୍କ ବାଡିପଟ କବାଟ ଭାଙ୍ଗି ନଗଦ ୩୫ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଚୋରି ହୋଇଯାଇଥିବା ଫତେଗଡ ଥାନାରେ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଚାଲୁରଖିଛି।

## ସମିତିରେ ସାର ନ ମିଳିବା ଘଟଣା

# ତହସିଲ୍‌ଦାରଙ୍କୁ ଭେଟିଲା ପରେ ତାଲା ପଡ଼ିଲା



ଓଡ଼ଗାଁ,୨୪।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ କୃଷି ସେବା ସମବାୟ ସମିତିକୁ ସାର ଆସୁନଥିବା ନେଇ ଗତ ଗୁରୁବାର କେତେକ ଚାଷୀ ମିଳିତ ଭାବେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ୨୪ ତାରିଖ ବୁଧବାର ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ପୁନଃ ଅଭିଯୋଗ ଜଣାଇଛନ୍ତି। ସେଠାରୁ ଆସି ଓଡ଼ଗାଁ ସମବାୟ ସମିତିରେ ଏକ ତାଲା ପକାଇ ଦେଇଛନ୍ତି। ଘଟଣା ଅନୁସାରେ ଓଡ଼ଗାଁ ସମବାୟ ସମିତିକୁ ସାର ଆସିନଥିବାରୁ କେତେକ ଚାଷୀ ସମବାୟ ସମିତି ସମ୍ପାଦକଙ୍କୁ ଗତ ଗୁରୁବାର ପଚାରିଥିଲେ। ସାର ଲାଇସେନ୍ସ ଅବଧି ସରିଥିଲା। ଲାଇସେନ୍ସକୁ ନିୟମିତ କରିବା ପାଇଁ ଆବଶ୍ୟକୀୟ ନଥିପତ୍ର ଅନ୍‌ଲାଇନ ମାଧ୍ୟମରେ ଜମା କରାଯାଇଛି। ତାହାର ପ୍ରକ୍ରିୟା କରଣ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସାର ଆଣିବା ପାଇଁ ଅନୁମତି ମିଳିବ। ଏଥିରେ ଅସନ୍ତୋଷ ପ୍ରକାଶ କରି ଚାଷୀମାନେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ତହସିଲଦାର ପ୍ରଥମେ ଓଡ଼ଗାଁ ସମବାୟ ସମିତି ସମ୍ପାଦକ ଓ ପରେ ଓଡ଼ଗାଁ ବ୍ଲକ କୃଷି ଅଧିକାରୀ ପ୍ରତିଭା ପ୍ରଧାନଙ୍କୁ ସୂଚନା ପ୍ରଦାନ କରିଥିଲେ। କୃଷି ଅଧିକାରୀ ସମବାୟ ସମିତିରେ ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଲାଇସେନ୍ସ ନବୀକରଣ ପାଇଁ ସମିତି ପକ୍ଷରୁ ସମସ୍ତ ଆବେଦନ କରାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ଗୋଷ୍ଠୀ କୃଷି କାର୍ଯ୍ୟାଳୟ ୱେବସାଇଟରେ ପ୍ରଦର୍ଶିତ ହୋଇନାହିଁ। ପ୍ରକ୍ରିୟା କାର୍ଯ୍ୟ ଅଳ୍ପ କିଛି ଦିନ ମଧ୍ୟରେ ସରିଲେ ସାର ଆସିବ। ଅନ୍‌ଲାଇନ କାର୍ଯ୍ୟ ଚାଲିଥିବା ବେଳେ ପୁନର୍ବାର ବୁଧବାର ସେହି ଚାଷୀମାନେ ତହସିଲଦାରଙ୍କ ନିକଟରେ ସମବାୟ ସମିତି ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଅନ୍ୟ ଏକ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ତହସିଲଦାର ଅଭିଯୋଗ ପାଇ ସମିତି ସମ୍ପାଦକ ଓ ବ୍ଲକ କୃଷି ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ଚାଷୀମାନଙ୍କ ସାମ୍ନାରେ ଆଲୋଚନା କରିଥିଲେ। ଅନଲାଇନ ମାଧ୍ୟମରେ ସାର ମିଳିବାକୁ ବିଳମ୍ବ ହେବା କାରଣକୁ ନେଇ କୈବଲ୍ୟପୁର ସମବାୟ ସମିତି ଆଇଡିରେ ଚାଷୀଙ୍କୁ ତୁରନ୍ତ ସାର ଯୋଗାଇ ଦେବା ନିମନ୍ତେ ତହସିଲଦାର ନୟାଗଡ଼ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଚାଷୀଙ୍କୁ ସୂଚନା ପ୍ରଦାନ କରିଥିଲେ। ଆଲୋଚନା ପରେ ଚାଷୀମାନେ ସେଠାରୁ ଆସି ସମବାୟ ସମିତିରେ ପହଞ୍ଚି ଅଫିସ ଗେଟ୍‌ରେ ଏକ ତାଲା ପକାଇଥିବା ଜଣାପଡିଛି।

## ଚେଞ୍ଜିଙ୍ଗ୍ ରୁମ୍ ନିର୍ମାଣରେ ମିନି ଷ୍ଟାଡିୟମ ସୀମିତ



ଗଣିଆ,୨୪।୯ (ସମିସ): ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ତଥା କ୍ରୀଡ଼ାବିତ୍ ମାନଙ୍କର ଅଭ୍ୟାସ ନିମନ୍ତେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଗୋଟିଏ ମିନି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କ୍ରୀଡ଼ାବିତମାନେ ଏହି ମିନି ଷ୍ଟାଡିୟମରେ ନିଜ ନିଜର ମନ ପସନ୍ଦର କ୍ରୀଡ଼ାକୁ ଅଭ୍ୟାସ କରି ପାରଦର୍ଶିତା ଲାଭ କରିପାରିବେ। ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ କରାଯାଇଛି। କିନ୍ତୁ ସରକାରଙ୍କର ଏହି ଯୋଜନା ଫଳପ୍ରଦ ହୋଇପାରୁନାହିଁ। ଯାହା ଫଳରେ କ୍ରୀଡ଼ାବିତ୍ ମାନଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଯାଉଛି। ଗଣିଆରେ ଗତ ୨୦୨୦ ମସିହାରେ ଏହି ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିପାଇଁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଥିଲା କିନ୍ତୁ ମିନି ଷ୍ଟାଡିୟମ ନିର୍ମାଣ କରା ନଯାଇ ପ୍ରଥମେ ଚେଞ୍ଜିଙ୍ଗ ରୁମ୍ ନିର୍ମାଣ କରାଗଲା। ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଏହାକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ସେହି ଦିନ ଠାରୁ ମିନି ଷ୍ଟାଡିୟମ ନିର୍ମାଣ ଚେଞ୍ଜିଙ୍ଗ ରୁମ୍ ଠାରେ ଅଟକି ରହିଛି। ଏପଟେ ଆଉ ଗୋଟିଏ କଥା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଚେଞ୍ଜିଙ୍ଗ ରୁମ୍ ନିର୍ମାଣ କରାଗଲା; କିନ୍ତୁ ତାହା ଖେଳାଳି ମାନଙ୍କର ଦିନେ ବି କାମରେ ଲାଗିଲା ନାହିଁ। ଏବେ କିନ୍ତୁ ଚେଞ୍ଜିଙ୍ଗ ରୁମ ବାହାରେ ଲାଗିଥିବା ଇଲେକଟ୍ରିକ୍ ସୁଇଚ୍ ବୋର୍ଡ, ସୁଇଚ୍ ଗୁଡ଼ିକୁ ତାଡିକରି କେହି ନେଇ ଯାଇଥିବା ଦେଖିବାକୁ ମିଳିଛି। କାନ୍ଥରେ ଲାଗିଥିବା ୪ଟି ବୋର୍ଡରୁ ସୁଇଚ୍ ଏବଂ ବୋଡର୍ ଚୋରି ହୋଇଗଲାଣି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଆଗାମୀ ଦିନରେ ଏହା ଭୂତକୋଠି ପାଲଟିବ ଏଥିରେ ସନ୍ଦେହ ନାହିଁ। ତେବେ ଆଗାମୀ ଦିନରେ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରା ନଗଲେ ଗଣିଆର କ୍ରିଡାବିତ୍ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଶିକ୍ଷକ ବଦଳିରେ ଅନିୟମିତତା ଅଭିଯୋଗ

ଗଣିଆ,୨୪।୯ (ସମିସ): ଶିକ୍ଷା ବିଭାଗ ଚିଠି ନଂ ୧୧୮୯ ଅନୁଯାୟୀ ଗଣିଆ ବ୍ଲକରେ କାର୍ଯ୍ୟରତ ୬ ଜଣ ଶିକ୍ଷକଙ୍କର ବିଭିନ୍ନ ବିଦ୍ୟାଳୟକୁ ବଦଳି କରାଯାଇଛି। ଶିକ୍ଷା ବିଭାଗ ତରଫରୁ ୨୪ ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ବଦଳିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କାହା ନିର୍ଦ୍ଦେଶରେ ଏଭଳି ବଦଳି କରାଯାଇଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣିଆ ବ୍ଲକ ରାସଙ୍ଗରେ ସିନିୟର ଶିକ୍ଷକ ଥାଉଥାଉ ଜୁନିୟର ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ବେହେରାଙ୍କୁ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠକୁ ବଦଳି କରାଯାଇଛି। ସେହିପରି ଓ୍ୱାଲିପୁରରେ ସିନିୟର ଶିକ୍ଷୟିତ୍ରୀ ଶୈଳବାଳା ସାହୁ ଥିବା ବେଳେ ଜୁନିୟର ଶିକ୍ଷୟିତ୍ରୀ ପ୍ରଭାତି ସାହୁଙ୍କୁ ରାଉତପଡା ବିଦ୍ୟାଳୟକୁ ବଦଳି କରାଯାଇଛି। ସିନିୟର ଶିକ୍ଷକଙ୍କୁ ବଦଳି ତାଲିକାରେ ପ୍ରଥମେ ସୁଯୋଗ ଦେବାକୁ ନିର୍ଦ୍ଦେଶନାମା ଥିବା ବେଳେ ଏହାର ଉଲ୍ଲଙ୍ଘନ କରାଯାଇ କାହା ନିର୍ଦ୍ଦେଶରେ ଜୁନିୟର ଶିକ୍ଷକଙ୍କୁ ବଦଳି କରାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ଏପରିକି ଏରୁଣ୍ଡିପଥରରେ ଜଣେ ଶିକ୍ଷକ କାର୍ଯ୍ୟରତ ଥିବା ବେଳେ ଆଉ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଛି। ତେବେ ଡେପୁଟେସନରେ ଥିବା ଶିକ୍ଷକଙ୍କୁ ସେଠାରେ ସ୍ଥାୟୀ ଭାବେ ନିଯୁକ୍ତି କରିବା କିମ୍ବା ସେଠାକୁ ଆଉ ଜଣେ ନୂତନ ଶିକ୍ଷକ ନିଯୁକ୍ତି କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ‘ହିନ୍ଦୀ ରାଷ୍ଟ୍ରୀୟ ଏକତାର ଭାଷା’

ନୟାଗଡ଼,୨୪।୯ (ସମିସ): ହିନ୍ଦୀ ଆମ ରାଷ୍ଟ୍ରୀୟ ଏକତାର ଭାଷା ବୋଲି ମତ ପ୍ରକାଶ ପାଇଛି। ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନ୍‌ଲାଇନ୍ ମାଧ୍ୟମରେ ହିନ୍ଦୀ ପକ୍ଷ ପାଳନ ଅବସରରେ ଅତିଥି ତଥା ହିନ୍ଦୀ ଭାଷା ସାହିତ୍ୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାର୍ଥୀମାନେ ଏହି ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଅନୁବାଦକ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଅନୁବାଦ ସାହିତ୍ୟର ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଂଗଠନର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ଏଥିରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସାମର ବିଶିଷ୍ଟ ସାହିତ୍ୟିକା ଡ.ବର୍ଣ୍ଣାଳୀ ଡେକା, ମୁଖ୍ୟବକ୍ତା ମହାରାଷ୍ଟ୍ରର ଯୁବ ସାହିତ୍ୟିକ ଡ.ଅକ୍ଷୟ ଭୋସଁଲେ ଏବଂ ସମ୍ମାନନୀୟ ଅତିଥି ଭାବେ ହିନ୍ଦୀ ଭାଷା ସାହିତ୍ୟର ଲେଖିକା ଜୟଶ୍ରୀ ଦୋରା ଯୋଗଦେଇ ହିନ୍ଦୀ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ମାଗନମ୍ ଜାହାଁ ଓ ହରିପ୍ରିୟା ଭଞ୍ଜଙ୍କ ସଂଯୋଜନାରେ ଲକ୍ଷ୍ମୀଝର ମହାପାତ୍ର, ଶୁଭାଶିଷ ସାହୁ, ରୀନାରାଣୀ ସାହୁ, ଝୁନାରାଣୀ ସାହୁ, ଚାନ୍ଦିନୀ କର, ଗୋରାଚାନ୍ଦ ଦ୍ୱାରୀ, ସସ୍ମିତା ବରାଳ, ରଞ୍ଜିତା ସାହୁ, ସୁମିତ୍ରା ବାରିକ, ଗୁଲମାର୍ଗ ତମ୍ବୋଲି ପ୍ରମୁଖ ହିନ୍ଦୀ ଭାଷାର ଶିକ୍ଷକ ଓ ଶିକ୍ଷୟିତ୍ରୀ ହିନ୍ଦୀ କାବ୍ୟପାଠ କରିଥିଲେ। ଭାରତୀୟ ଅନୁବାଦ ସାହିତ୍ୟର ବରିଷ୍ଠ ସଦସ୍ୟ ତଥା ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ଭାଷାର ସାହିତ୍ୟିକ ସନାତନ ମହାକୁଡ଼ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭାପୁର ବ୍ଲକ୍‌ରେ ସାମାଜିକ ସମୀକ୍ଷା ବୈଠକ




ଭାପୁର,୨୪।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ବୁଧବାର ମନରେଗା ଓ ଖାଦ୍ୟ ସୁରକ୍ଷା ଯୋଜନା ନେଇ ଜନଶୁଣାଣି ହୋଇଥିଲା। ବ୍ଲକ ସଦଭାବନା କକ୍ଷରେ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ପୌରୋହିତରେ ଆୟୋଜିତ ଏହି ସାମାଜିକ ସମୀକ୍ଷା ବୈଠକରେ ଜିଲ୍ଲା ମନରେଗା ଆମ୍ବସମ୍ୟାନ ଗିରିଶ ଦାଶ, ବ୍ଲକ ମନରେଗା ପ୍ରକଳ୍ପ ଅଧିକାରୀ ଅରୁଣ କୁମାର ଚିନରାଙ୍କ ସହ ବ୍ଲକର କିଛି ଜନପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ, ଜିଆରଏସ, ଡିଇଓ, ଭିଆରପି ଓ ଗ୍ରାମ ସମ୍ବଳ ଅଧିକାରୀ ମାନେ ଯୋଗଦେଇଥିଲେ। ମନରେଗା ଯୋଜନା ବିଷୟରେ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀ ମାନେ ଲୋକମାନଙ୍କୁ ଠିକସେ ସଚେତନ ନ କରିବା ଓ ଅନିତୀପୂର୍ଣ୍ଣ ମନୋଭାବ ରଖୁଛନ୍ତି। ଫଳରେ ୨୦୦୫ ବର୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନାଟି ଲୋକମାନଙ୍କୁ ୧୦୦ ଦିନର କାମ ସହ ସାମାଜିକ ଓ ଅର୍ଥନୈତିକ ଉନ୍ନତି ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ତାହା ଏବେ କେତେକାଂଶରେ ।ଟବଣା ହେବାରେ ଲାଗିଛି। ଏହି ସମୀକ୍ଷା ସମୟରେ ବାଉଁଶବାଟୀ ପଞ୍ଚାୟତରେ ଉଦ୍ୟାନ ବିଭାଗ କାଜୁଗଛ ନ ଲଗାଇ ବିଲ୍ ହୋଇଥିବା ଓ ଫତେଗଡ ହାଇସ୍କୁଲ ଖେଳପଡିଆର ଉନ୍ନତି କାର୍ଯ୍ୟରେ ଏଷ୍ଟିମେଟ ଠାରୁ ଅଧିକ ବିଲ୍ ପୈଠ ହୋଇଥିବା ଧରାପଡିଥିଲା। ବଡସହରା ପଞ୍ଚାୟତ ନାକଡେଇ ଗ୍ରାମ ପୋଖରୀ ହୁଡାରେ ରାସ୍ତା ଓ ଶ୍ମଶାନରେ ଫଳକ ନିର୍ମାଣରେ ଅନିୟମିତତା ଧରାପଡିଥିଲା।

## ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ମୃତ, ଗାଈ ଗୁରୁତର

ଗଣିଆ,୨୪।୯ (ସମିସ): ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ ପଡୁରିଆ ଠାରେ ଖୋଲା ଟ୍ରାନ୍ସଫର୍ମରର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ମାଙ୍କଡର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ଗାଈ ଗୁରୁତର ହୋଇପଡିଛି। ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ତାର ବାଡ଼ ନଥିବା ବେଳେ ଗଛଲତାରେ ଢାଙ୍କି ହୋଇ ରହିଛି। ଦୀର୍ଘ ଦିନ ହେବ ଟ୍ରାନ୍ସଫର୍ମରରେ ଅନାବନା ଗଛଲତା ସବୁ ମାଡି ଯାଇଥିବା ବେଳେ ଟ୍ରାନ୍ସଫର୍ମରଟି ଲୁଚି ଯାଇଛି। ଜଙ୍ଗଲ ପାଖରେ ଏହା ଥିବାରୁ ଅନେକ ଜୀବଜନ୍ତୁ ସେଠାରେ ଯାତାୟାତ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତା ତଥା ଦାୟିତ୍ୱହୀନତା ଯୋଗୁଁ ଗୋଟିଏ ନୀରିହ ପଶୁର ଜୀବନ ଯାଇଥିବା ବେଳେ ଆଗକୁ ଆହୁରି କେତେ ଅଘଟଣ ଘଟିବ କହିହେବ ନାହିଁ।

## ଡିଇଓଙ୍କ ନିର୍ଦ୍ଦେଶକୁ ପ୍ରଧାନଶିକ୍ଷକଙ୍କ ଅମାନ୍ୟ

# ପରୀକ୍ଷା ପ୍ରଣାଳୀରୁ ବାଦ୍ ପଡ଼ିଲା ମାନପୁର ବିଦ୍ୟାଳୟ

ଓଡ଼ଗାଁ,୨୪।୯ (ସମିସ)




ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ପଞ୍ଚରିଡା ମାନପୁର ଲୋକ ନୋଡାଲ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପର୍ଯ୍ୟାୟ କ୍ରମରେ ପରୀକ୍ଷା କରିବା ବ୍ୟତିକ୍ରମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରଧାନ ଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ସିଧାସଳଖ ଭାବେ ଅବମାନନା କରିଥିବା ଅଭିଯୋଗ ହେଉଛି। ପ୍ରକାଶ ଥାଉକି ଛାତ୍ରଛାତ୍ରୀଙ୍କ ଶିକ୍ଷଣର ମାନ ନିର୍ଦ୍ଧାରଣ ନିମନ୍ତେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ମାନଙ୍କରେ ପର୍ଯ୍ୟାୟ କ୍ରମରେ ପରୀକ୍ଷା କରାଯାଇଥାଏ। ପ୍ରତି ବର୍ଷ ପରି ଚଳିତବର୍ଷ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ପରୀକ୍ଷା କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୨୫୩୫ ତା. ୪-୯-୨୫ ରିଖ ନିର୍ଦ୍ଦେଶ ଅନୁସାରେ ଓଡ଼ଗାଁ ବ୍ଲକର ସମସ୍ତ ବିଦ୍ୟାଳୟରେ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିବା ବେଳେ ଲୋକ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ କର୍ଣ୍ଣପାତ ନକରି ଅର୍ଥାତ୍ ଚିଠିକୁ ଖୁଲମଖୁଲା ଅମାନ୍ୟ କରିବା ଘଟଣା ଓଡ଼ଗାଁ ବ୍ଲକ ଶିକ୍ଷକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ପରୀକ୍ଷା ହେଉନଥିବା ବ୍ଲକର ଏକମାତ୍ର ଲୋକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ଆମ୍ଭେ ପ୍ରଶ୍ନପତ୍ର ନ ଆଣି ନିଜେ ପ୍ରସ୍ତୁତ କରି ପରୀକ୍ଷା କରୁଛୁ ବୋଲି କହିଛନ୍ତି। ଆମର ୨ଟି ୟୁନିଟ୍ ପରୀକ୍ଷା ସରିଛି। ୩ୟ ୟୁନିଟ୍ ପରୀକ୍ଷା ଅକ୍ଟୋବର ମାସରେ କରିବେ ବୋଲି କହିଥିଲେ। ତେବେ ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନପତ୍ର ଛାତ୍ରଛାତ୍ରୀଙ୍କ ପାଇଁ କେତେ ନିରପେକ୍ଷ ହୋଇପାରିବ ତାହା ଅନୁମାନ ସାପେକ୍ଷ। କେତେକ ଅଭିଭାବକଙ୍କ କହିବା ଅନୁସାରେ ବିଦ୍ୟାଳୟ ଶିକ୍ଷାଦାନ ଅନୁସାରେ ପ୍ରଶ୍ନ ତିଆରି ହୁଏ। ପିଲାମାନେ ପ୍ରସ୍ତୁତ ହୋଇ ଆସି ଉତ୍ତର ଲେଖିଥାନ୍ତି। ଏଥିରୁ ପରୀକ୍ଷାର ସ୍ୱଚ୍ଛତ ବିଷୟ ଜଣାପଡ଼େ। ଏ ସମ୍ପର୍କରେ ଓଡ଼ଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କହନ୍ତି, ପଞ୍ଚରିଡା ମାନପୁର ଲୋକ ନୋଡାଲ ହାଇସ୍କୁଲରେ ପରୀକ୍ଷା ହେଉନଥିବା ଖବର ଆମ ପାଖରେ ନାହିଁ। ଯଦି ପରୀକ୍ଷା ହେଉନଥିବ ତେବେ ଆମ୍ଭେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିକୁ ଆଣିବୁ। ମାତ୍ର ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ ପରୀକ୍ଷା ରାଜ୍ୟ ତଥା ଜିଲ୍ଲାରେ ଚାଲିଥିବା ବେଳେ ଲୋକ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ କଥା ଜାଣିବା ପରେ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଚନ୍ଦ୍ରଘଣ୍ଟା ବେଶରେ ମା’ ବନଦୁର୍ଗା

ନିରାକାରପୁର,୨୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା’ ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ଏକାଦଶ ଓ ନବରାତ୍ରିର ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା ବେଶରେ ମା’ ଦର୍ଶନ ଦେଇଛନ୍ତି। ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା’ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ପୁରୀ ଶ୍ରୀମନ୍ଦିରର ସେବାୟତ ଶମ୍ଭୁନାଥ ଗୋପାଳ ଖୁଣ୍ଟିଆ, ନରସିଂହ ମେକାପ, ରବିନାରାୟଣ ପୁରାଣ ପଣ୍ଡା, ବିପିନ ଷଡ଼ଙ୍ଗୀ, ଅଶୋକ କୁମାର ସାହୁ ଜଗନ୍ନାଥଙ୍କ ପଦକ ଆଜ୍ଞାମାଳ, ସୁଆର ପିଠା, ଆରିସା, ବିରି ପିଠା, ତ୍ରିପୁରୀ, ମାଲପୁଆ, ଦହି ପଖାଳ ଆଦି ମହାପ୍ରସାଦ ସମର୍ପଣ କରିଥିଲେ। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଏବଂ ପଣ୍ଡିତ ତପନ କୁମାର ମହାପାତ୍ର ଓ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ।



## ଶିକ୍ଷାବିତ୍ ବ୍ରଜେନ୍ଦ୍ରଙ୍କ ବିୟୋଗରେ ଶୋକସଭା



ଟାଙ୍ଗୀ,୨୪।୯ (ସମିସ): ବାଉଁଶମୂଳ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜେନ୍ଦ୍ର ନାରାୟଣ ମହାପାତ୍ରଙ୍କ ବିୟୋଗରେ ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ କାଳୁପଡ଼ାଘାଟ ଭାରତୀୟ ବିଦ୍ୟାନିକେତନ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଅବସରପ୍ରାପ୍ତ ଶିକ୍ଷକ ଶଶାଙ୍କ ଶେଖର ପଟ୍ଟନାୟକ, ଗୋପାଳ ଚନ୍ଦ୍ର ମହାରଣା, ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫୁଲ୍ଲ ପ୍ରଧାନ, ଦେବରାଜ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ ତାଙ୍କର ମହାନ ଗୁଣଗୁଡ଼ିକ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ବନଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁକୁଳା ଟ୍ରାନ୍ସଫର୍ମର କେବୁଲ୍‌କୁ ଖତରା ବାଉଁଶ ଭରସା



ବେଗୁନିଆ,୨୪।୯ (ସମିସ): ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଟିପିକଲ୍ କାର୍ଯ୍ୟାଳୟ ଅଧୀନସ୍ଥ ଗେଡ଼ିଆପଲ୍ଲୀ ସେକ୍ସନର ଗୁଡୁପାଙ୍ଗି ଗ୍ରାମ ଆଦିବାସୀ ସାହି ମୁଣ୍ଡରେ ବିଦ୍ୟୁତ୍ ସରବରାହ ନିୟନ୍ତ୍ରଣ କରିବା ପାଇଁ ଟ୍ରାନ୍ସଫର୍ମର ସଂଯୋଗ କରୁଥିବା କେବୁଲ ତାରକୁ ଏକ ବାଉଁଶ ଭରସାରେ ଲଗାଯାଇଛି। ଯାହା କି ବାଉଁଶଟି ଦୀର୍ଘଦିନ ରହିବାରୁ ଖତରା ହୋଇ ତଳକୁ ଲାଗି ରହିଥିବାରୁ କେତେବେଳେ କ’ଣ ଅଘଟଣ ଘଟାଇବ ତାହା କହିହେଉ ନାହିଁ। ଏଥିରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ କିଭଳି ସଚେତନ ରହି କାର୍ଯ୍ୟ କରୁଛନ୍ତି ତାହା ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି। ଏପରିକି ସୁରକ୍ଷା ପ୍ରାଚୀର ନ ଥିବାରୁ ଗୃହପାଳିତ ପଶୁ ଓ ଛୋଟ ଶିଶୁମାନଙ୍କ ପ୍ରତି ବିପଦର କାରଣ ହୋଇଥିବାରୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ

ବେଗୁନିଆ,୨୪।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ଅବକାରୀ ଥାନା ପୁଲିସ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀସ୍ଥିତ ହଟ୍ଟକେଶ୍ୱର ମହିଳା ମହାବିଦ୍ୟାଳୟ ସମ୍ମୁଖରୁ ବୁଧବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ କରିଛି। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦଶପଲ୍ଲାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ବସ୍‌ରେ ଅପରିଚିତ ବ୍ୟକ୍ତି ବ୍ୟାଗ୍‌ରେ ଗଞ୍ଜେଇ ଭର୍ତ୍ତି କରି ଯାତ୍ରା କରୁଥିଲେ। ତେବେ ଅବକାରୀ ଥାନା ପୁଲିସ କୌଣସି ସୂତ୍ରରୁ ଖବର ପାଇ ଗାଡ଼ିଟିକୁ ଅଟକାଇ ତଲାସୀ ଆରମ୍ଭ କରିଥିଲେ। ଏଥିରେ ଅବକାରୀ ପୁଲିସ ଅଭିଯୁକ୍ତମାନଙ୍କୁ ଅଟକ ରଖି ତଦନ୍ତ ଚଳାଇବା ସହ ଗୁରୁବାର ସମ୍ପୂର୍ଣ୍ଣ ତଥ୍ୟ ଦେବେ ବୋଲି କହିଛନ୍ତି।

# ଜଙ୍ଗଲୀ ବାରହା, ଝିଙ୍କ ଉପଦ୍ରବ ଅସହ୍ୟ; ଚିନ୍ତାରେ ଚାଷୀ

ଖୋର୍ଦ୍ଧା,୨୪।୯ (ସମିସ)

ବେଳକୁ ବେଳ ଖୋର୍ଦ୍ଧା ବନାଞ୍ଚଳରେ ଜଙ୍ଗଲୀ ବାରହା ଓ ଝିଙ୍କଙ୍କ ଉତ୍ପାତ ବଢୁଛି। କେତେବେଳେ ମଣିଷଙ୍କୁ ଆକ୍ରମଣ ଉଦ୍ଦେଶ୍ୟରେ ଗୋଡ଼ାଉଛନ୍ତି ତ ଆଉ କେତେବେଳେ ମଣିଷର ଶିକାର ହେଉଛନ୍ତି। ତଥାପି ବନ ବିଭାଗର ଏନେଇ ନିଦ ଭାଙ୍ଗୁ ନ ଥିବା କୁହାଯାଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଦୈନିକ ଖୋର୍ଦ୍ଧା ବନାଞ୍ଚଳର ବିଭିନ୍ନ ସ୍ଥାନମାନଙ୍କରେ ବାରହା ଶିକାର ହେଉଥିବାବେଳେ ବନ ବିଭାଗ କାଁ ଭାଁ ଗୋଟିଏ ଯୋଡ଼ିଏ ଘଟଣାରେ ଅଭିଯୁକ୍ତଙ୍କୁ ବିଗତ ଦିନରେ ଧରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ବାରହା ଓ ଝିଙ୍କଙ୍କ ଯୋଗୁଁ ବିଲବାଡ଼ିରେ ହୋଇଥିବା ଫସଲରେ ବ୍ୟାପକ କ୍ଷତି ସହୁଛି ଚାଷୀ। ଯାହାକୁ ନେଇ ଚିନ୍ତାରେ ଅଛନ୍ତି ଚାଷୀ।

ଘଟଣାରୁ ଜଣାଯାଇଛି, ଖୋର୍ଦ୍ଧା ଓ ବେଗୁନିଆ ତହସିଲ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହାତୀ ଉତ୍ପାତ ଲାଗି ରହିଥିବାବେଳେ ଏବେ ପୁଣି ବାରହାପଲ ଓ ଝିଙ୍କ ଉପଦ୍ରବ ଚାଷୀ ପାଇଁ



ବୋଝ ଉପରେ ନଳିତା ବିଡ଼ା ଭଳି ଅବସ୍ଥା ସୃଷ୍ଟି କରିଛି। ଖାଦ୍ୟ ଅନ୍ୱେଷଣରେ ଆସି ଜଙ୍ଗଲୀ ବାରହାପଲ ଓ ଝିଙ୍କ ଜନବସତିମୁହାଁ ହୋଇ କନ୍ଦାଜାତୀୟ ଖାଦ୍ୟ ସହ ଧାନ ଫସଲକୁ ନଷ୍ଟ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଗ୍ରାମ ନିକଟସ୍ଥ ଜଙ୍ଗଲରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବାରହା ରହୁଥିବାବେଳେ ସେମାନେ ଧାନ ଫସଲ ହୋଇଥିବା ଜମିରେ ପଶି ନଷ୍ଟ କରିବା ସହ ଚାଷୀମାନେ ସେମାନଙ୍କ ବାରିପଟେ କରୁଥିବା ସାରୁ, ଖମ୍ବଆଳୁ ଓ ପନିପରିବା ଫସଲକୁ ଖାଇଯାଉଥିବା ଅଧିକାଂଶ ଚାଷୀ ଅଭିଯୋଗ କରିଛନ୍ତି। ବାରହାପଲ ଧାନ ବିଲ ଦଳାଚକଟା କରି ରାତିରେ ଫସଲ ନଷ୍ଟ କରୁଥିବାବେଳେ ଦନ୍ତା ବାରହା ଆକ୍ରମଣ ଆଶଙ୍କାରେ ଲୋକେ ରାତିରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ସେହିପରି ଉକ୍ତ ଅଞ୍ଚଳରେ ବଣୁଆ ହାତୀ ଚଳପ୍ରଚଳ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ବାରହା ଉତ୍ପାତ କମି ନ ଥିବାବେଳେ ଝିଙ୍କ ପୁଣି ଚାଷୀଙ୍କର ସମାନ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଚାଷୀ ଶତ୍ରୁଘ୍ନ ଜେନା କୁହନ୍ତି, ଜମିରେ ପରିବା ଚାଷ କରି ଚଳେ। ମାତ୍ର ବାରହା ଫସଲ ବାଡ଼ିରେ ପଶି କାକୁଡ଼ି, କଲରା ଓ ଜହ୍ନି ପ୍ରଭୃତି ଫସଲକୁ ନଷ୍ଟ କରିଛନ୍ତି। ଏନେଇ ସେ ବନପାଳ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ ହେଁ ସେହି ଚିରାଚରିତ ଉତ୍ତର ଅନୁକମ୍ପା ଆପ୍‌ରେ ରେଜିଷ୍ଟ୍ରେସନ କଲେ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଖୋର୍ଦ୍ଧା ଓ ବେଗୁନିଆ ଅଞ୍ଚଳର ଚାଷୀମାନେ ନିଜର ବାଡ଼ିରେ କରିଥିବା କନ୍ଦଜାତୀୟ ସାରୁ, ପାଳୁଅ, ହଳଦୀ ଓ ପନିପରିବା ସମେତ ଧାନ ଫସଲକୁ ନଷ୍ଟ କରି ଦେଉଛନ୍ତି ବାରହାପଲ ଓ ଝିଙ୍କ। ତେଣୁ ବନ ବିଭାଗ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ବାଲୁଗାଁ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ପୂଜା ଶିବିର ଉଦ୍‌ଘାଟିତ

ବାଲୁଗାଁ,୨୪।୯ (ସମିସ): ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ସାତ ଦିନିଆ ସ୍ୱତନ୍ତ୍ର ପୂଜା ଶିବିର ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି।




ଆୟୋଜିତ ଶିବିରକୁ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଜାତୀୟ ସେବା ଯୋଜନା ବ୍ୟକ୍ତିତ୍ୱ ବିକାଶର ବଳିଷ୍ଠ ମାଧ୍ୟମ ଯାହା ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବାରେ ସହାୟକ ହୁଏ ବୋଲି କହିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତଙ୍କ ନେତୃତ୍ୱରେ ଅୟୋଜିତ ଏହି ସ୍ୱତନ୍ତ୍ର ଶିବିରର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଇଂରାଜୀ ବିଭାଗ ମୁଖ୍ୟ ଡ. ମୋନାଲିସା ମାନସିଂହ, କାର୍ଯ୍ୟାଳୟ ମୁଖ୍ୟ ସୁଧାକାର ନାୟକ ଯୋଗଦେଇ ଜାତୀୟ ସେବା ଯୋଜନାର ଶୃଙ୍ଖଳା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ସେବା ମନୋଭାବରେ କାର୍ଯ୍ୟ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱେଚ୍ଛାସେବୀ ୟସ୍ମିନ୍ ବେଗମ, ପ୍ରଜ୍ଞାସ୍ମିତା ସାହୁ ଓ ମାମାଲି ହାତୀ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଶିବିରାର୍ଥୀ ବିଜୟଲକ୍ଷ୍ମୀ ପଣ୍ଡା, ଭବିଷ୍ୟ କୁମାର ପ୍ରଧାନ, ପ୍ରଜ୍ଞାସ୍ମିତା ସାହୁ ସ୍ୱକୀୟ ସେବା ଅନୁଭୂତି ବଖାଣିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ନିରାକାରପୁର,୨୪।୯ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ ବୁଧବାର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଜାତୀୟ ସେବା ଯୋଜନା ଦିବସ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମେଜର କଳ୍ପନା ଦାସ, ରେଡ୍‌କ୍ରସ ଓଡ଼ିଶା ଶାଖାର ପୂର୍ବତନ ସମ୍ପାଦକ ମୁଖ୍ୟ ଅତିଥି ଓ ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଜକୁ ସମାଜସେବାରେ ଉତ୍ସର୍ଗ କଲେ ଛାତ୍ର ଜୀବନ ସାର୍ଥକ ବୋଲି ବକ୍ତବ୍ୟ ରଖିଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏନ୍‌ଏସ୍‌ଏସ୍ ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ମହାବିଦ୍ୟାଳୟର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଥିଲା। ଖୋର୍ଦ୍ଧା ଗୋପବନ୍ଧୁ ଚିକିତ୍ସାଳୟର ବ୍ଲଡ୍ ବ୍ୟାଙ୍କ ଅଧିକାରୀମାନେ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।



କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷା ସଚଳା ସାମନ୍ତରାୟ, ସୁଜ୍ଞାନି ଭଞ୍ଜସାମନ୍ତ, ଡ. ସଂଯୁକ୍ତା ପଟ୍ଟନାୟକ, ମାନସ କୁମାର ଜୟସିଂହ, ଡ. ସୁମନ୍ତ ଦେହେରୀ, ବଳରାମ ପଶାୟତ, ଡ. ଜନ୍ମେଜୟ ଚୌଧୁରୀ, ଭୁବନେଶ୍ୱର ନାୟକ, ସୁଧାଂଶୁ ଶେଖର ରଣସିଂହ, ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ସୌମ୍ୟରଞ୍ଜନ ମିଶ୍ର, ମନ ସତ୍‌ନାମୀ, ସନ୍ଦୀପ ପଲ୍ଲାସିଂ, ତୁଷାରକାନ୍ତ ବେହେରା, ଅଧ୍ୟାପିକା ଶୁଜସ୍ମିତା ବଳ, ଅନିତା ଦାଶ, ସ୍ୱର୍ଣ୍ଣପ୍ରଭା ମାନ୍ଧାତା, ସବିତା ବେହେରା, ସଂଘମିତ୍ରା ମହାପାତ୍ର, ଯଶସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ଅଦାଲତରେ ୪ ଅଭିଯୁକ୍ତ ଦଣ୍ଡିତ

ଟାଙ୍ଗୀ,୨୪।୯ (ସମିସ): ୨୦୧୬ ଅକ୍ଟୋବର ୧୮ରେ ଘଟିଥିବା ଏକ ମାମଲାର ଶୁଣାଣି କରି ଖୋର୍ଦ୍ଧା ମହିଳା ଅଦାଲତ ୪ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନସ୍ଥ ଉଜ୍ଜ୍ୱଳାଗୋପିନାଥପୁର ଗ୍ରାମର ଲିଲି ପ୍ରଧାନ ଟାଙ୍ଗୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ପିଲାମାନଙ୍କ ଝଗଡ଼ାକୁ ନେଇ ପୂର୍ବଶତ୍ରୁତା ଯୋଗୁଁ ଅଭିଯୁକ୍ତ ଟଙ୍ଗୁ ପରିଡ଼ା, ରୁଷିଆ ପରିଡ଼ା, ଭାନୁମତି ପରିଡ଼ା ଓ ରାନୁ ପରିଡ଼ା ବିଭିନ୍ନ ମାରଣାସ୍ତ୍ର ଧରି ଜୋରଜବରଦସ୍ତ ଘରେ ପଶି ଆକ୍ରମଣ କରିବା ସହ ଅଭିଯୋଗକାରୀଙ୍କ ଭାଉଜଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଟାଙ୍ଗୀ ଥାନାରେ ୨୦୧୬ ଅକ୍ଟୋବର ୧୮ରେ ଥାନା କେସ୍ ନମ୍ବର ୨୬୩ ଧାରା ୪୪୮, ୨୯୪, ୩୫୪, ୩୨୩, ୩୨୫, ୩୦୭, ୫୦୬, ୩୪ରେ ଏକ ମୋକଦ୍ଦମା ରୁଜୁ କରାଯାଇଥିଲା। ଏହି ଘଟଣାର ଏସ୍‌ଆଇ ସୁରେଶ ଚନ୍ଦ୍ର ବେହେରା ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ବିଚାର ପାଇଁ ଚାର୍ଜସିଟ୍ ଦାଖଲ କରିଥିଲେ। ଖୋର୍ଦ୍ଧା ମହିଳା ଅଦାଲତ ମାମଲାର ଶୁଣାଣି କରି ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରି ବୁଧବାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତମାନଙ୍କୁ ପ୍ରତ୍ୟେକ ୧ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ନଳିନୀକାନ୍ତ ମହାରଣାଙ୍କ ଦ୍ୱାରା ତଦାରଖ କରାଯାଇଥିଲା ଏବଂ ବି.କେ ପ୍ରହରାଜ, ଏ.କେ ସ୍ୱାଇଁ ପ୍ରତିନିଧିତ୍ୱ କରୁଥିଲେ।

## ରଙ୍କନିଧି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ନିଲମ୍ବିତ

ବାଲୁଗାଁ,୨୪।୯ (ସମିସ): ନିର୍ବାଚନ କାର୍ଯ୍ୟରେ ଅବହେଳା କରିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ପତ୍ର ସଂଖ୍ୟା ୧୭୪୩୩/୨୩.୯.୨୦୨୫ ନିର୍ଦ୍ଦେଶ କ୍ରମେ ତଥା ଜନପ୍ରତିନିଧି ଅଧିନିୟମ ୧୯୫୦ ପରିଚ୍ଛେଦ ୩୨ ବଳରେ ଚିଲିକା ବ୍ଲକ୍ ଶିକ୍ଷା ଅଧିକାରୀ ମଙ୍ଗଳବାର ରଙ୍କନିଧି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଆଶୁତୋଷ ପତିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଶିକ୍ଷକ ଶ୍ରୀ ପତିଙ୍କୁ ନିଲମ୍ବନ ପରେ ତାଙ୍କର କାର୍ଯ୍ୟ ମୁଖ୍ୟାଳୟ ଅଙ୍କୁଳାଚାଟି ପିଏମ୍‌ଶ୍ରୀ ପିଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗଦେବାକୁ ସ୍ଥିର କରାଯାଇଥିବା ବେଳେ ଓଡ଼ିଶା ସରକାରୀ ସେବା ସଂହିତା ୯୦ ଅନୁଯାୟୀ ତାଙ୍କୁ କେବଳ ସାଧନ ଭତ୍ତା ପ୍ରଦାନ କରାଯିବା ନେଇ ଚିଲିକା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୧୪୧୭/୨୩.୯.୨୦୨୫ରେ ଉଲ୍ଲେଖ କରାଯାଇଛି। ନିଲମ୍ବିତ ଶିକ୍ଷକ ଶ୍ରୀ ପତି ବିନା ଅନୁମତିରେ ତାଙ୍କର କାର୍ଯ୍ୟ ମୁଖ୍ୟାଳୟ ଛାଡ଼ି କେଉଁଆଡ଼େ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ଜଟଣୀ,୨୪।୯ (ସମିସ): ବିଭିନ୍ନ ସମୟରେ ଶୌଚ ପାଇଁ ଯାଉଥିବା ମହିଳାମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ରାତି ପ୍ରାୟ ୮ଟା ୩୦ରେ ଜଣେ ମହିଳା ଶୌଚ ହେବା ପାଇଁ କେନାଲ ବନ୍ଧ ଯାଇଥିବା ସମୟରେ ଅଭିଯୁକ୍ତ ବ୍ରହ୍ମକୁଣ୍ଡଳ ଭୋଇସାହିର କୋଲ୍ଲା ଓରଫ ଅକ୍ଷୟ ଭୋଇ ହଠାତ୍ ତାଙ୍କୁ ପଛରୁ ଜାବୁଡ଼ି ଧରି ଅସଦାଚରଣ କରିଥିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଫଳରେ ଅଭିଯୁକ୍ତ ସେଠାରୁ ଖସି ପଳାଇ ଯାଇଥିଲା। ଅଭିଯୋଗକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ସେ ଜଣେ କୁଖ୍ୟାତ୍ ଅପରାଧୀ ଓ ଅନେକ ସମୟରେ କେନାଲ ବନ୍ଧରେ ମହିଳାମାନଙ୍କୁ ପିଛା କରେ ବୋଲି ତଦନ୍ତରୁ ଜଣାପଡ଼ିଛି। ୨୦୨୨ରେ ମଧ୍ୟ ସେ ସମାନ ଅପରାଧ କରିଥିଲା ଏବଂ ତା’ ବିରୁଦ୍ଧରେ ଏୟାରଫିଲ୍ଡ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

## ୨୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଜଟଣୀ,୨୪।୯ (ସମିସ): ଜଟଣୀରେ ଅବକାରୀ ଥାନା ପ୍ରତିଷ୍ଠା ହେବା ପରଠାରୁ ବେଆଇନ ଭାବେ ନିଶା କାରବାର କରୁଥିବା ବେପାରୀମାନଙ୍କ ଉପରେ କଡ଼ା ନଜର ରଖାଯାଇଛି। ବୁଧବାର ଜଟଣୀ ଇନ୍‌ଫୋଭ୍ୟାଲି ଥାନା ଜାଗାସରପାଟଣାଠାରେ ଚଢ଼ଉ କରି ଜଣେ ପେସାଦାର ଗଞ୍ଜେଇ ବେପାରୀକୁ ଧରିଛି ଅବକାରୀ ପୁଲିସ। ଚଢ଼ଉବେଳେ ତା’ଠାରୁ ନଗଦ ୭୦ ହଜାର ୪୦ ଟଙ୍କା ଏବଂ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲା ଜାଗାସରପାଟଣା ଅଞ୍ଚଳର ସନାତନ ସାହୁ। ସେ କନ୍ଧମାଳରୁ ଗଞ୍ଜେଇ ଆଣି ଜଟଣୀ ଅଞ୍ଚଳରେ ଥିବା ଇଞ୍ଜିନିୟରିଂ କଲେଜ ଛାତ୍ରଛାତ୍ରୀଙ୍କୁ ବିକ୍ରି କରିଥାଏ। ଖୋର୍ଦ୍ଧା ଅବକାରୀ ଏସ୍‌ପି ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଜଟଣୀ ଅବକାରୀ ଅଧିକାରୀ ଏନ୍. ଜାଗିନ୍‌ରାଓ ଟିମ୍ ସହ ଚଢ଼ଉ କରି ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

## ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

ଖୋର୍ଦ୍ଧା,୨୪।୯ (ସମିସ): ଦୁଇଦିନ ପରେ ପାଳନ ହେବ ବିଶ୍ୱ ପର୍ଯ୍ୟଟନ ଦିବସ। ଏହି ଉପଲକ୍ଷେ ବୁଧବାର ପୂର୍ବାହ୍ଣରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରା ଏହାକୁ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା ସଦର ମହକୁମା ସହ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପର୍ଯ୍ୟଟନ ତଥ୍ୟ ସମ୍ବଳିତ ଉପରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଆର୍ଯ୍ୟଭଟ୍ଟ ଆନ୍‌ସିଏଣ୍ଟ ଏକାଡେମୀର ଆଶୁତୋଷ ମହାପାତ୍ର ପ୍ରଥମ, ନିଶି ନକ୍ଷତ୍ର ଦ୍ୱିତୀୟ, ଏସ୍‌ଡିଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁରଭି ସନ୍ଧ୍ୟା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହାବିଦ୍ୟାଳୟସ୍ତରରେ ହୃଷୀକେଶ ପଣ୍ଡା ପ୍ରଥମ, ଶୁଭଲକ୍ଷ୍ମୀ ପଣ୍ଡା ଦ୍ୱିତୀୟ ଏବଂ ସ୍ମୃତିପ୍ରଜ୍ଞା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଅର୍ଥରାଶି ଓ ସାର୍ଟିଫିକେଟ୍ ପ୍ରଦାନ କରି ପୁରସ୍କୃତ କରିବା ସହ ନିଜ ଘରେ, ପଡ଼ିଶାରେ ଏବଂ ଅଧ୍ୟୟନ କରିଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ସବୁ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବାକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ।

**ଜାତୀୟ ସେବା ଯୋଜନା ଦିବସ**

## ‘ନିଜେ ଶୃଙ୍ଖଳିତ ହେଲେ ସମାଜ ଶୃଙ୍ଖଳିତ ହେବ’

ଖୋର୍ଦ୍ଧା,୨୪।୯ (ସମିସ): ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ଜାତୀୟ ସେବା ଯୋଜନା ଦିବସ-୨୦୨୫ ପାଳନ କରାଯାଇଛି। ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୋଧନ ଦେଇ ‘ନିଜେ ଶୃଙ୍ଖଳିତ ହେଲେ ସମାଜ ଶୃଙ୍ଖଳିତ ହେବ’ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଆମରିସତ୍ୟର ପ୍ରତିଷ୍ଠାତା ତଥା ବେଗୁନିଆ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ଗ୍ରହଣ ଓ ନିଃସ୍ୱାର୍ଥପର ସେବା କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ସମାଜରେ ସୃଜନାଶୀଳତା ବଜାଇ ରଖିବା ସହିତ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ଉପଦେଶ ଦେଇଥିଲେ। ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର ସ୍ୱାଗତଭାଷଣ ଦେଇଥିବାବେଳେ କଲେଜର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ଉପାଧ୍ୟକ୍ଷ ଡ. ପ୍ରତାପ ଚନ୍ଦ୍ର ପଟ୍ଟନାୟକ, +୨ ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ପ୍ରିୟବ୍ରତ ମହାନ୍ତି ଓ ପ୍ରମୋଦ ସାମଲ, ଅଧ୍ୟାପକ ଗଦାଧର ସାହୁ, ବାମଦେବ ମିଶ୍ର, ରବିନାରାୟଣ ସ୍ୱାଇଁ, ସିପ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନ୍ୟତମ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଇତିଶ୍ରୀ ସାହୁ ଏବଂ ଅଧ୍ୟାପକ ପବିତ୍ର ମୋହନ ଦାସ ଯୋଗଦେଇଥିଲେ। ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ +୨ ପ୍ରୋଗ୍ରାମଅଫିସରଅଧ୍ୟାପକଟି.ଅକ୍ଷୟକୁମାରଧନ୍ୟବାଦଅର୍ପଣକରିଥିଲେ।




**ନିରାକାରପୁର** : ଖୋର୍ଦ୍ଧା ଜିଲ୍ଲା ମଳିପଡ଼ାସ୍ଥ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିନିମନ୍ତେ ଆୟୋଜିତ ହୋଇଥିବା ସଭାକୁ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ଏହି ଦିବସର ମହନିୟତା ସମ୍ପର୍କରେ ବୁଝାଇଥିଲେ। ଇଂରାଜୀ ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ ସର୍ବଦା ସେବା ମନୋଭାବ ରଖିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରିୟଙ୍କା ସ୍ୱାଇଁ ସମାଜସେବା ମାଧ୍ୟମରେ ସମାଜ ନିମନ୍ତେ ନିଜର କର୍ତ୍ତବ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ସାଇବର କ୍ରାଇମ୍ ଓ ପୋକ୍ସୋ ଆକ୍ଟ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ପ୍ରସନ୍ନ ଶୁକ୍ଳା ଯୋଗଦେଇଥିଲେ।

**ବେଗୁନିଆ** : ବେଗୁନିଆ ମହାବିଦ୍ୟାଳୟର ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ୫୬ତମ ଜାତୀୟ ସେବା ଦିବସ ପାଳିତ ହୋଇଛି। ଏଥିରେ ଏନ୍‌ଏସ୍‌ଏସ୍ ଅଧିକାରିଣୀ ଅଧ୍ୟାପିକା ଡ. ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ପୌରୋହିତ୍ୟରେ ସ୍ଥାନୀୟ ମହାବିଦ୍ୟାଳୟ ଅଧ୍ୟକ୍ଷା ସବିତାଳି ସେନାପତି ମୁଖ୍ୟ ଅତିଥି, ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ବିଧୁଭୂଷଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଃସ୍ୱାର୍ଥପର ଭାବେ ସେବା ମନୋବୃତି ନେଇ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରିବା ଉଚିତ୍ ବୋଲି ମତପ୍ରକାଶ କରିବା ସହ ସଫଳତା ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଯୁକ୍ତ ୨ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁବାସ ମେଲ୍‌କା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସ୍ୱେଚ୍ଛାସେବୀ ଯୋଗେଶ୍ୱର ବଳିୟାରସିଂହଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ପତ୍ନୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ବାଣପୁର,୨୪।୯ (ସମିସ): ବୁଧବାର ବହୁଚର୍ଚ୍ଚିତ ଝରିଆଟାଙ୍ଗୀ ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ ପାଇଛି। କଟୁରୀ ଚୋଟରେ ସ୍ତ୍ରୀର ଗଣ୍ଡି-ମୁଣ୍ଡ ଅଲଗା କରିଥିବା ହତ୍ୟାକାରୀ ସ୍ୱାମୀକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ବାବଦକୁ ଅଧିକ ୬ ମାସ କାରାଦଣ୍ଡର ରାୟ ଶୁଣାଣି କରିଛନ୍ତି।

ସୂଚନା ମୁତାବକ, ବାଣପୁର ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଫାଣ୍ଡି ଅଧୀନ ଝରିଆଟାଙ୍ଗୀ ଗ୍ରାମର ପୂର୍ବତନ ଶିକ୍ଷକ ସ୍ୱର୍ଗତ ବିରୁପାକ୍ଷ ରାଉତରାୟଙ୍କ ଏକମାତ୍ର ପୁତ୍ର ବିଭୁଦତ୍ତ ୧୭ ବର୍ଷ ପୂର୍ବେ ନାଟୁଣୀ ଲୁହାକୋଟ୍ ଗ୍ରାମର ରାଜକିଶୋର ପ୍ରଧାନଙ୍କ ଝିଅ ନମିତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଓ ଦୁଇଟି ପୁଅ ଥିବାବେଳେ ଛୋଟ ଛୋଟ କଥାକୁ ନେଇ ବିଭୁଦତ୍ତ ଓ ନମିତାଙ୍କ ମଧ୍ୟରେ ଦୈନନ୍ଦିନ ଯୁକ୍ତିତର୍କ ଲାଗୁଥିଲା। ଏପରିସ୍ଥଳେ ୨୦୨୦ ନଭେମ୍ବର ୨୩ ତାରିଖ ଅପରାହ୍ଣ ପ୍ରାୟ ୩ଟା ୩୦ରେ ବିଭୁଦତ୍ତ ଘର ବାରିପଟେ କାଠ ହାଣିବା ପାଇଁ କଟୁରୀ ଧାର କରୁଥିବା ସମୟରେ ନମିତା ଖାଇବା ପାଇଁ ବିଭୁଦତ୍ତଙ୍କୁ ଡାକିଥିଲେ। ବିଭୁଦତ୍ତ ମନା କରିବା ପରେ ପୁନର୍ବାର ନମିତା ଡାକିବାରୁ ବିଭୁଦତ୍ତ ଉତ୍‌କ୍ଷିପ୍ତ ହୋଇ କଟୁରୀରେ ଆକ୍ରମଣ କରିଥିଲେ। ନମିତାଙ୍କ ଚିତ୍କାର ଶୁଣି ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଦେଖିଲା ବେଳକୁ କଟୁରୀରେ ଚୋଟରେ ନମିତାଙ୍କ ମୁଣ୍ଡଟି ଶରୀରରୁ ଅଲଗା ହୋଇଯାଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ବାଣପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଭୁଦତ୍ତକୁ ଗିରଫ କରି ମାରଣାସ୍ତ୍ର ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ନମିତାଙ୍କ ବାପା ରାଜକିଶୋରଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତଦନ୍ତ ପରେ ତତ୍କାଳୀନ ବାଣପୁର ଥାନାଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ବିଭିନ୍ନ ଦଫାରେ ଅଭିଯୁକ୍ତ ବିଭୁଦତ୍ତ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଏହାର ଶୁଣାଣି ଚାଲିଥିଲା। ବାଣପୁର ସର୍କିଟ୍ କୋର୍ଟରେ ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍-୧ ରଞ୍ଜୁଲତା ଲେଙ୍କା ସମସ୍ତ ସାକ୍ଷ୍ୟ ପ୍ରମାଣ ସମେତ ପାରିପାର୍ଶ୍ୱିକ ଅବସ୍ଥା ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ବିଭୁଦତ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ଆର୍ଥିକ ଜରିମାନାରେ ଦଣ୍ଡିତ କରିଥିବା ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି।



# ପାରମ୍ପରିକ ପରିଧାନରେ ଆଧୁନିକ ସ୍ପର୍ଶ

**ଆରମ୍ଭ ହୋଇଛି ନବରାତ୍ରୀ । ଏହିଦିନଗୁଡ଼ିକରେ ମା'ଙ୍କ ଆରାଧନା ସହ ପୂଜାର୍ଚ୍ଚନା କରାଯାଇଥାଏ । ସେହିପରି ଏହାକୁ ଖୁସି ଉତ୍ସବର ଦିନଭାବେ ମଧ୍ୟ ପାଳନ କରାଯାଏ । ଏଥିପାଇଁ ଯୁବତୀମାନେ ପୋଷାକ, ମେକ୍‌ଅପ୍ ଆଦିକୁ ନେଇ ଖୁବ୍ ଉତ୍ସାହିତ ଥାନ୍ତି । ତେବେ ନବରାତ୍ରୀରେ ପାରମ୍ପରିକ ପରିଧାନରେ ଆଧୁନିକ ଲୁକ୍ ଆଣିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଟିପ୍ସ ।**

### ପାରମ୍ପରିକ ପରିଧାନର ଆକର୍ଷଣ

ନବରାତ୍ରୀ କହିଲେ ପ୍ରଥମେ ଶାଢ଼ି ଓ ଲେହେଙ୍ଗା କଥା ମନକୁ ଆସିଥାଏ । ଏଥିପାଇଁ ଚନ୍ଦେରୀ, ବନାରସୀ ତଥା କାଞ୍ଚୀପୁରମ୍ ଶାଢ଼ି ଚୟନ କରିପାରିବେ । ଏଥିସହ ବୋଟ୍ କିମ୍ବା ହାଇନେକ୍ ବ୍ଲାଉଜ୍ କ୍ୟାରି କରିପାରିବେ । ଏଥିରୁ ଏକ ଆଧୁନିକ ଲୁକ୍ ମିଳିଥାଏ । ସେହିପରି ଲେହେଙ୍ଗା ଚାହୁଁଥିଲେ କାଚ କିମ୍ବା ଏମ୍ବ୍ରୋଡୋରୀ ଲେହେଙ୍ଗା ପିନ୍ଧିପାରିବେ ।

### ରଙ୍ଗ

ଲୁକ୍‌ରେ ସାମାନ୍ୟ ପରିବର୍ତ୍ତନ ଚାହୁଁଥିଲେ, ଉଜ୍ଜ୍ୱଳ ଗାଢ଼ ରଙ୍ଗ ଆଉଟ୍ ଫିଟ୍ ବାଛିପାରିବେ । ଏହା ଆଖିକୁ ଅଧିକ ଆକର୍ଷଣୀୟ ଦିଶିଥାଏ । ଚାହିଁଲେ ନାଲି, ହଳଦିଆ, ନେଳି ରଙ୍ଗର ପୋଷାକ ଚୟନ କରିପାରିବେ ।

### ଅଳଙ୍କାର

ନବରାତ୍ରୀରେ ଆଉଟ୍‌ଫିଟ୍ ପରି ଆସେସରିଜ୍ ମୁଖ୍ୟ ଭୂମିକା ରହିଛି । ଏଥିପାଇଁ କାନରେ ଝୁମ୍‌କା, ହାତରେ ପାରମ୍ପରିକ ବ୍ୟାଙ୍ଗେଲସ୍ ପିନ୍ଧିପାରିବେ । ଏଥିସହ ଲେୟାର୍ଡ ଅଳଙ୍କାର ବେକକୁ ଖୁବ୍ ସୁନ୍ଦର ମାନିଥାଏ ।

### ଆରମଦାୟକ ଫୁଟ୍‌ୱେୟାର

ଆରାମଦାୟକ ଫୁଟ୍‌ୱେୟାର ଯେ କୌଣସି ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ । ତେଣୁ ଏହି ନବରାତ୍ରୀ ଉତ୍ସବକୁ ଉପଭୋଗ କରିବାକୁ ଚାହଁଥିଲେ ଆରାମଦାୟକ ଫୁଟ୍‌ୱେୟାର୍ ପ୍ରତି ଧ୍ୟାନଦେବା ଜରୁରୀ । ସେହିପରି ଏହା ସହିତ ଏକ ସୁନ୍ଦର ବ୍ୟାଗ୍ କ୍ୟାରି କଲେ ଏହା ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ ।

### ମେକ୍‌ଅପ୍ ଓ ହେୟାରଷ୍ଟାଇଲ୍

ନବରାତ୍ରୀ ଲୁକ୍‌ରେ ପୋଷାକ, ଆସେସରିଜ୍ ସହ ମେକ୍‌ଅପ୍ ଓ ହେୟାର୍‌ଷ୍ଟାଇଲ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏଥିପାଇଁ ହାଲୁକା ମେକ୍‌ଅପ୍ କରନ୍ତୁ । ଏହା ଖୁବ୍ ସୁନ୍ଦର ମାନିଥାଏ । ସେହିପରି ହେୟାର୍‌ଷ୍ଟାଇଲ୍ କରିବାକୁ ଚାହୁଁଥିଲେ ବେଣୀ, ପନିଟେଲ୍ କିମ୍ବା ଖୋସା କରିପାରିବେ ।

# ଅଁଳା ଉତ୍ପାଦରୁ ସ୍ୱାବଲମ୍ବୀ ସଙ୍ଗୀତା





**ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ । ଅନେକ ହାରିଯାଆନ୍ତି । ଆଉ କିଛି ଭାଙ୍ଗି ନ ପଡ଼ି, ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ଲକ୍ଷ୍ୟ ପ୍ରାପ୍ତି କରିଥାନ୍ତି । ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ମହିଳା ହେଲେ, ଉତ୍ତର ପ୍ରଦେଶ ଅମେଠୀର ସଙ୍ଗୀତା । ସେ ଅଁଳାରୁ ଆଚାର, ଚକୋଲେଟ୍, ଜୁସ୍ ଭଳି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି । ଏହାଦ୍ୱାରା ସେ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି । କଠିନ ପରିଶ୍ରମ ଓ ଦୃଢ଼ମନୋବଳ ଥିଲେ, ସବୁ ସମ୍ଭବ ବୋଲି ସେ ପ୍ରମାଣ କରିଛନ୍ତି ।**

ସଙ୍ଗୀତା ସ୍ନାତକ ଶିକ୍ଷା ପରେ ଏକ ଚାକିରି ସନ୍ଧାନ କରିଥିଲେ । ଏଥିପାଇଁ ସେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ । ହେଲେ ସେ ନିଜ ଶିକ୍ଷା, ଯୋଗ୍ୟତା ଓ ଆବଶ୍ୟକତା ଅନୁସାରେ ଚାକିରି ଖଣ୍ଡେ ପାଇ ନ ଥିଲେ । ଫଳରେ ସେ କିଛି ନୂଆ ଓ ଭିନ୍ନ କରିବା ପାଇଁ ଚିନ୍ତା କରିଥିଲେ । ଗାଁର ଜଣେ ବାନ୍ଧବୀଙ୍କ ସହ ସେ ଯୋଗାଯୋଗ କରି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀରେ ମିଶିଥିଲେ । ସେଠାରେ ସେ ଅଁଳାର ଉପକାରିତା ବିଷୟରେ ଜାଣିଥିଲେ । ଏହାପରେ ସେ ଅଁଳାରୁ ଆଚାର, ମୁରବା, ଚକୋଲେଟ୍, ବର୍ଫି ଓ ଜୁସ୍ ଭଳି ନାନା ଉତ୍ପାଦ ପ୍ରସ୍ତୁତ କଲେ । ଏହାକୁ ସେ ପ୍ରଥମେ ସ୍ଥାନୀୟ ବଜାରରେ ବିକ୍ରି କରିଥିଲେ । ଧୀରେ ଧୀରେ ଅଁଳାର ଉପକାରିତା ଏହାର ଔଷଧୀୟ ଗୁଣ ଅନେକଙ୍କୁ ଏହା କିଣିବାକୁ ପ୍ରୋତ୍ସାହିତ କରିଥିଲା । ସ୍ଥାନୀୟ ଲୋକ ସମେତ ବିଭିନ୍ନ ଜିଲ୍ଲାର ଲୋକେ ଏହାକୁ କିଣିଲେ । ସଙ୍ଗୀତାଙ୍କ କହିବାନୁଯାୟୀ, ଏହି କାର୍ଯ୍ୟ ଦ୍ୱାରା କେବଳ ସେ ନୁହଁନ୍ତି, ଗୋଷ୍ଠୀର ଅନ୍ୟ ମହିଳାମାନେ ମଧ୍ୟ ଉପକୃତ ହୋଇଛନ୍ତି । ଗୋଷ୍ଠୀର ଅନେକ ମହିଳାଙ୍କର ଆର୍ଥିକ ସମସ୍ୟା ଥିଲା; କିନ୍ତୁ ଏବେ ଏହି ଅଁଳା ବ୍ୟବସାୟରୁ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଛି । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ କହିବାନୁଯାୟୀ, ପ୍ରଥମେ ରୋଜଗାର ପାଇଁ ସେମାନଙ୍କୁ ବାହାରକୁ ଯିବାକୁ ପଡୁଥିଲା; କିନ୍ତୁ ଏବେ ସେମାନଙ୍କୁ ଘର ପାଖରେ କାମ ମିଳିପାରୁଛି । ଘରେ ରହି ଘର କାର୍ଯ୍ୟ ସହ ସେମାନେ ଏହି କାର୍ଯ୍ୟ କରି ପାରୁଛନ୍ତି । କଠିନ ପରିଶ୍ରମ, ନିଆରା ପଦକ୍ଷେପ ଦ୍ୱାରା ସଙ୍ଗୀତା ନିଜ ଜୀବନ ବଦଳାଇବା ସହ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ସାହସ ଓ ଦୃଢ଼ ମନୋବଳ ଥିଲେ, ଜଣେ ସବୁ କିଛି ସମ୍ଭବ, ତାହା ସେ ପ୍ରମାଣ କରିଛନ୍ତି । କଠିନ ପରିସ୍ଥିତିରେ ହାର ନ ମାନି ଧୈର୍ଯ୍ୟର ସହ କିପରି ସମସ୍ୟାକୁ ସମାଧାନ କରାଯିବ ତାହା ଶିଖାଇଛନ୍ତି । ଆଗାମୀ ଦିନରେ ସେ ଅଁଳା ନିର୍ମିତ ଉତ୍ପାଦକୁ ଘରେ ଘରେ ପହଞ୍ଚାଇବାକୁ ଲକ୍ଷ ରଖିଛନ୍ତି । ଏଥିରେ ଅଧିକରୁ ଅଧିକ ମହିଳାଙ୍କୁ ଯୋଡ଼ିବାକୁ ପ୍ରୟାସ ଜାରି ରଖିଛନ୍ତି ।



# କେଶବୃଦ୍ଧି ପାଇଁ ସୋରିଷ ତେଲ



**ଧୂଳି ଓ ପ୍ରଦୂଷଣ ଯୋଗୁଁ ଏବେ ନାନା କେଶଜନିତ ସମସ୍ୟା ଦେଖାଯାଉଛି । ତେଣୁ କେଶକୁ ପ୍ରାକୃତିକ ଉପାୟରେ ସୁସ୍ଥ ଓ ମଜଭୁତ୍ କରିବାକୁ ଚାହୁଁଥିଲେ ସୋରିଷ ତେଲ ଲଗାଇପାରିବେ । ଏହା କେଶରେ ପ୍ରାକୃତିକ ଚମକ ଆଣିବା ସହ କେଶ ବୃଦ୍ଧିରେ ସହାୟକ ହୋଇଥାଏ ।**

### ପିଆଜ ରସ

ପିଆଜ ଗନ୍ଧ କଡ଼ା ହେବା ସତ୍ତ୍ୱେ ଏହା କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିରେ ଥିବା ସଲ୍‌ଫର କେଶମୂଳକୁ ଶକ୍ତ କରିଥାଏ । ଏହା କେଶର କୋଲାଜନ୍ ମାତ୍ରା ବୃଦ୍ଧି କରିଥାଏ । ଏଥିସହ ନୂଆ କେଶ ଉଠିବାରେ ସହାୟକ ହୋଇଥାଏ । ଏଥିପାଇଁ ପିଆଜ ରସରେ ସମାନ ପରିମାଣର ସୋରିଷ ତେଲ ମିଶାନ୍ତୁ । ଏହାକୁ ନଖ ଉଷୁମ କରି କେଶ ମୂଳରେ ଲଗାନ୍ତୁ । ୩୦ ରୁ ୪୦ ମିନିଟ୍ ପରେ ଯେ କୌଣସି ମାଇଲ୍ଡ ସାମ୍ପୁରେ କେଶ ଧୋଇ ଦିଅନ୍ତୁ ।

### ଘିକୁଆଁରୀ

ଆଲୋଭେରା ଜେଲ୍ ନେଇ ଏହାକୁ ସୋରିଷ ତେଲରେ ମିଶାନ୍ତୁ । ସ୍କାଲ୍‌ପରେ ଏହାକୁ ହାଲୁକା ହାତରେ ମସାଜ୍ କରି ଅଧଘଣ୍ଟା ରଖି ଦିଅନ୍ତୁ । ପରେ ସାମ୍ପୁରେ କେଶ ସଫା କରନ୍ତୁ । ଏହାଦ୍ୱାରା କେଶରେ ପ୍ରାକୃତିକ ଚମକ ଆସିଥାଏ ।

### ମନ୍ଦାର ଫୁଲ

ମନ୍ଦାର ଫୁଲ ଓ ପତ୍ର କେଶ ପାଇଁ ବରଦାନ ହୋଇଥାଏ । ଏହାକୁ ସୋରିଷ ତେଲରେ ଫୁଟାଇ ଲଗାଇପାରିବେ । ଏହା କେଶରେ କେରାଟିନ୍ ବୃଦ୍ଧି କରିଥାଏ ।



# କ୍ଲିନ୍‌ଅପ୍‌ର ଫାଇଦା



**କ୍ଲିନ୍‌ଅପ୍ ତ୍ୱଚାକୁ ସ୍ୱଚ୍ଛ, ନିର୍ମଳ ରଖିବା ପାଇଁ କରାଯାଏ । ଏହା ତ୍ୱଚାରେ ଥିବା ଧୂଳି, ମଳି ଓ ପ୍ରଦୂଷଣକୁ କାଢ଼ିଥାଏ । ବିଶେଷ କରି କର୍ମଜୀବୀ ମହିଳାଙ୍କ ପାଇଁ ଏହା ଖୁବ୍ ଜରୁରୀ ହୋଇଥାଏ । ଏହାଦ୍ୱାରା ତ୍ୱଚାକୁ ଅନେକ ଫାଇଦା ମିଳିଥାଏ ।**

### ମୃତକୋଷ, ଦୂର କରେ

ସାଧାରଣତଃ ତ୍ୱଚା ଧୂଳି, ପ୍ରଦୂଷଣ ଓ ଖରା ସଂସ୍ପର୍ଶରେ ଆସି ମଇଳା ଦେଖାଯାଏ । ତେଣୁ କ୍ଲିନ୍‌ଅପ୍ କଲେ ତ୍ୱଚାରେ ଥିବା ଅପରିଷ୍କାର ଜିନିଷ ଗଭୀରରୁ ସଫା ହୋଇଥାଏ ।

### ବ୍ଲାକ୍‌ହେଡ୍‌ସ ଓ ହ୍ୱାଇଟ୍ ହେଡସ୍

କ୍ଲିନ୍‌ଅପ୍ ସମୟରେ ଷ୍ଟିମ୍ ଏବଂ ଏକ୍ସଫ୍ଲୋଏସନ୍ ଦ୍ୱାରା ବ୍ଲାକ୍‌ହେଡସ୍ ଓ ହ୍ୱାଇଟ୍ ହେଡ୍‌ସକୁ ସହଜରେ ଦୂର କରାଯାଇପାରିବ । ଏହା ବ୍ଲାକ୍‌ହେଡ୍ ଓ ହ୍ୱାଇଟ୍ ହେଡକୁ ଜମାଟ ବାନ୍ଧିବାରୁ ସୁରକ୍ଷା ଦେଇଥାଏ ।

### ତ୍ୱଚାକୁ ସଫା ରଖେ

ଏହା ତ୍ୱଚାରେ ଥିବା ମୃତକୋଷ ଓ ଅତିରିକ୍ତ ତେଲକୁ ଗଭୀରରୁ ସଫା କରିଥାଏ । ଏଥିସହ ତ୍ୱଚାକୁ ପୋଷଣ ଦେଇ ହାଇଡ୍ରେଟ୍ ରଖିଥାଏ ।

### ଦାଗ ଓ ବ୍ରଣରୁ ସୁରକ୍ଷା

ଏହା ତ୍ୱଚାରୁ ବ୍ରଣ ଦାଗ ଦୂର କରି ତ୍ୱଚାକୁ ସତେଜ ରଖିଥାଏ । ତେଣୁ ପ୍ରତି ୧୫ ଦିନ କିମ୍ବା ଏକ ମାସ ବ୍ୟବଧାନରେ କ୍ଲିନ୍‌ଅପ୍ କରିବା ଆବଶ୍ୟକ ।

# ପିଲାଙ୍କ ପୁରୁଣା ପୋଷାକରୁ ବେଡ୍‌ସିଟ୍

**ସାଧାରଣତଃ ବୟସ ବଢ଼ିବା ସହ ଛୁଆଙ୍କ ପୋଷାକ ଛୋଟ ହୋଇଯାଏ । ତେଣୁ ଅନେକେ ଏହାକୁ ଅଦରକାରୀ ଭାବି ଫୋପାଡ଼ି ଦିଅନ୍ତି ବା ଘର ପୋଛା କରି ଦିଅନ୍ତି । କିନ୍ତୁ ଚାହିଁଲେ ପୁରୁଣା ପୋଷାକ ସାଇତି ଏଥିରୁ ସୁନ୍ଦର ଓ ଆରାମଦାୟକ ଚାଦର ପ୍ରସ୍ତୁତ କରିପାରିବେ ।**



### ପୋଷାକ ସଂଗ୍ରହ

ପ୍ରଥମେ ଘରେ ଥିବା ପୁରୁଣା ପୋଷାକକୁ ଏକତ୍ର କରନ୍ତୁ । ସେଥିମଧ୍ୟରୁ ସମାନ ରଙ୍ଗ ଓ ପ୍ୟାଟର୍ଣ୍ଣର କପଡ଼ାକୁ ଏକତ୍ର କରନ୍ତୁ । ସମାନ ରଙ୍ଗ ନ ଥିଲେ, ଭିନ୍ନ ଡିଜାଇନର ପୋଷାକ ବ୍ୟବହାର କରି ଚାଦର ପ୍ରସ୍ତୁତ କରିପାରିବେ । ଏଥିରେ ଚାଦରକୁ ଏକ ନୂଆ ଲୁକ୍ ମିଳିଥାଏ ।

### ପୋଷାକକୁ ଦିଅନ୍ତୁ ଚାରିକୋଣିଆ ଆକାର

ପୋଷାକରେ ଡିଜାଇନ ହୋଇଥିବା ଅଂଶଟିକୁ ଚାରିକୋଣିଆ କରି କାଟନ୍ତୁ । ଏପରି ଭାବେ ସମସ୍ତେ ପୋଷାକକୁ କାଟି ଦିଅନ୍ତୁ । ଧ୍ୟାନ ରଖିବେ, ସବୁ କପଡ଼ାର ଆକାର ହେବା ଜରୁରି । ଏହାଦ୍ୱାରା ଚାଦର ଗୋଟିଏ ସାଇଜ୍‌ରେ ରହିଥାଏ । ଆଖିକୁ ସୁନ୍ଦର ଦେଖାଯାଏ । ଏଥିସହ ସିଲେଇ କରିବାକୁ ସହଜ ହୋଇଥାଏ ।


### ଠିକ୍‌ରେ ସିଲେଇ କରନ୍ତୁ

ଚାଦରର ଚାରିକଡ଼କୁ ଭଲଭାବେ ସିଲେଇ କରିବା ଜରୁରି । ଏହାଦ୍ୱାରା ଚାଦର ସହଜରେ ଫିଟେନି ଅଧିକ ଦିନ ବ୍ୟବହାର କରି ହୁଏ । ଏହି ଚାଦରକୁ ପିଲାଙ୍କ ଶୋଇବା ଘରେ ପକାଇପାରିବେ ।

# ଚମକିବ ସ୍ୱିଚ୍ ବୋର୍ଡ

**ସ୍ୱିଚ୍ ବୋର୍ଡରେ ରୋଷେଇଘରୁ ତେଲ ମସଲାର ବାଷ୍ପ ଜମି ଦାଗ ତଥା ଅଠା ହୋଇଯାଏ । ଫଳରେ ସ୍ୱିଚ୍ ବୋର୍ଡ ଅସୁନ୍ଦର ଦିଶେ । ବହୁ ସମୟରେ ସଫା କଲେ ମଧ୍ୟ ଏଥିରେ ଲାଗିଥିବା ତେଲ ଚିକିଟା ଦାଗ ସହଜରେ ଛାଡ଼ି ନ ଥାଏ । ତେବେ କିଛି ସହଜ ଉପାୟ ଅବଲମ୍ବନ କଲେ ଏହାର ପୂର୍ବ ଚମକ ଫେରିପାଇଥାଏ ।**

- ଏଥିପାଇଁ ବେକିଂ ସୋଡା ମଧ୍ୟ ବ୍ୟବହାର କରିପାରିବେ । ବେକିଂ ସୋଡ଼ାରେ ଅଳ୍ପ ପାଣି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ସ୍ୱିଚ୍ ବୋର୍ଡରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ବ୍ରଶ୍‌ରେ ରଗଡ଼ି ସଫା କରି ଦିଅନ୍ତୁ ।
- ନେଲ୍ ପେଣ୍ଟ ରିମୁଭରରେ ମଧ୍ୟ ସ୍ୱିଚ୍ ବୋର୍ଡକୁ ସହଜରେ ସଫା କରିହେବ । ଏହାବାଦ୍ ଆଲକହଲ୍ ବ୍ୟବହାରରେ ମଧ୍ୟ ସ୍ୱିଚ୍ ବୋର୍ଡରୁ ଦାଗ ଛଡ଼ାଇବା ସମ୍ଭବ ।
- ତେବେ ସ୍ୱିଚ୍ ବୋର୍ଡ ଦାଗ ଛଡ଼ାଇବା ସମୟରେ ମେନ୍ ସ୍ୱିଚ୍ ଅଫ୍ କରନ୍ତୁ ।



# ମୋ ହାଣ୍ଡିଶାଳରୁ...

## ଶାଗୁ ରସମଲାଇ

### ଆବଶ୍ୟକ ସାମଗ୍ରୀ

ଶାଗୁ – ୨୫୦ ଗ୍ରାମ୍, ଚିନି – ଏକ କପ୍, କ୍ଷୀର - ୫୦୦, ଅମୂଲ- ଅଧା କପ୍, ଗୁଜରାତି ଗୁଣ୍ଡ- ଅଳ୍ପ, କଟା ପିସ୍ତା ବାଦାମ – ଦୁଇ ଚାମଚ, ଘିଅ – ଏକ ଚାମଚ

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ବାଉଲ୍‌ରେ ଶାଗୁ ନେଇ ପାଣି ଦେଇ ଏକ ଘଣ୍ଟା ବତୁରାଇ ରଖନ୍ତୁ । ଏହାପରେ ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ଶାଗୁ, ଚିନି ଓ ଅମୂଲ ଗୁଣ୍ଡ ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ହାତରେ ଅଳ୍ପ ଘିଅ ନେଇ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ କ୍ଷୀର ଦେଇ ଫୁଟାନ୍ତୁ । କ୍ଷୀର ଫୁଟିଗଲାପରେ ସେଥିରେ ଚିନି ଓ ଗୁଜରାତି ଗୁଣ୍ଡ ଦିଅନ୍ତୁ । କ୍ଷୀର ବହଳିଆ ହୋଇଗଲେ, ସେଥିରେ ପ୍ରସ୍ତୁତ କରି ରଖିଥିବା ଛୋଟ ଶାଗୁ ବଲ୍‌ଗୁଡ଼ିକୁ ଦେଇ ଗୋଳାନ୍ତୁ । ଏହାପରେ କାଟି ରଖିଥିବା ପିସ୍ତାବାଦାମକୁ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଶାଗୁ ରସମଲାଇ' ।



# ଭାରତୀୟ ଦଳ ଚୟନ ଆଜି

ମୁମ୍ବଇ,୨୪।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନକୁ ଗୋଟିଏ ଦିନ ଘୁଞ୍ଚାଇଦିଆଯାଇଛି। ଆଜି ଘୋଷିତ ହେବାକୁ ଥିବା ଦଳ ଆସନ୍ତାକାଲି ହେବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି। ଏହି ସିରିଜ୍‌ର ପ୍ରଥମ ଟେଷ୍ଟ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ଟେଷ୍ଟ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ୱେଷ୍ଟଇଣ୍ଡିଜ୍ ଦଳ ଘୋଷିତ ହୋଇସାରିଛି।

### ଥର୍ଟନଙ୍କ ଘାତକ ବୋଲିଂ

# ଭାରତ-ଏ’ର ବ୍ୟାଟିଂ ବିପର୍ଯ୍ୟୟ


ଲକ୍ଷ୍ନୌ,୨୪।୯ (ଏଜେନ୍ସି): ଡାହାଣହାତୀ ଫାଷ୍ଟ ବୋଲର ହେନରୀ ଥର୍ଟନଙ୍କ ଘାତକ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ-ଏ’ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ-ଏ’ର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଥର୍ଟନ ୧୦ ଓଭର ବୋଲିଂ କରି ୩୬ ରନ୍‌ରେ ୪ଟି ୱିକେଟ ନେବା ଫଳରେ ଭାରତ-ଏ’ର ପ୍ରଥମ ଇନିଂସ ୧୯୪ ରନ୍‌ରେ ଶେଷ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ’ ୪୨୦ କରିଥିବାରୁ ୨୨୬ ରନ୍‌ର ଅଗ୍ରଣୀ ନେଇଥିଲା। ବୃହତ୍ ଅଗ୍ରଣୀ ନେବା ପରେ ବୁଧବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ-ଏ’ ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୧୬ ରନ୍ କରିଛି। ଏହି ଟେଷ୍ଟରେ ଆଉ ୨ ଦିନ ଖେଳ ବାକିଥିଲାବେଳେ ଅଷ୍ଟ୍ରେଲିଆ-ଏ’ ଦୃଢ଼ସ୍ଥିତିରେ ରହିଛି। ପୂର୍ବରୁ ଭାରତ-ଏ’ ଇନିଂସରେ ସାଇ ସୁଦର୍ଶନ ୭୫, ଏନ୍ ଜଗଦୀଶନ ୩୮, ଲୋକେଶ ରାହୁଲ ୧୧, ଆୟୁଷ ବଦୋନୀ ୨୧ ଓ କନକସନର ଶିକାର ହୋଇ ରିଟାୟର୍ଡ ହର୍ଟ ହୋଇଥିବା ପ୍ରସିଦ୍ଧ କ୍ରିଷ୍ଣା ୧୬ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟେଷ୍ଟ ଆଶାୟୀ ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ ଓ ନୀତୀଶ କୁମାର ରେଡ୍ଡୀ ୧ ରନ୍ ଲେଖାଏଁ କରିଥିଲେ।

# ରେଡ୍ ବଲ୍ ଖେଳିବାରୁ ବିରତ ରହିବା ଲାଗି ଆୟରଙ୍କ ଅନୁରୋଧ

ମୁମ୍ବଇ,୨୪।୯ (ଏଜେନ୍ସି): ରେଡ୍‌ବଲ କ୍ରିକେଟ ବା ପ୍ରଥମଶ୍ରେଣୀ/ଟେଷ୍ଟ କ୍ରିକେଟ ମ୍ୟାଚ୍‌ରୁ ବିରତ ରହି ସ୍ୱାସ୍ଥ୍ୟାବସ୍ଥା ଠିକ୍ କରିବାକୁ ଭାରତର ଅନ୍ୟତମ ତାରକା ଖେଳାଳି ଶ୍ରେୟସ ଆୟର ବିସିସିଆଇକୁ ଅନୁରୋଧ କରିଛନ୍ତି। ବିସିସିଆଇ ସିନିୟର ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକରଙ୍କ ସହ ଆଲୋଚନା ପରେ ସେ ଅଷ୍ଟ୍ରେଲିଆ-ଏ’ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରୁ ଓହରିଯାଇଥିଲେ। ତାଙ୍କୁ ଭାରତ-ଏ’ ଦଳର ଅଧିନାୟକ ମନୋନୀତ କରାଯାଇଥିଲା। ଆୟର ଦୁଲୀପ୍ ଟ୍ରଫି ଖେଳିଲା ବେଳେ କଷ୍ଟ ପାଇଥିଲେ। ସେହିପରି ଅଷ୍ଟ୍ରେଲିଆ-ଏ’ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ମଧ୍ୟ ସମାନ ଅସୁବିଧା ଭୋଗିଥିଲେ। ୨୦୨୩ରେ ତାଙ୍କ ପିଠିରେ ଅସ୍ତ୍ରୋପଚାର କରାଯାଇଥିଲା। ଭାରତ ପକ୍ଷରୁ ୧୪ ଟେଷ୍ଟ ଓ ମୁମ୍ବଇ/ଅନ୍ୟାନ୍ୟ ଟିମ୍‌ରୁ ୭୦ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳିଛନ୍ତି। କିନ୍ତୁ ସୀମିତ ଓଭର କ୍ରିକେଟ ଖେଳିବାକୁ ସେ ପ୍ରସ୍ତୁତ ବୋଲି ଅଗରକରଙ୍କ ସହ ଆଲୋଚନା ବେଳେ ଦର୍ଶାଇଛନ୍ତି।

# ବିବିଏଲ୍ ଖେଳିବାରେ ଅଶ୍ୱିନ ପ୍ରଥମ ତାରକା ଭାରତୀୟ

ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ନିକଟରେ ଅନ୍ତର୍ଜାତୀୟ କ୍ରିକେଟ୍ ଓ ଆଇପିଏଲ୍‌ରୁ ଅବସର ନେଇଥିବା ପୂର୍ବତନ ଭାରତୀୟ ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବିଗ୍ ବାସ୍ ଲିଗ୍ (ବିବିଏଲ)ରେ ଅଂଶଗ୍ରହଣ କରିବେ। ସେ ସିଡ୍‌ନୀ ଥଣ୍ଡର୍ସ ଦଳ ପକ୍ଷରୁ ଖେଳିବେ। ଫ୍ରାଞ୍ଚାଇଜ ପକ୍ଷରୁ ଚଳିତ ସପ୍ତାହ ଶେଷ ଭାଗରେ ଏନେଇ ଅଫିସିଆଲ୍ ଘୋଷଣା କରାଯିବ। ଫଳରେ ପ୍ରଥମ ଭାରତୀୟ ହାଇପ୍ରୋଫାଇଲ୍ କ୍ରିକେଟର୍ ଭାବେ ଅଶ୍ୱିନ ବିବିଏଲ୍‌ରେ ଭାଗନେବେ। ତାଙ୍କ ପୂର୍ବରୁ ଅବଶ୍ୟ ଉନ୍ମୁକ୍ତ ଚାନ୍ଦ ଓ ସିଦ୍ଧାର୍ଥ କୌଲ ବିବିଏଲ୍ ଖେଳିସାରିଛନ୍ତି। କିନ୍ତୁ ଉନ୍ମୁକ୍ତ ଭାରତୀୟ ସିନିଅର ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇ ନ ଥିବାବେଳେ ସିଦ୍ଧାର୍ଥ ମାତ୍ର ୬ଟି ଅନ୍ତର୍ଜାତୀୟ ଖେଳିଛନ୍ତି। ତେଣୁ ବିବିଏଲ୍ ଖେଳିବାରେ ଅଶ୍ୱିନ ଦେଶର ପ୍ରଥମ ତାରକା ତଥା ହାଇପ୍ରୋଫାଇଲ ଖେଳାଳି ହେବେ। ବିବିଏଲ୍‌ର ୧୫ତମ ସିଜନ ଡିସେମ୍ବର ୧୪ରୁ ଆରମ୍ଭ ହୋଇ ଜାନୁଆରୀ ୧୮ ରେ ସମାପ୍ତ ହେବ।



## ଅଭିଷେକଙ୍କ ବିସ୍ଫୋରକ ଅର୍ଦ୍ଧଶତକ; କୁଳଦୀପଙ୍କ ସଫଳ ବୋଲିଂ

# ଏସିଆ କପ୍ ଫାଇନାଲରେ ଭାରତ

ଦୁବାଇ,୨୪।୯ (ଏଜେନ୍ସି):

ଓପନର ଅଭିଷେକ ଶର୍ମା (୩୭ବଲ୍‌ରେ ୭୫ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ, କୁଳଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ସଫଳ ବୋଲିଂ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଏସିଆ କପ୍ ସୁପର-୪ ମୁକାବିଲାରେ ଭାରତ ୪୧ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ଗୁରୁବାର ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଭାରତ ସହ ଆସନ୍ତା ୨୮ ତାରିଖ ରବିବାର ଫାଇନାଲରେ ଖେଳିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୮ ରନ୍ କରିଥିଲା। ଜବାବରେ ବାଂଲାଦେଶ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ୧୯.୩ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ଓପନର ସୈଫ୍ ହାସନ ଲଢୁଆ ବ୍ୟାଟିଂ କରି ୫୧ ବଲ୍‌ରୁ ୩ ଚୌକା ଓ ୫ ଛକା ସହ ୬୯ ରନ୍ କରିଥିଲେ। ଭାରତୀୟ ଫିଲ୍ଡରମାନେ ସୈଫ୍‌ଙ୍କର ୪ଟି ଓ ମୋଟରେ ୮ଟି କ୍ୟାଚ୍ ହାତଛଡ଼ା କରିଥିଲେ। ଭାରତ ପକ୍ଷରୁ କୁଳଦୀପ ୧୮ ରନ୍‌ରେ ୩ଟି, ଯଶପ୍ରୀତ୍ ବୁମ୍‌ରା ୧୮ ରନ୍‌ରେ ୨ଟି ଓ ବରୁଣ ୨୯ ରନ୍‌ରେ ୨ଟି ଲେଖାଏଁ ୱିକେଟ ନେଇଥିଲେ।




ଏଠାରେ ବାଂଲାର କାମଚଳା ଅଧିନାୟକ ଜେକର ଅଲି ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। କିନ୍ତୁ ଦଳର ଦୁଇ ଓପନର ଆଶାନୁରୂପ ଆରମ୍ଭ ଦେଇ ପାରି ନ ଥିଲେ। ପ୍ରଥମ ୩ ଓଭରରେ ଦଳ ୧୭ ରନ୍ କରିଥିଲା। ଚତୁର୍ଥ ଓଭର ବୋଲିଂ କରିବାକୁ ଆସିଥିବା ନାସୁମ ଅହମ୍ମଦ ୨୧ ରନ୍ ଦେବା ଫଳରେ ଭାରତ ପରବର୍ତ୍ତୀ ୩ ଓଭରରେ ୫୫ ରନ୍ ଉଠାଇଥିଲା। ପାୱାର ପ୍ଲେ ବା ପ୍ରଥମ ୬ ଓଭରରେ ଭାରତ କୌଣସି ୱିକେଟ ନ ହରାଇ ୭୨ ରନ୍ କରିଥିଲା। ୭ମ ଓଭରରେ ଗିଲ (୨୯)ଙ୍କୁ ଓ ବ୍ୟାଟିଂ ଅର୍ଡରରେ ନଂ-୩ରେ ଖେଳିବାକୁ ଆସିଥିବା ଶିବମ ଦୁବେ(୨)ଙ୍କୁ ଆଉଟ କରି ଭାରତକୁ ଝଟକା ଦେଇଥିଲେ। ଏହି ସମୟରେ ୨୫ ବଲରୁ ଅର୍ଦ୍ଧଶତକ ହାସଲ କରିଥିବା ଅଭିଷେକ ଶର୍ମା ୭୫ ରନ୍ କରିଥିଲାବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ସେ ୩୭ ବଲରେ ୬ ଚୌକା ଓ ୫ ଛକା ସହ ଦଳ ପକ୍ଷରୁ ସର୍ବାଧିକ ସ୍କୋର କରି ରନ୍‌ଆଉଟ ହେବା ପରେ ଭାରତର ବ୍ୟାଟିଂ ମନ୍ଥର ହୋଇଯାଇଥିଲା। ଏହି ସମୟରେ ୭ରୁ ୧୨ ଓଭର ମଧ୍ୟରେ ଭାରତ ୪୨ ରନ୍‌ରେ ୪ଟି ୱିକେଟ ହରାଇଥିଲା। ମୁସ୍ତାଫିଜୁରଙ୍କ ନେତୃତ୍ୱରେ ବାଂଲାର ବୋଲରମାନେ ଶୃଙ୍ଖଳିତ ବୋଲିଂ କରିବା ଫଳରେ ଭାରତ ୧୩ରୁ ୧୬ ଓଭର ମଧ୍ୟରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲା। ମୋଟାମୋଟି ଭାବେ ଅଭିଷେକଙ୍କ ଆଉଟ ପରେ ଭାରତୀୟ ବ୍ୟାଟିଂ ତାହାର ଲୟ ହରାଇଥିଲା। ଭାରତ ପ୍ରଥମ ୧୧ ଓଭରରେ ୧୧୨ ଓ ଶେଷ ୮ ଓଭରରେ ୪ ୱିକେଟ ହରାଇ ୫୬ ରନ୍ କରିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୨୯ ବଲ୍‌ରେ ୩୮ ରନ୍ କରିଥିଲେ। ଭାରତର ପ୍ରଥମ ୩ଜଣଙ୍କୁ ଆଉଟ କରିବାରେ ରିଶାଦ ହୋସେନଙ୍କ ହାତ ରହିଛି। ସେ ଗିଲ୍ ଓ ଦୁବେଙ୍କୁ ଆଉଟ କରିଥିଲେ।


### ସଂକ୍ଷିପ୍ତ ସ୍କୋର

**ଭାରତ: ୧୬୮/୬, ୨୦ ଓଭର**
(ଅଭିଷେକ- ୭୫, ଗିଲ୍- ୨୯, ହାର୍ଦ୍ଦିକ- ୩୮, ରିଶଦ- ୨/୨୭)।

**ବାଂଲାଦେଶ: ୧୨୭/୧୦,୧୯.୩ ଓଭର**
(ସୈଫ ହାସନ- ୬୯, ପରଭେଜ ହୋସେନ- ୨୧, କୁଲଦୀପ୍- ୩/୧୮, ବୁମରା- ୨/୧୮, ବରୁଣ- ୨/୨୯)।

### ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମୀ

# ୧୨ ଗୁଣା ଅଧିକ ମୂଲ୍ୟରେ କ୍ରୟ ହେଲେ ବିବେକ










ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ମିନି ଖେଳାଳି ନିଲାମୀ ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିନି ନିଲାମୀରେ ପୁରୁଷ ବିଭାଗର ୮ଟି ଓ ମହିଳା ବିଭାଗର ୪ଟି ଦଳ ଭାଗନେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ନାମ ଏହି ନିଲାମୀରେ ଡାକରା ହୋଇଥିଲା। ପୁରୁଷ ବିଭାଗରେ ଗୋଟିଏ ଦଳର ସାଲାରୀ କ୍ୟାପ୍ ୪ କୋଟି ଓ ମହିଳା ଦଳର ୨ କୋଟି ଟଙ୍କା ରହିଥିଲା। ଅର୍ଥାତ ଧାର୍ଯ୍ୟ ରାଶି ମଧ୍ୟରେ ଫ୍ରାଞ୍ଚାଇଜଗୁଡ଼ିକ ସେମାନଙ୍କ ଟିମ୍ ପ୍ରସ୍ତୁତ କରିବେ। ବୁଧବାର ନିଲାମୀରେ ଆର୍ଜେଣ୍ଟିନାର ମହିଳା ହକି ଖେଳାଳି ଅଗଷ୍ଟିନା ଗୋର୍ଜେଲାନୀ ସବୁଠୁ ଦାମୀ ଖେଳାଳି ରହିଥିଲେ। ବେଙ୍ଗଲ ଟାଇଗର୍ସ ମହିଳା ଦଳ ତାଙ୍କୁ ୪୨ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ସେହିଭଳି ଭାଲେଣ୍ଟିନା ରାପୋସୋ, ଗ୍ରାନାଟୋ ମାରିଆ ଜୋସ, ସାନ୍ଦର ଡି ୱିଜନ, କୁପର ବର୍ନ୍ସ ଓ ଥିଏ ପ୍ରିଞ୍ଜଙ୍କୁ ୩୦ ଲକ୍ଷ ଟଙ୍କା ଲେଖାଏରେ ବିଭିନ୍ନ ଦଳରେ ସାମିଲ ହୋଇଥିଲେ।

ତେବେ ଓଡ଼ିଶାର ଦୁଇ ଯୁବ ଖେଳାଳି ବିବେକ ଲାକ୍ରା ଓ ଆଡ୍ରୋହିତ ଏକ୍କାଙ୍କୁ କିଣିବା ଲାଗି ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ୧୭ ବର୍ଷୀୟ ବିବେକ ତାଙ୍କ ମୂଳ ଦରରୁ ପାଖାପାଖି ୧୨ ଗୁଣା ଅଧିକ ମୂଲ୍ୟରେ କ୍ରୟ କରିଥିଲେ। ତାଙ୍କୁ ରାଞ୍ଚି ରୟାଲ୍ସ ଦଳ ୨୩ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ବିବେକଙ୍କ ମୂଳ ଦର ୨ ଲକ୍ଷ ଟଙ୍କା ରହିଥିଲା। ସେହିଭଳି ଆଡ୍ରୋହିତଙ୍କ ମୂଳ ଦର ୨ ଲକ୍ଷ ଟଙ୍କା ରହିଥିବାବେଳେ ୧୧ ଲକ୍ଷ ଟଙ୍କାରେ ତାମିଲନାଡୁ ଡ୍ରାଗନ୍ସ ତାଙ୍କୁ କ୍ରୟ କରିବାରେ ସଫଳ ହୋଇଥିଲା।

### ରାଞ୍ଚି ରୟାଲ ଟସ୍କର୍ସ ନୂଆ ଦଳ

ହକି ଇଣ୍ଡିଆ ଲିଗ୍‌ର ଆଗାମୀ ସଂସ୍କରଣରେ ନୂଆ ଦଳ ଭାବେ ରାଞ୍ଚି ରୟାଲ୍ ଟସ୍କର୍ସ ଅଂଶଗ୍ରହଣ କରିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଫ୍ରାଞ୍ଚାଇଜର ଦୁଇଟି ଦଳ ଭାଗନେବ। ଗତ ସଂସ୍କରଣରେ ପୁରୁଷ ବିଭାଗରେ ଖେଳିଥିବା ଟିମ୍ ଗୋନାସିକା ଓ ମହିଳା ବିଭାଗ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ସ୍ଥାନରେ ରାଞ୍ଚି ଏଥର ନୂଆ ଦଳ ଭାବେ ସାମିଲ ହୋଇଛି।

### ବୈଭବ, ବିହାନ ଓ ଅଭିଜ୍ଞାନଙ୍କ ଅର୍ଦ୍ଧଶତକ

# ଭାରତୀୟ ଯୁବ ଦଳର ଦିନିକିଆ ସିରିଜ୍ ବିଜୟ



ବ୍ରିସ୍‌ବେନ୍,୨୪।୯ (ଏଜେନ୍ସି): ଓପନର ବୈଭବ ସୂର୍ଯ୍ୟବଂଶୀ (୭୦), ନଂ-୩ ବିହାନ ମାଲହୋତ୍ରା (୭୦) ଓ ୱିକେଟରକ୍ଷକ ଅଭିଜ୍ଞାନ କୁଣ୍ଡୁ (୭୧)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ୧୯ ବର୍ଷରୁ କମ୍ ଦ୍ୱିତୀୟ ଦିନିକିଆରେ ଭାରତ ୫୧ ରନ୍‌ରେ ବିଜୟୀ ହୋଇଛି। ଦୁଇ ଦେଶ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଭାରତ ୩ ୱିକେଟରେ ଜିତିଥିଲା। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିଛି। ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ଏଠାରେ ଆସନ୍ତା ଶୁକ୍ରବାର ୨୬ ତାରିଖରେ ଅନୁଷ୍ଠିତ ହେବ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୨ଟି ବଲ ବାକିଥାଇ ୩୦୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଉପରୋକ୍ତ ୩ ଖେଳାଳିଙ୍କ ଅର୍ଦ୍ଧଶତକ ବ୍ୟତୀତ ବେଦାନ୍ତ ତ୍ରିପାଠୀ ୨୬ ଓ ଅଧିନାୟକ ତଥା ଓପନର ଆୟୁଷ ମାହତ୍ରେ ଇନିଂସର ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଜେଡେନ୍ ଡ୍ରାପରଙ୍କ ଶତକ (୧୦୭ ରନ୍, ୭୨ବଲ୍, ୮ଚୌକା, ୫ଛକା) ସତ୍ତ୍ୱେ ଅଷ୍ଟ୍ରେଲିଆ ଯୁବ ଦଳ ୨୪୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳରେ ସ୍ଥାନ ପାଇଥିବା ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଆର୍ଯ୍ୟନ ଶର୍ମା ଦ୍ୱିତୀୟ ସର୍ବାଧିକ ୩୮ ଓ ଅଧିନାୟକ ଯଶ ଦେଶମୁଖ ୧ ରନ୍‌ରେ ଆଉଟ ହୋଇଥିଲେ। ଭାରତ ପକ୍ଷରୁ ଅଧିନାୟକ ଆୟୁଷ ବ୍ୟାଟିଂରେ ଫେଲ ହୋଇଥିଲେ ମଧ୍ୟ ବୋଲିଂରେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। କନିଷ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

# ଟି-୨୦ ର୍‍ୟାଙ୍କିଂରେ ଭାରତର ଦବ୍‌ଦବା

ଦୁବାଇ, ୨୪।୯ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟପ୍ରକାଶିତ ଟି-୨୦ ର୍‍ୟାଙ୍କିଂରେ ଭାରତୀୟ ଖେଳାଳିଙ୍କ ଦବ୍‌ଦାବା ଜାରି ରଖିଛନ୍ତି। ବିସ୍ଫୋରକ ବ୍ୟାଟର୍ ଅଭିଷେକ ଶର୍ମା, ରହସ୍ୟମୟୀ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟା ଯଥାକ୍ରମେ ବ୍ୟାଟିଂ, ବୋଲିଂ ଓ ଅଲ୍‌ରାଉଣ୍ଡ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଚଳିତ ଏସିଆ କପ୍‌ରେ ଦମ୍‌ଦାର ଫର୍ମରେ ଥିବା ଅଭିଷେକ ୯୦୭ ରେଟିଂ ପଏଣ୍ଟ ସହ ବ୍ୟାଟିଂ ତାଲିକାର ଶୀର୍ଷରେ ସ୍ଥିର ରହିଛନ୍ତି। ସେହିଭଳି ବ୍ୟାଟିଂ ତାଲିକାରେ ତିଲକ ବର୍ମା ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି। ଉଭୟ ଗୋଟିଏ ଲେଖାଏ ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ଯଥାକ୍ରମେ ୩ୟ ଓ ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ତାଲିକାରେ ବରୁଣ ୭୪୭ ରେଟିଂ ସହ ଏକ ନମ୍ବର ସ୍ଥାନକୁ ଆହୁରି ଦୃଢ଼ କରିଛନ୍ତି। ଏସିଆ କପ୍‌ରେ ଉଲ୍ଲେଖନୀୟ ବୋଲିଂ କରିଥିବା ଆବରାର୍ ଅହମ୍ମଦ ଏକାଥରକେ ୧୨ଟି ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଛନ୍ତି। ବାଂଲାଦେଶର ମୁସ୍ତାଫିଜୁର ରେହମାନ ୬ଟି ସ୍ଥାନ ଓ ଭାରତର ରବି ବିଷ୍ଣୋଇ ୪ଟି ସ୍ଥାନ ହରାଇଛନ୍ତି।

## ଓପିଟିଏଲ୍: କେନ୍ଦୁଝର, ରାଉରକେଲା ବିଦା

# ଆଜି ସେମିଫାଇନାଲ ଲଢ଼େଇ

କଟକ,୨୪।୯ (ସମିସ):



ସତ୍ୟକାମ ଭରଦ୍ୱାଜ



ଗୋବିନ୍ଦ ପୋଦ୍ଦାର

ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଗୁରୁବାର ଦୁଇଟିଯାକ ସେମିଫାଇନାଲ ଖେଳାଯିବ। ଅପରାହ୍ନ ୨ଟାରେ ସମ୍ବଲପୁର ୱାରିୟର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ କଟକ ପାନ୍ଥର୍ସ ଓ ପୁରୀ ଟାଇଟାନ୍ସ ସାମ୍ନାସାମ୍ନି ହେବେ। ଏହି ମ୍ୟାଚଟି ରାତି ୭ଟାରେ ଆରମ୍ଭ ହେବ।

ବୁଧବାର ରାଉଣ୍ଡରବିନ ପର୍ଯ୍ୟାୟ ଶେଷ ହେବାପରେ କଟକ ଓ ସମ୍ବଲପୁର ୫ ମ୍ୟାଚରୁ ସର୍ବାଧିକ ୧୪ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଥିଲେ। ଉନ୍ନତ ରନରେଟ୍ ଯୋଗୁ କଟକ ଶୀର୍ଷରେ ରହିଥିଲା। ସେହିଭଳି ଭୁବନେଶ୍ୱର ଟାଇଗର୍ସ ୫ ମ୍ୟାଚରୁ ୧୨ ପଏଣ୍ଟ ଓ ପୁରୀ ୧୦ ପଏଣ୍ଟ ସହ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ହାସଲ କରିଥିଲେ। ନିୟମ ଅନୁସାରେ ପ୍ରଥମ ୪ଟି ସ୍ଥାନରେ ରହିଥିବାରୁ ଏହି ଚାରୋଟି ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ତେବେ କେନ୍ଦୁଝର ମାଇନର୍ସ (୮ ପଏଣ୍ଟ) ଓ ରାଉରକେଲା ଷ୍ଟିଲର୍ସ (୨ ପଏଣ୍ଟ) ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହି ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଛନ୍ତି। ବୁଧବାର ରାଉଣ୍ଡ ରବିନ ପର୍ଯ୍ୟାୟର ଶେଷ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ୫ ୱିକେଟ୍‌ରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଥିଲା। ବର୍ଷା ଯୋଗୁଁ ୧୫ ଓଭର ବିଶିଷ୍ଟ ହୋଇଥିବା ଏହି ମ୍ୟାଚରେ ଷ୍ଟିଲର୍ସ ୮ ୱିକେଟ ହରାଇ ମାତ୍ର ୯୧ ରନ କରିଥିଲା। ଜବାବରେ ୧୧.୪ ଓଭରରେ ୫ ୱିକେଟ ହରାଇ ଟାଇଗର୍ସ ବିଜୟ ହାସଲ କରିଥିଲା। ଓପନର ସତ୍ୟକାମ ଭରଦ୍ୱାଜ ୩୪ ବଲରୁ ୬୫ରନର ମ୍ୟାଚ୍ ବିଜୟୀ ପାଳି ଖେଳଥିଲେ। ସେହିଭଳି ରାତିରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ୩ୱିକେଟ୍‌ରେ କେନ୍ଦୁଝରକୁ ହରାଇଥିଲା। ୩୬ ବଲରେ ୭୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଗୋବିନ୍ଦ ପୋଦ୍ଦାର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# ଇରାନୀ କପ୍: ବିଦର୍ଭ ଦଳର ନେତୃତ୍ୱ ନେବେ ୱାଦକର

ନାଗପୁର, ୨୪।୯ (ଏଜେନ୍ସି): ରଣଜୀ ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅକ୍ଟୋବର ୧ ତାରିଖରୁ ଇରାନୀ କପ୍ ମ୍ୟାଚ୍ ଆରମ୍ଭ ହେବ। ନାଗପୁରରେ ଖେଳାଯିବାକୁ ଥିବା ଏହି ସମ୍ମାନଜନକ ମ୍ୟାଚ୍ ଲାଗି ଅକ୍ଷୟ ୱାଦକରଙ୍କୁ ବିଦର୍ଭ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଅବଶିଷ୍ଟ ଭାରତକୁ ପରାସ୍ତ କରି ବିଦର୍ଭ ଏଥର ୩ୟଥର ଲାଗି ଇରାନୀ ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି। ବିଦର୍ଭ ୨୦୧୭-୧୮ ଓ ୨୦୧୮-୧୯ କ୍ରମାଗତ ୨ଟି ସିଜନ ଧରି ଇରାନୀ କପ୍ ଜିତିଥିଲା। ଅପରପକ୍ଷରେ ଅବଶିଷ୍ଟ ଭାରତ ରେକର୍ଡ ୨୯ଥର ଲାଗି ଚାମ୍ପିଅନ ହୋଇଛି।

**ଘୋଷିତ ବିଦର୍ଭ ଦଳ:** ଅକ୍ଷୟ ୱାଦକର (ଅଧିନାୟକ/ୱିକେଟ୍‌କିପର), ଯଶ ରାଠୋଡ (ଉପ-ଅଧିନାୟକ), ଅଥର୍ବ ତାଇଡେ, ଅମନ ମୋଖାଡେ, ଦାନିଶ ମାଲେୱର, ହର୍ଷ ଦୁବେ, ପାର୍ଥ ରେଖାଡେ, ଯଶ୍ ଠାକୁର, ନଚିକେତ ଭୁତେ, ଦର୍ଶନ ନାଲକାନ୍ଦେ, ଆଦିତ୍ୟ ଥାକରେ, ଅକ୍ଷୟ କର୍ନେୱାର, ଯଶ କଦମ, ଶିବମ ଦେଶମୁଖ, ପ୍ରଫୁଲ ହିଙ୍ଗେ ଓ ଧ୍ରୁବ ସୋରେ।

### ଜୁନିଅର ଏସୀୟ ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍

# ଭାରତୀୟ ଦଳରେ ଓଡ଼ିଶାର ୮ ଖେଳାଳି




ଭୁବନେଶ୍ୱର, ୨୪।୯ (ସମିସ): ଏସୀୟ ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜମ୍ମୁ କାଶ୍ମୀରରେ ଆୟୋଜିତ ହେବ। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାକୁ ଓଡ଼ିଶାର ୮ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ କାହ୍ନା ବେହେରା, ସମରେଶ କୁମାର ନନ୍ଦ, ନିତିଶା ବାରିକ, ଗାୟତ୍ରୀ ଦାସ, ଆଶିକ ପ୍ରଧାନ, ଭୁବନ ରାୟ, ସ୍ୱୟଂମ ଗୁରୁଙ୍ଗ ଓ ଏଲିନା ଗୁରୁଙ୍ଗ। ସପ୍ତାହେ ବ୍ୟାପୀ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୨ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ପେଙ୍କାକ୍ ସିଲାଟ ସଂଘ ସଭାପତି ତାପସ କୁମାର ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ଉପଦେଷ୍ଟା ସୁମନ ମୋଦି ଓ ଖୋର୍ଦ୍ଧା ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଘାଟିତ


ଭୁବନେଶ୍ୱର, ୨୪।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ସିବିଏସ୍‌ଇ ଜାତୀୟ ବାଳିକା



ସନ୍ତରଣ ଚାମ୍ପିଅନସିପ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ଚାରିଦିବସୀୟ ଏହି ସନ୍ତରଣ ପ୍ରତିଯୋଗିତାରେ ସାରା ଦେଶର ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ବାଳିକା ସନ୍ତରଣକାରୀମାନେ ଅଂଶଗ୍ରହଣ କରିଛନ୍ତି। ସେହିଭଳି ୨୫୦ଜଣ ଅଫିସିଆଲ୍ ଓ ୫୦ରୁ ଊର୍ଦ୍ଧ୍ୱ ବୈଷୟିକ ଅଧିକାରୀ ପରିଚାଳନାରେ ସହାୟତା କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସନ୍ତରଣ ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସପାଲ୍ ସଞ୍ଜୟ ସୁଆର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

# ଦିଲ୍ଲୀ ବାବା ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀ



## ଯୌନ ଶୋଷଣ ଅଭିଯୋଗ ଆଣିଲେ ୧୭ ଛାତ୍ରୀ
## ଫେରାର ଭଣ୍ଡ ବାବାର ଘର ଓଡ଼ିଶାରେ
## ୧୬ ବର୍ଷ ଧରି କରୁଥିଲା ଶୋଷଣ

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ଦିଲ୍ଲୀର ଏକ ନାମୀଦାମୀ ଶ୍ରୀ ସାରଦାପୀଠ ଶୃଙ୍ଗେରୀ ଆଶ୍ରମ (ସାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟ)ରେ ଚାଲୁଥିବା ଅନୀତି ଓ ବ୍ୟଭିଚାରର ପର୍ଦ୍ଦାଫାସ୍ ହୋଇଛି। ପୁଲିସର କହିବା ଅନୁସାରେ ଗତ କିଛି ଦିନ ହେବ ଏହି ଆଶ୍ରମରେ ରହୁଥିବା ଛାତ୍ରୀମାନଙ୍କୁ ଯୌନ ଶୋଷଣ କରାଯିବାର ଅଭିଯୋଗ ହୋଇଛି। ଏହି ଆଶ୍ରମର ସଞ୍ଚାଳକ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥ ସାରଥିଙ୍କ ବିରୋଧରେ ୧୭ଜଣ ଛାତ୍ରୀ ଯୌନ ଶୋଷଣର ଅଭିଯୋଗ ଆଣିଛନ୍ତି। ଏହି ଛାତ୍ରୀମାନେ ଆଶ୍ରମରେ ରହୁଥିଲେ ଓ ଏମାନେ ବାବାଙ୍କ ବିରୋଧରେ ବ୍ଲାକମେଲ କରିବା ଓ ଧମକ ଦେବାର ମଧ୍ୟ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ମିଳିବା ପରେ ଦିଲ୍ଲୀର ବସନ୍ତ କୁଞ୍ଜ ଥାନା ପୁଲିସ୍ ମାମଲା ରୁଜୁ କରିବା ସହ ଯାଞ୍ଚ ଆରମ୍ଭ କରିଛି। ପୁଲିସ ମଧ୍ୟ ଆଶ୍ରମର ସିସିଟିଭି ଫୁଟେଜର ଯାଞ୍ଚ କରୁଛି। ଆଶ୍ରମର କେତେଜଣ ୱାର୍ଡେନ୍ ଛାତ୍ରୀମାନଙ୍କୁ ବାବାଙ୍କ ଭେଟ କରାଉଥିଲେ ଓ ଛାତ୍ରୀମାନଙ୍କୁ କଲ କରି ସେ ରୁମ୍‌କୁ ଡକାଉଥିଲେ ବୋଲି ଅଭିଯୋଗ ହୋଇଛି। ପଟିଆଲା ହାଉସ୍ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୋଗ ମିଳିବା ପରେ ଅଭିଯୁକ୍ତ ବାବା ଫେରାର ଅଛନ୍ତି ଓ ପୁଲିସ ତାଙ୍କୁ ଖୋଜିବା ଜାରି ରଖିଛି।

ଏହି ବାବା ହେଉଛନ୍ତି ଓଡ଼ିଶାରେ ବାସିନ୍ଦା। ସେ ଏହି ଆଶ୍ରମରେ ଗତ ୧୨ ବର୍ଷ ହେବ ଅବସ୍ଥାନ କରୁଛନ୍ତି। ଏହି ବାବାଙ୍କ ବିରୋଧରେ ଓଡ଼ିଶାରେ ମଧ୍ୟ ଦୁଇଟି ମାମଲା ଯଥାକ୍ରମେ ୨୦୦୯ ଓ ୨୦୧୬ରେ ରୁଜୁ ହୋଇଛି। ଦିଲ୍ଲୀର ଏହି ଆଶ୍ରମରେ ଚୈତନ୍ୟାନନ୍ଦ କେୟାରଟେକର ଓ ସଞ୍ଚାଳକ ଦାୟିତ୍ୱରେ ଥିଲା। ବାବା ଆମକୁ ଲଗାତର ବ୍ଲାକମେଲ କରୁଥିଲେ ବୋଲି ଛାତ୍ରୀମାନେ କୋର୍ଟରେ ବୟାନ ଦେଇଛନ୍ତି। ପୁଣି କାହାକୁ କିଛି ନ କହିବାକୁ ସେ ଧମକ ଦେଇଥିଲେ। ଯଦି କେଉଁଠି କିଛି କୁହ, ତେବେ ପରିଣତି ଭୟଙ୍କର ହେବ ବୋଲି ସେ କହିଥିଲେ। ଏହି ବାବା ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି। ସେ ଜଣେ ପ୍ରଖ୍ୟାତ ପ୍ରାଧ୍ୟାପକ, ବକ୍ତା, ଶିକ୍ଷାବିତ ଭାବେ ଜଣାଶୁଣା। ସେ ମଧ୍ୟ ଚିକାଗୋ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ କରିଛନ୍ତି। ସେ କେତୋଟି ଡକ୍ଟରେଟ୍ ଡିଗ୍ରୀ ଓ ଡିଲିଟ୍ ହାସଲ କରିଛି। ଏହି ମାମଲା ପଦାରେ ପଡ଼ିବା ପରେ ବାବା ଫୋରାର ହୋଇଯାଇଛନ୍ତି। ସେ ବାରମ୍ବାର ସ୍ଥାନ ବଦଳାଉଛନ୍ତି। ଏହି ବାବାଙ୍କ କାର୍‌ରେ ଜାତିସଂଘର ନକଲି ନମ୍ବର ଲଗା ଯାଇଛି। ଅଭିଯୋଗ ପରେ ଆଶ୍ରମ ତରଫରୁ ମଧ୍ୟ ସଫେଇ ଦିଆଯାଇଛି।

## ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

ୱାସିଂଟନ, ୨୪।୯(ଏଜେନ୍ସି): ନ୍ୟୁୟର୍କରେ ଚାଲିଥିବା ଜାତିସଂଘ ମହାସଭା (ୟୁଏନ୍‌ଜିଏ)ର ୮୦ତମ ସଂସ୍କରଣରେ ତୁର୍କୀ ପୁଣିଥରେ କାଶ୍ମୀର ପ୍ରସଙ୍ଗ ଉଠାଇବାକୁ ପ୍ରୟାସ କରିଛି। ତୁର୍କୀ ରାଷ୍ଟ୍ରପତି ରେସେପ ଟାୟିପ୍ ଏର୍ଡୋଗାନ୍ ମଙ୍ଗଳବାର ୟୁଏନଜିଏରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ କଥାବାର୍ତ୍ତା ଜରିଆରେ କଶ୍ମୀର ସମସ୍ୟାର ସମାଧାନ କରାଯିବା ଉପରେ ସେ ଗୁରତ୍ୱ ଦେଇଥିଲେ। ଗତ ଏପ୍ରିଲରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବା ପରେ ଅସ୍ତ୍ରବିରତି ହୋଇଥିଲା ଓ ଏହା ଏକ ଖୁସିର କଥା ବୋଲି ସେ କହିଥିଲେ। ଜାତିସଂଘ ସୁରକ୍ଷା ପରିଷଦର ସାହାଯ୍ୟ କ୍ରମେ କଶ୍ମୀରର ଭାଇ ଓ ଭଉଣୀଙ୍କ ପାଇଁ ଏହି ସମାଧାନ ହେବା ଆବଶ୍ୟକ। କିନ୍ତୁ ଭାରତ ଏହିଭଳି ମନ୍ତବ୍ୟକୁ ପୂର୍ବରୁ ଖାରଜ କରିଆସିଛି। ଜମ୍ମୁ-କଶ୍ମୀର ହେଉଛି ଆମର ଆନ୍ତରିକ ମାମଲା। ତେଣୁ ଏ ନେଇ ତୃତୀୟ ପକ୍ଷ କିମ୍ବା କୌଣସି ମଧ୍ୟସ୍ଥତା ଆବଶ୍ୟକତା ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ଏର୍ଡୋଗାନ ୨୦୧୯ରୁ ପ୍ରତିବର୍ଷ (୨୦୨୪କୁ ବାଦ ଦେଇ) ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିଆସୁଛନ୍ତି ଓ ସେ ପାକିସ୍ତାନ ସମର୍ଥନରେ ଆଗକୁ ବାହାରୁ ଥିବାର ଲକ୍ଷ୍ୟ କରାଯାଇଛି। ପାକିସ୍ତାନ ବିରୋଧରେ ଚାଲିଥିବା ଅପରେସନ ସିନ୍ଦୂର ଅବସରରେ ଏର୍ଡୋଗାନ ପାକିସ୍ତାନ ସମର୍ଥନରେ ଖୋଲାଖୋଲି ଭାବେ ମନ୍ତବ୍ୟ ଦେବା ସହ ଆଗକୁ ବାହାରି ଥିଲେ।

## ୮ ଇସଲାମିକ ଦେଶଗୁଡିକ ସହ ଟ୍ରମ୍ପଙ୍କ ବୈଠକ

ୱାଶିଂଟନ, ୨୪।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତିରେ ୮ଟି ଇସ୍‌ଲାମିକ ଦେଶଗୁଡିକର ନେତାଙ୍କ ସହ ବୈଠକରେ ବସିଥିଲେ। ଗାଜାରେ ଚାଲିଥିବା ଯୁଦ୍ଧକୁ ଶେଷ କରିବେ ବୋଲି ଟ୍ରମ୍ପ ଏହି ଅବସରରେ ଦାବି କରିଛନ୍ତି। ଏହି ବୈଠକରେ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର, ମିଶର, ଜୋର୍ଡାନ, ତୁର୍କୀ, ଇଣ୍ଡୋନେସିଆ ଓ ଆଫଗାନିସ୍ତାନ ଦେଶଗୁଡିକର ନେତାମାନେ ଟ୍ରମ୍ପଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଏହି ବୈଠକ ପରେ ଟ୍ରମ୍ପ ଗଣମାଧ୍ୟମଗୁଡିକ କୌଣସି ମନ୍ତବ୍ୟ ଦେଇ ନଥିଲେ ଓ କେବଳ ହାତ ହଲାଇ ଚାଲିଯାଇଥିଲେ। ତେବେ ଏହି ବୈଠକରେ କିପରି ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ ହେବ ଓ ସ୍ଥାୟୀ ଅସ୍ତ୍ରବିରତି ହେବ ସେ ନେଇ ଚର୍ଚ୍ଚା ହୋଇଥିଲା ବୋଲି ୟୁଏଇ ସରକାରୀ ଗଣମାଧ୍ୟମ ତରଫରୁ କୁହାଯାଇଛି। ସେହିପରି ହମାସ କବ୍‌ଜାରେ ଥିବା ପଣବନ୍ଧୀଙ୍କୁ ମୁକ୍ତି ଦେବା ଓ ଗାଜାରେ ସୃଷ୍ଟି ହୋଇଥିବା ମାନବୀୟ ସଂକଟର ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା ବୋଲି ଗଣମାଧ୍ୟମଗୁଡିକ ତରଫରୁ କୁହାଯାଇଛି।

## ନିଜ ସନ୍ତାନଙ୍କୁ ଶୋଷଣ କରିଥିଲେ ମସ୍କଙ୍କ ପିତା

ନ୍ୟୁୟର୍କ, ୨୪।୯(ଏଜେନ୍ସି): ଟେସଲା ଓ ସ୍ପେସ୍‌ଏକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କଙ୍କ ପିତା ଏରୋଲ ମସ୍କଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ସେ ନିଜ ୫ ସନ୍ତାନ ଓ ସାବତ ସନ୍ତାନମାନଙ୍କୁ ଯୌନ ଶୋଷଣ କରିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସ ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ଏହି ରିପୋର୍ଟ ମୁତାବକ ୧୯୯୩ରୁ ଏହି ଅଭିଯୋଗ ସାମ୍ନାକୁ ଅସିଥିଲା। ତିନିଥର ପୁଲିସ ଏ ନେଇ ଯାଞ୍ଚ କରିଥିଲା। ଏଥିରୁ ଦୁଇଟି ଯାଞ୍ଚ ବନ୍ଦ ହୋଇଥିବା ବେଳେ ଆଉ ଗୋଟିଏ ଚାଲୁ ରହିଛି। କିନ୍ତୁ ୭୯ ବର୍ଷୀୟ ଏରୋଲ ଏହା ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ନିରାଧାର ବୋଲି କହିଛନ୍ତି। ଏଲନ ମସ୍କଙ୍କଠାରୁ ଅର୍ଥ ପାଇବା ପାଇଁ ପରିବାର କେତେଜଣ ସଦସ୍ୟ ଏହି ମିଛ ଅଭିଯୋଗ ଆଣିବା ସହ ଏହାର ପ୍ରଚାର ପ୍ରସାର କରିଛନ୍ତି ବୋଲି ସେ କହିଛନ୍ତି। ମସ୍କଙ୍କ ସହ ତାଙ୍କ ପିତାଙ୍କ ସମ୍ପର୍କ ଠିକ୍ ନଥିôବା ପରିଲକ୍ଷିତ ହୋଇଛି। ସେ ନିଜ ପିତାଙ୍କୁ ଜଣେ ଖରାପ ବ୍ୟକ୍ତି ବୋଲି ଅଭିହିତ କରିଆସିଛନ୍ତି।

## ମଣିପୁର ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ଇମ୍ଫାଲ, ୨୪।୯(ଏଜେନ୍ସି): ଗତ ସେପ୍ଟେମ୍ବର ୧୯ରେ ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଆସାମ ରାଇଫଲ୍ସର ବାହାନଗୁଡିକ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ଏହି ଘଟଣାରେ ଦୁଇଜଣ ଯବାନ ସହିଦ ହୋଇଥିଲେ। ଅଭିଯୁକ୍ତଠାରୁ ବହୁମାତ୍ରାରେ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଜବତ କରାଯାଇଛି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। କାମେଙ୍ଗ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିବା ପରେ ବିଷ୍ଣୁପୁର ପୁଲିସର ୩୩ ରାଇଫଲ୍ସ ବାଟାଲିୟନ ଓ ଅନ୍ୟ ସୁରକ୍ଷାବଳର ଏକ ଟିମ୍ ୨୪ ତାରିଖରେ ଅପରେସନ ଆରମ୍ଭ କରିଥିଲା। ଏଥିରେ ଖୋମନ୍ଦ୍ରମ ଓଜିତ ସିଂ ଓରଫ୍ କେଲାଲ ନାମକ ଜଣେ ୪୭ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# ରୁଷ୍ ବିମାନକୁ ଗୁଳିକରି ଖସାଅ: ଟ୍ରମ୍ପ

## ନାଟୋକୁ ଆମେରିକା ରାଷ୍ଟ୍ରପତିଙ୍କ ପରାମର୍ଶ
## ୟୁକ୍ରେନ ହରାଇଥିବା ଅଞ୍ଚଳ ଫେରି ପାଇପାରିବ

ୱାଶିଂଟନ, ୨୪।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତିରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କିଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଯଦି ରୁଷିଆର କୌଣସି ବିମାନ ନାଟୋ ସଂଗଠନରେ ସାମିଲ ହୋଇଥିବା ଦେଶଗୁଡିକର ବାୟୁସୀମା ଦେଇ ଗତି କରେ କିମ୍ବା ଏହାର ଉଲ୍ଲଂଘନ କା।।ରେ, ତେବେ ତାହାକୁ ମାରି ଖସାଇବାକୁ ସେ ଏହି ଅବସରରେ କହିଛନ୍ତି। କେବଳ ସେତିକି ନୁହଁ, ରୁଷିଆ କବ୍‌ଜା କରିଥିବା ସବୁ ଅଞ୍ଚଳକୁ ୟୁକ୍ରେନ ଫେରି ପାଇପାରିବ ବୋଲି ସେ ଜେଲେଁସ୍କିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ଜାତିସଂଘ ମହାସଭାର ବୈଠକ ଅବସରରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଭେଟିଥିଲେ। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ ପୋଷ୍ଟରେ ଉଲ୍ଲେଖ କରି କହିଛନ୍ତି ଯେ, ୟୁରୋପ ଓ ନାଟୋ ସହଯୋଗରେ ୟୁକ୍ରେନ ଯୁଦ୍ଧ ପୂର୍ବରୁ ହାରାଇଥିବା ନିଜ ଅଞ୍ଚଳକୁ ଫେରିପାଇ ପାରିବ। ରୁଷ୍‌ର ଅର୍ଥ ବ୍ୟବସ୍ଥା ଚାପରେ ରହିଥିବାରୁ ଏପରି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ରୁଷିଆକୁ ଏକ କାଗଜ ବାଘ ସହ ତୁଳନା କରିଛନ୍ତି। ରୁଷ ଗତ ସାଢ଼େ ୩ ବର୍ଷ ହେବ ଯୁଦ୍ଧରେ ଫସି ରହିଛି। କିନ୍ତୁ ଏପର୍ଯ୍ୟନ୍ତ ବିଜୟ ହାସଲ କରିପାରିନାହିଁ। ଯଦି ରୁଷ୍ ପାଖରେ ପ୍ରକୃତ ଶକ୍ତି ଓ ସାମର୍ଥ୍ୟ ଥାନ୍ତା, ତେବେ ଗୋଟିଏ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ ହୋଇଥାନ୍ତା। ଟ୍ରମ୍ପ ଜାତିସଂଘ ମହାସଭାରେ ନିଜ ଭାଷଣରେ ରୁଷ୍‌ଠାରୁ ତୈଳ ଓ ପ୍ରାକୃତିକ ଗ୍ୟାସ କ୍ରୟ ନ କରିବାକୁ ଓ ଏହାକୁ ପୂରାପୂରି ବନ୍ଦ କରିବାକୁ ଆହ୍ୱାନ ଜଣାଇଛନ୍ତି। ନାଟୋ ଦେଶଗୁଡିକ ପରୋକ୍ଷରେ ରୁଷକୁ ଯୁଦ୍ଧ କରିବା ପାଇଁ ପାଣ୍ଠି ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଗେମ୍ ଚେଞ୍ଜର ବୋଲି କହିଛନ୍ତି ଜେଲେଁସ୍କି। କାରଣ ପୂର୍ବରୁ ଟ୍ରମ୍ପ ୟୁକ୍ରେନକୁ କିଛି ଅଞ୍ଚଳ ଛାଡ଼ିବାକୁ ହେବ ବୋଲି କହିଥିଲେ। ଅଚାନକ ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ପରିବର୍ତ୍ତନ ଦେଖି ଜେଲେଁସ୍କି ନିଜେ ଚକିତ। ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଯୁଦ୍ଧ ରୋକିବାର ସହାୟକ ହେବ। ସେହିପରି ଭାରତ ଆମ ସାଥିରେ ଅଛି ଓ ଭାରତ ୟୁରୋପୀୟ ଦେଶଗୁଡିକ ସହ ସମ୍ପର୍କ ଦୃଢ଼ କରିବା ଆବଶ୍ୟକ ବୋଲି ଜେଲେଁସ୍କି କହିଛନ୍ତି।



## ଗାଜା ଯୁଦ୍ଧ ବନ୍ଦ କଲେ ଯାଇ ଟ୍ରମ୍ପଙ୍କୁ ମିଳିବ ନୋବେଲ ଶାନ୍ତି ପୁରସ୍କାର: ମାକ୍ରନ

ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ବ୍ୟାକୁଳତା ବୃଦ୍ଧି ପାଉଥିବା ବେଳେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଏଥିପାଇଁ ଏକ ସର୍ତ୍ତ ରଖିଛନ୍ତି। ଟ୍ରମ୍ପ ଯଦି ଗାଜାରେ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଚାଲିଥିବା ସଂଘର୍ଷକୁ ବନ୍ଦ କରିବେ, ତେବେ ଯାଇ ତାଙ୍କୁ ନୋବେଲ ପୁରସ୍କାର ମିଳିବ ବୋଲି ସେ କହିଛନ୍ତି। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ, ସେ ବିଶ୍ୱରେ ୭ଟି ଯୁଦ୍ଧକୁ ବନ୍ଦ କରିଥିଲେ। ଏଗୁଡିକ ହେଲା କାମ୍ବୋଡିଆ- ଥାଇଲାଣ୍ଡ, କୋସୋଭୋ- ସର୍ବିଆ, କଙ୍ଗୋ-ରୁୱାଣ୍ଡା, ଭାରତ- ପାକିସ୍ତାନ, ଇସ୍ରାଏଲ- ଇରାନ, ଇଜିପ୍ଟ- ଇଥିଓପିଆ ଓ ଆର୍ମେନିଆ- ଆଜରବୈଜାନ ଯୁଦ୍ଧ। ଏହି ଯୁଦ୍ଧଗୁଡିକ ବନ୍ଦ କରିଥିବାରୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକଦାର ବୋଲି ଟ୍ରମ୍ପ ବାରମ୍ବାର କହି ଆସୁଛନ୍ତି। ଗାଜାରେ ଚାଲିଥିବା ସଂଘର୍ଷକୁ କେବଳ ଟ୍ରମ୍ପ ହିଁ ରୋକିପାରିବେ ବୋଲି ମାକ୍ରନ କହିଛନ୍ତି। କାରଣ ଆମେରିକା ହିଁ ଇସ୍ରାଏଲର ସବୁଠାରୁ ବଡ଼ ସହଯୋଗୀ ଓ ଏହି ଯୁଦ୍ଧ ପାଇଁ ଆମେରିକା ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ଗାଜାର ଚାଲିଥିବା ଯୁଦ୍ଧ ପଛରେ କେବଳ ଆମେରିକାର ହିଁ ହାତ ଅଛି। ତେଣୁ ଟ୍ରମ୍ପ ଚାହିଁଲେ ଏହି ଯୁଦ୍ଧ ବନ୍ଦ ହୋଇପାରିବ ଓ ତାଙ୍କୁ ନୋବେଲ ପୁରସ୍କାର ମିଳିବ ବୋଲି ମାକ୍ରନ ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ପଲେଷ୍ଟାଇନକୁ ଜାତିସଂଘର ୧୯୩ଟି ଦେଶରୁ ୧୫୭ଟି ଦେଶ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛନ୍ତି।

## ଅହମଦାବାଦ ବିମାନ ଦୁର୍ଘଟଣା



## ବିଚାରବିଭାଗୀୟ ତଦନ୍ତ ଦାବି କଲେ ୫୫୦୦ ପାଇଲଟ୍

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ନିରପେକ୍ଷ ତଥା ବିଚାର ବିଭାଗୀୟ ତଦନ୍ତ ପାଇଁ ଏବେ ଫେଡେରେସନ ଅଫ୍ ଇଣ୍ଡିଆନ ପାଇଲଟ (ଏଫ୍‌ଆଇପି) ଦାବି କରିଛି। ଜଣେ ସୁପ୍ରିମକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ୍ ଅଦାଲତ ଗଠନ କରିବାକୁ ୫୫୦୦ ପାଇଲଟଙ୍କୁ ନେଇ ଗଠିତ ଏହି ସଂଗଠନ ଏଫ୍‌ଆଇପି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛି। ପୂର୍ବରୁ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଦ୍ୱାରା କରାଯାଇଥିବା ଯାଞ୍ଚ ନିରପେକ୍ଷ ନଥିଲା ଓ ଏଥିରେ ବୁଝମଣା କରାଯାଇଥିଲା ବୋଲି ଏଫ୍‌ଆଇପି କହିଛି। ନିରପେକ୍ଷ ଯାଞ୍ଚ ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟିକୁ ନେଇ ଏକ କାହଣୀ ସୃଷ୍ଟି କରାଯିବା ସହ ଏହାର ପ୍ରଚାର ପ୍ରସାର କରାଯାଉଛି। ଫଳରେ ଏଫ୍‌ଆଇପି ଏ ନେଇ ନିଜର ଅସନ୍ତୋଷ ଜାହିର କରିଛି। ସେପ୍ଟେମ୍ବର ୨୨ରେ ଏଫ୍‌ଆଇପି ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଅବଗତ କରାଇଛି। ଉଲ୍ଲେଖଥାଉ କି, ଅହମଦାବାଦ ବିମାନ ବନ୍ଦରରୁ ଟେକ୍ ଅଫ୍ କରିଥିବା ବୋଇଂ ୭୮୭-୮ ବିମାନ ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇ ପାଇଲଟଙ୍କ ସମେତ ୧୦ଜଣ କେବିନ କ୍ରୁ ଓ ୨୨୯ ଯାତ୍ରୀ ଓ ୧୦ ଅନ୍ୟଲୋକ ପ୍ରାଣ ହରାଇଥିଲେ। ପାଇଲଟ୍‌ଙ୍କ ଏହି ସଂଗଠନ ଏଏଆଇବିକୁ ଔପଚାରିକ ଭାବେ ନିନ୍ଦା କରିବାକୁ ଦାବି କରିଛି। ମୋଟ ଉପରେ ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦୋଷ ଦେବା ଆଦୌ ଠିକ୍ ନୁହଁ ବୋଲି ଏହି ପାଇଲଟ ସଂଗଠନ କହିଛି।



## ବିହାରରେ ପ୍ରଥମଥର ପାଇଁ ବସିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ପାଟନା, ୨୪।୯(ଏଜେନ୍ସି): ଦେଶ ସ୍ୱାଧୀନ ହେବା ପରେ ବିହାରରେ ପ୍ରଥମଥର ପାଇଁ କଂଗ୍ରେସ ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସିଛି। ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ନେତା ଯୋଗ ଦେଇଥିଲେ। ଏହି ବୈଠକ ଅପରାହ୍ଣ ୪ଟାରେ ଶେଷ ହୋଇଥିଲା।

ଏହି ଅବସରେରେ ଖଡ଼ଗେ କହିଥିଲେ ଯେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ମାନସିକ ରୂପେ ଅବସର ନେଇଛନ୍ତି। ବିଜେପି ତାଙ୍କୁ ବୋଝ ମନେ କରୁଛି। ଏଥିସହିତ ସେ ବୋକାରୀ, ଚାଷ ଓ ବନ୍ୟା ଜନିତ ସମସ୍ୟା ନେଇ ବିଜେପିକୁ ସମାଲୋଚନା କରିଥିଲେ। ସେହିପରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ସେ ନିର୍ବାଚନ କମିସନଙ୍କୁ ସମାଲୋଚନା ମଧ୍ୟ କରିଥିଲେ। ସେ କହିଥିତଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରିବା ଲାଗି ଷଡ଼ଯନ୍ତ୍ର ହୋଇଛି। ନିର୍ବାଚନ କମିସନ ନିରପେକ୍ଷତା ଅବଲମ୍ବନ କରୁନାହାନ୍ତି। ସେହିପରି ଜିଏସ୍‌ଟି ଦେଶର ଅର୍ଥବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଛି। ଚାଷୀଙ୍କର ଆୟ ଦୁଇଗୁଣା କରିବାରେ କେନ୍ଦ୍ର ସରକାର ସାଂଘାତିକ ଭାବେ ଫେଲ୍ ମାରିଛନ୍ତି। ବିହାରରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଅନ୍ତର୍ଜାତୀୟ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବନ୍ଧୁମାନଙ୍କ ପାଇଁ ଦେଶ ଆଜି ସଂକଟରେ ପଡ଼ିଛି। ବିହାରରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକର ଆୟୋଜନ କରି କଂଗ୍ରେସ କ୍ଷମତାକୁ ଆସିବ ବୋଲି ଆଶା ବାନ୍ଧିଛି। ୨୦୨୩ରେ ନିର୍ବାଚନ ସମୟରେ ତେଲଙ୍ଗାନାରେ କଂଗ୍ରେସ ତା'ର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଥିଲା ଓ ଏହାପରେ କଂଗ୍ରେସ କ୍ଷମତାକୁ ଫେରି ସରକାର ଗଠନ କରିଥିଲା। ବିହାରରେ ମଧ୍ୟ ଏହି ଭଳି ହେବ ବୋଲି କଂଗ୍ରେସ ନେତା ଆଶା ବାନ୍ଧିଛନ୍ତି।

## ଜୁବିନଙ୍କୁ କ'ଣ ହତ୍ୟା କରାଯାଇଛି?



ଗୌହାଟୀ, ୨୪।୯(ଏଜେନ୍ସି): ବଲିଉଡ୍ ତଥା ଆସାମୀ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି) ତଦନ୍ତ କରିବ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏ ନେଇ ବୁଧବାର ଘୋଷଣା କରିଛନ୍ତି। ଯଦି ଜୁବିନଙ୍କ ମୃତ୍ୟୁ ପାଇଁ କେହି ଦାୟୀ ଥିବେ ତାଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ହିମନ୍ତ, ଆସାମ ପୁଲିସ ଡିଜିପି, ଏଡିଜିପି, ବରିଷ୍ଠ ପୁଲିସ ଅଧିକାରୀ ଓ ମୁଖ୍ୟ ସଚିବଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି। ଏସ୍‌ଆଇଟି ସ୍ୱାଧୀନ ଭାବେ ତଦନ୍ତ କରିବ। ଜୁବିନଙ୍କ ବିଭିନ୍ନ ନମୁନା ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଫରେନସିକ ଲାବୋରାଟୋରୀ (ସିଏଫ୍‌ଏଲ)କୁ ପଠାଯିବ ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ୫୨ ବର୍ଷୀୟ ଜୁବିନ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ବେଳେ ଦୁର୍ଘଟଣା ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସେ ସିଙ୍ଗାପୁରରେ ଆୟୋଜନ ହେବାକୁ ଥିବା ନର୍ଥଇଷ୍ଟ ଫେଷ୍ଟିଭାଲରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ଜୁବିନଙ୍କ ଅନ୍ତେଷ୍ଟିକ୍ରିୟା ପୂର୍ବରୁ ତାଙ୍କ ମୃତଦେହକୁ ଦ୍ୱିତୀୟଥର ପାଇଁ ବ୍ୟବଚ୍ଛେଦ କରାଯାଇଥିଲା। ଜୁବିନ୍‌ଙ୍କୁ ରାଜକୀୟ ତଥା ରାଷ୍ଟ୍ରୀୟ ସମ୍ମାନ ସହ ୨୧ ତୋପର ସଲାମୀ ଦିଆଯାଇଥିଲା। ଜୁବିନ କ୍ୟାରିୟରରେ ୪୦ଟି ଭାଷାରେ ପାଖାପାଖି ୩୮, ୦୦୦ ଗୀତ ଗାଇଛନ୍ତି। ସେ ଆସାମ ସମେତ ସାରା ଭାରତୀୟ ସଙ୍ଗୀତ ଜଗତରେ ସ୍ୱତନ୍ତ୍ରେ ପରିଚୟ ସୃଷ୍ଟି କରିଥିଲେ। ସେ ବଲିଉଡରେ ୟା ଅଲି (ଗ୍ୟାଙ୍ଗଷ୍ଟାର), ଦିଲ ତୁ ହି ବତା (କ୍ରିସ-୩), ଦିଲ ରୁବା (ନମସ୍ତେ ଲଣ୍ଡନ), ଭିଗି ଭିଗି ରାତ (ଚେହେରା) ଭଳି ଗୀତ ଗାଇ ଲୋକପ୍ରିୟତାର ଶୀର୍ଷକୁ ଛୁଇଁ ଥିଲେ।

# ହଂକଂରେ ପହଞ୍ଚିଲା ଭୟଙ୍କର ବାତ୍ୟା; ୧୭ ମୃତ

## ୨୦୦ କିମି ବେଗରେ ବହିଲା ପବନ; ୫୦୦ ବିମାନ ବାତିଲ
## ୧୨୯ ନିଖୋଜ, ୨୦ ଲକ୍ଷ ଲୋକ ସ୍ଥାନାନ୍ତର

ହଂକଂ, ୨୪।୯(ଏଜେନ୍ସି): ବର୍ଷର ସବୁଠାରୁ ଭୟଙ୍କର ତଥା ବିଧ୍ୱଂସକ ବାତ୍ୟା ରାଗାସା ହଂକଂରେ ପହଞ୍ଚିଛି। ବାତ୍ୟା ହଂକଂକୁ ଛୁଇଁବା ପରେ ଘଣ୍ଟାପ୍ରତି ୨୦୦ କିମି ବେଗରେ ପବନ ବହୁଥିବାର ଦେଖାଯାଇଛି। ବାତ୍ୟା ଜନିତ ପ୍ରବଳ ବର୍ଷା କାରଣରୁ କେତୋକ ଅଞ୍ଚଳରେ ବନ୍ୟା ଆସିଛି। ବାତ୍ୟାର ଗତିକୁ ଲକ୍ଷ୍ୟ କରି ହଂକଂ ସରକାର ବୁଧବାର ଟାଇଫୁନ ୱାର୍ଣ୍ଣିଂ ସିଗ୍‌ନାଲ-୧୦ ଜାରି କରିଛନ୍ତି। ରାଗାସା ପ୍ରଥମେ ଚୀନ୍‌ରେ ହିଁ ଲ୍ୟାଣ୍ଡଫଲ୍ କରିଥିଲା। ରାଗାସାର ପ୍ରଭାବ ତାଇୱାନ ଓ ଚୀନରେ ମଧ୍ୟ ଦେଖିବାକୁ ମିଳିଛି। ତାଇୱାନରେ ଏହି ବାତ୍ୟା କାରଣରୁ ୧୭ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ୧୨୯ ଜଣ ନିଖୋଜ ହୋଇଛନ୍ତି। ସେହିପରି ଚୀନର ସାମୁଦ୍ରିକ ଅଞ୍ଚଳରେ ୨୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଚୀନରେ ୧୦୦ ଲୋକ ନିଖୋଜ ଅଛନ୍ତି। ରାଗାସା ଏକ ଫିଲିପିନୋ ଶବ୍ଦ। ଏହାର ଅର୍ଥ ହେଉଛି ହଠାତ ଦ୍ରୁତ ଗତିରେ ଯିବାକୁ ବୁଝାଯାଇଥାଏ। ରାଗାସା କାରଣରୁ ଏହି ସମ୍ପୂର୍ଣ୍ଣ ଅଞ୍ଚଳରେ ୫୦୦ଟି ବିମାନ ଉଡାଣକୁ ବାତିଲ କରାଯାଇଛି। ରାଗାସା କାରଣରୁ ଚୀନ୍ ଓ ତାଇୱାନରେ ବହୁତ କ୍ଷତି ହୋଇଛି।

### ଗଳି ପଡ଼ିଲା କାର୍, ବିଜୁଳି ଖୁଣ୍ଟ

ବ୍ୟାଙ୍କକ୍: ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ବୁଧବାର ଅଚାନକ ଏକ ସଡ଼କ ଧସିଯାଇଥିଲା ଓ ୫୦ ମିଟରର ବଡ଼ ଗାତ ସୃଷ୍ଟି ହୋଇଥିଲା। ଏହି ଗାତ ପାଖାପାଖି ୩୦ ଗୁଣା ୩୦ ମିଟର ଆକାରର ଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଅଣ୍ଡରଗ୍ରାଉଣ୍ଡ କନଷ୍ଟ୍ରକସନ କାରଣରୁ ଏହି ଗାତ ସୃଷ୍ଟି ହୋଇଛି ବୋଲି ବ୍ୟାଙ୍କକ୍ ଗଭରନର କହିଛନ୍ତି। ରାସ୍ତା ଉପରର ମାଟି ତଳେ ନିର୍ମାଣ ହେଉଥିବା ଟନେଲକୁ ଚାଲିଯାଇଛି ବୋଲି ସେ କହିଛନ୍ତି। ଏହି ଘଟଣା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରାସ୍ତା ଧସିବା ସହିତ କେତୋଟି କାର୍ ଓ ବିଜୁଳି ଖୁଣ୍ଟ ମଧ୍ୟ ଗାତ ଭିତରକୁ ଖସି ପଡୁଥିବାର ଦେଖାଯାଇଛି। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। କିନ୍ତୁ ଏଥିସହ ବ୍ୟାଙ୍କକ୍‌ର ଏକ ବଡ଼ କନଷ୍ଟ୍ରକସନ ପ୍ରୋଜେକ୍ଟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ୨୦୨୫ରେ ହୋଇଥିବା ଭୂକମ୍ପ ପରେ ଘଟିଛି। ଅଧିକାରୀମାନେ ଏହି ଅଞ୍ଚଳକୁ ସିଲ୍ କରିବା ସହ ଯାଞ୍ଚ୍ ଆରମ୍ଭ କରିଛନ୍ତି। ନିର୍ମାଣ କାର୍ଯ୍ୟକୁ ଆଗକୁ ସୁରକ୍ଷିତ ଓ ସନ୍ତୁଳିତ ଭାବେ କରାଯିବ। ଯାହା ଫଳରେ ଏଭଳି ଘଟଣା ଆଉ ଘଟିବ ନାହିଁ ବୋଲି ବ୍ୟାଙ୍କକ ଗଭରନର କହିଛନ୍ତି।